ଉନ୍ନତିଙ୍କ ବିଜୟ ଅଭିଯାନ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-55 ♦WEDNESDAY ♦19 AUGUST 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୫୫ ♦ବୁଧବାର ♦୧୯ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ମୃତ୍ୟୁଦଣ୍ଡ ପାଇଁ ଜାରି ରହିବ ଫାଶୀ ପ୍ରଥା: ସୁପ୍ରିମକୋର୍ଟ

ଅନ୍ୟ ପଦ୍ଧତି ପାଇଁ ଆବେଦନ ଖାରଜ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ମୃତ୍ୟୁଦଣ୍ଡାଦେଶ ପାଇଥିବା କଏଦୀମାନଙ୍କୁ ଫାଶୀ ଦିଆଯିବା ପ୍ରଥାକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ପିଟିସନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ଅଦାଲତଙ୍କ ଏହି ରାୟ ପରେ ମୃତ୍ୟୁଦଣ୍ଡ ପାଇଁ ପ୍ରଚଳିତ ଫାଶୀ ପ୍ରଥା ଜାରି ରହିବ ବୋଲି ସ୍ପଷ୍ଟ ହୋଇଛି। ମଙ୍ଗଳବାର ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏହି ରାୟ ଶୁଣାଇଛନ୍ତି। ଫାଶୀ ବଦଳରେ କମ୍ ଯନ୍ତ୍ରଣାଦାୟକ ପଦ୍ଧତି, ଯେପରିକି ଘାତକ ଇଞ୍ଜେକ୍ସନ, ଗୁଳି କରିବା କିମ୍ବା ଗ୍ୟାସ୍ ଚାମ୍ବର ବ୍ୟବହାର କରିବାକୁ ଆବେଦନରେ ଦର୍ଶାଯାଇଥିଲା। ତେବେ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଦଣ୍ଡାଦେଶ କାର୍ଯ୍ୟକାରୀ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଆପଣାଇବାକୁ କୋର୍ଟ ସଂସଦକୁ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ। ଅଦାଲତ ଏହା ମଧ୍ୟ କହିଛନ୍ତି ଯେ, ଫାଶୀ ବଦଳରେ ଅନ୍ୟ କୌଣସି ଉନ୍ନତ ଓ କମ୍ ଯନ୍ତ୍ରଣାଦାୟକ ବିକଳ୍ପ ନେଇ କେନ୍ଦ୍ର ସରକାର ଏକ ବିଶେଷଜ୍ଞ କମିଟି ଜରିଆରେ ସମୀକ୍ଷା କରିପାରିବେ। ପୂର୍ବରୁ କେନ୍ଦ୍ର ସରକାର ଏହି ପ୍ରଥା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଫାଶୀ ହେଉଛି ଏକ ଶୀଘ୍ର ଏବଂ ସରଳ ପଦ୍ଧତି ଏବଂ ଏହା ଅନ୍ୟ ପଦ୍ଧତି ଅପେକ୍ଷା କମ୍ ଯନ୍ତ୍ରଣାଦାୟକ ବୋଲି ସରକାର କହିଥିଲେ। ୨୦୧୭ରେ ବରିଷ୍ଠ ଆଇନଜୀବୀ ଋଷି ମାଲହୋତ୍ରାଙ୍କ ଦ୍ୱାରା ଏହି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାୟର କରାଯାଇଥିଲା। ଏଥିରେ ଲ' କମିସନଙ୍କ ୧୮୭ତମ ରିପୋର୍ଟକୁ ଆଧାର କରି ଫାଶୀ ପ୍ରଥା ଉଚ୍ଛେଦ କରିବାକୁ ଅନୁରୋଧ କରାଯାଇଥିଲା।

ବନ୍ଧ-ବାଡ଼ ମାନୁନି ପାଣି

ଉତ୍ତର ଓଡ଼ିଶା ବେହାଲ୍

■ ଭୁବନେଶ୍ୱର, ୧୮।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ଏବେ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି। ଏହା ପ୍ରଭାବରେ ସେଠାରେ ପ୍ରବଳ ବର୍ଷା ଜାରି ରହିଛି। ଫଳ ସ୍ୱରୂପ ବ୍ରାହ୍ମଣୀ ସମେତ ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ବୈତରଣୀ ନଦୀର ବନ୍ୟା ପ୍ରଭାବରେ ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ଲକ୍ଷାଧିକ ଲୋକ ଜଳବନ୍ଦୀ ଅବସ୍ଥାରେ ଥିବା ବେଳେ ଏବେ ବ୍ରାହ୍ମଣୀ ଓ ସୁବର୍ଣ୍ଣରେଖା ସ୍ଥିତି ମଧ୍ୟ ଚିନ୍ତା ବଢ଼ାଇଛି।

ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ସୁବର୍ଣ୍ଣରେଖା ନଦୀ ଜାମଶୋଳାଘାଟ ନିକଟରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ଜଳକା ଓ ଆଖୁଆପଦାଠାରେ ବୈତରଣୀ ମଧ୍ୟ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଏହା ବ୍ୟତୀତ ବୁଢ଼ାବଳଙ୍ଗ ନଦୀ ଗୋବିନ୍ଦପୁର, ବୈତରଣୀ ଆନନ୍ଦପୁର ଓ ବ୍ରାହ୍ମଣୀ ନଦୀ ଜେନାପୁର ନିକଟରେ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଝାଡ଼ଖଣ୍ଡ ସମେତ ଶିମିଳିପାଳ ଆଦିରେ ବର୍ଷାର ପ୍ରଭାବ ଅଧିକ ରହିଥିବାରୁ ଏହି ପାଣି ବୁଧବାର ବୈତରଣୀ ଓ ବ୍ରାହ୍ମଣୀରେ ପହଞ୍ଚିବା ସମ୍ଭାବନା ରହିଛି। ତେଣୁ ଏହି ନଦୀଗୁଡ଼ିକରେ ଜଳସ୍ତର ଆହୁରି ବଢ଼ିପାରେ। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତଙ୍କ ସୂଚନା ଅନୁସାରେ ଗତକାଲି ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ହୋଇଛି, ଏହାର ପ୍ରଭାବ ଆସନ୍ତାକାଲି ସୁଦ୍ଧା ଓଡ଼ିଶାରେ ଦେଖିବାକୁ ମିଳିବ। ▶ପୃଷ୍ଠା-୭

ଝାଡ଼ଖଣ୍ଡରେ ବର୍ଷା; ଫୁଲୁଛି ବ୍ରାହ୍ମଣୀ, ସୁବର୍ଣ୍ଣରେଖା

ଏବେ ବି ବିପଦ ସଂକେତ ଉପରେ ୩ ପ୍ରମୁଖ ନଦୀ

ଆହୁରି ୪ ଦିନ ପର୍ଯ୍ୟନ୍ତ କମି ନ ପାରେ ବନ୍ୟା ପାଣି

ବନ୍ୟାରେ ପ୍ରଭାବିତ ହୋଇଛନ୍ତି ୧୦ ଲକ୍ଷରୁ ଊର୍ଦ୍ଧ୍ୱ

ଓଲଟିଲା ବୋଟ୍; ଭାସିଗଲା ରିଲିଫ୍ ସାମଗ୍ରୀ

■ ଯାଜପୁର,୧୮।୮ (ସମିସ): ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତ ଓଲେଇପଡା ଗାଁକୁ ରିଲିଫ ସାମଗ୍ରୀ ନେଇ ଯାଉଥିବା ଏକ ବୋଟ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ବୋଟରେ ୧୫ ଜଣ ଥିବା ବେଳେ ସମସ୍ତେ ସୁରକ୍ଷିତ ଥିବା ଜଣାପଡିଛି। ତେବେ ବୋଟ୍‌ରେ ଥିବା ରିଲିଫ୍ ସାମଗ୍ରୀ ବନ୍ୟାଜଳରେ ଭାସିଯାଇଛି। ସୂଚନା ମୁତାବକ ଓଲେଇପଡ଼ା ଗାଁକୁ ଏକ ଟିମ୍ ରିଲିଫ ସାମଗ୍ରୀ ନେଇ ଯାଉଥିଲେ। ବଡ଼ବଜାର ବ୍ୟବସାୟୀ ସଂଘ ପକ୍ଷରୁ ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ ସାମଗ୍ରୀ ନେଇ ବୋଟରେ ଯାଉଥିବା ବେଳେ ବୁଢ଼ାଘାଟ ନିକଟରେ ▶ପୃଷ୍ଠା-୭

କାନ୍ଥ ପଡ଼ି ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

■ ବାରିପଦା/ରାଇରଙ୍ଗପୁର, ୧୮।୮ (ସମିସ): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଉପଖଣ୍ଡ ଅଞ୍ଚଳରେ ବର୍ଷା ବିପ୍ରାତ ବ୍ୟାପକ କ୍ଷତି କରିଛି। ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ସ୍ତ୍ରୀ ମୃତ୍ୟୁବରଣ କରିଥିବା ବେଳେ ସ୍ୱାମୀ ଗୁରୁତର ଆହାତ ହୋଇଛନ୍ତି। ବାଦାମପାହାଡ ଥାନା ଅନ୍ତର୍ଗତ ଚୁଆପାଣି ପଞ୍ଚାୟତର ଛଣୁଆ-ବଡ଼ସାହିର ବୀରଭଦ୍ର ମହାନ୍ତ (୫୨) ଓ ତାଙ୍କ ସ୍ତ୍ରୀ ହେମଲତା ମହାନ୍ତ (୪୫) ସୋମବାର ରାତିରେ ଶୋଇଥିଲେ। ତେବେ ରାତି ସାରା ଲଗାଣ ବର୍ଷା ପାଇଁ ପ୍ରାୟ ୩ଟା ସମୟରେ ପଡ଼ୋଶୀ ଘରର କାନ୍ଥ ଭୁଶୁଡ଼ିବା ପରେ ବୀରଭଦ୍ରଙ୍କ କାନ୍ଥ ଉପରେ ପଡ଼ିଥିଲା। ଫଳରେ ଦୁଇଟି କାନ୍ଥ ଉଭୟ ଦମ୍ପତିଙ୍କ ▶ପୃଷ୍ଠା-୭

ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି

■ ଭୁବନେଶ୍ୱର, ୧୮।୮ (ସମିସ): ରାଜ୍ୟର ବନ୍ୟା ପ୍ରଭାବିତଙ୍କ ପାଇଁ ୧୦୦୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଏକ ଉଚ୍ଚସ୍ତରୀୟ ବୈଠକରେ ବନ୍ୟା ପରିସ୍ଥିତି ଓ ରିଲିଫ୍ ସହାୟତା ସମ୍ପର୍କରେ ଆଲୋଚନା କରିବା ପରେ ଲୋକସେବା ଭବନ ଠାରେ ଗଣମାଧ୍ୟମକୁ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ଆମ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଏବଂ ଅର୍ଥ ଏ ଦିଗରେ ପ୍ରତିବନ୍ଧକ ହେବ ନାହିଁ, ଯାହା ଆବଶ୍ୟକ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବନ୍ୟା ପ୍ରଭାବିତ ଚାଷୀଙ୍କୁ କୃଷି ଇନପୁଟ୍ ସବ୍‌ସିଡି ବାବଦକୁ ୩୩ ପ୍ରତିଶତ ଓ ତାହାଠାରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀମାନଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦, ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୭,୦୦୦ ଏବଂ ସମସ୍ତ ପ୍ରକାର ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ କୃଷି ଇନପୁଟ୍ ସବସିଡି ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ବିଭିନ୍ନ ପ୍ରଜାତିର ଧାନ ଓ ଅଣଧାନ (ଯଥା-ବିରି) ବିହନ କିଣିବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସରକାରୀ ଓ ଘରୋଇ ବ୍ୟବସ୍ଥା ମାଧ୍ୟମରେ ବିହନ ଉପଲବ୍ଧ କରାଯିବ। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମାଗଣାରେ ପନିପରିବା ମିନିକିଟ୍ ପ୍ରଦାନ କରାଯିବ।

ପ୍ରଭାବିତ ଚାଷୀଙ୍କୁ ୨ ହେକ୍ଟର ପର୍ଯ୍ୟନ୍ତ ଇନପୁଟ୍ ସହାୟତା

ଯୁଦ୍ଧକାଳୀନ ଭିତ୍ତିରେ ହେବ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ

ପୂର୍ବସ୍ଥିତି ଫେରାଇ ଆଣିବାକୁ ବାଧକ ସାଜିବନି ଅର୍ଥ: ମୁଖ୍ୟମନ୍ତ୍ରୀ

ବନ୍ୟା ପରବର୍ତ୍ତୀ ରୋଗ ପୋକ ପରିଚାଳନା ପାଇଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୭୫ ପ୍ରତିଶତ ସବ୍‌ସିଡି ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ▶ପୃଷ୍ଠା-୭

ସୁପ୍ରିମକୋର୍ଟରେ ଝୁଲିଲା ଡିଜିପି ନିଯୁକ୍ତି

ସେପ୍ଟେମ୍ବର ୨ରେ ପରବର୍ତ୍ତୀ ଶୁଣାଣି

ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ଲଢ଼ିଲେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା

■ ଭୁବନେଶ୍ୱର, ୧୮।୮ (ସମିସ): ଓଡ଼ିଶା ପୁଲିସ ଡିଜି ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ଆଇନଗତ ଲଢେଇ ପୁଣି ଲମ୍ବିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ହୋଇଥିବା ଜବାବ କୋର୍ଟ ରେକର୍ଡରେ ଉପଲବ୍ଧ ନଥିବାରୁ ମାମଲାର ପରବର୍ତ୍ତୀ ଶୁଣାଣିକୁ ସେପ୍ଟେମ୍ବର ୨ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ଆଜି ମାମଲାର ଶୁଣାଣି କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ କହିଥିଲେ ଯେ, ରାଜ୍ୟ ସରକାର ଏହି ମାମଲାରେ ନିଜର ଉତ୍ତର ଦାଖଲ କରିଛନ୍ତି। ମାତ୍ର ଅଦାଲତର ରେକର୍ଡରେ ରାଜ୍ୟ ସରକାରଙ୍କ ଜବାବ ଉପଲବ୍ଧ ନ ଥିବା ଯୋଗୁଁ ପ୍ରଧାନ ବିଚାରପତି ଏହି ମାମଲାର ଶୁଣାଣି ନିମନ୍ତେ ଅସମ୍ମତ ହୋଇଥିଲେ। ରାଜ୍ୟ ସରକାରଙ୍କ ଜବାବ ରେକର୍ଡରେ ସ୍ଥାନ ପାଇଲା ପରେ ହିଁ ମାମଲାର ବିସ୍ତୃତ ଶୁଣାଣି କରାଯିବ ବୋଲି ପ୍ରଧାନ ବିଚାରପତି ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ଆସନ୍ତା ୨ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାର ପୁଲିସ ଡିଜି ଚୟନ ପ୍ରକ୍ରିୟାକୁ ନେଇ ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଛି। ରାଜ୍ୟ ସରକାର ଡିଜିପି ଚୟନରେ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଜାରି କରିଥିବା ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରିଥିବା ଅଭିଯୋଗ କରି ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦମ୍ବରମ୍ ମାମଲା ପରିଚାଳନା କରୁଛନ୍ତି। ପୂର୍ବ ଶୁଣାଣିରେ ରାଜ୍ୟ ସରକାରଙ୍କ ପକ୍ଷରୁ ▶ପୃଷ୍ଠା-୭

୪ ବିଚାରପତି ନିଯୁକ୍ତି ପାଇଁ କଲେଜିୟମ୍‌ର ସୁପାରିସ

■ କଟକ, ୧୮।୮ (ସମିସ): ଓଡ଼ିଶା ହାଇକୋର୍ଟରେ ୪ ଜଣ ଆଇନଜୀବୀଙ୍କୁ ବିଚାରପତି ଭାବେ ନିଯୁକ୍ତ କରିବା ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ କରିଛି। ଆଜି ଅନୁଷ୍ଠିତ କଲେଜିୟମ୍ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଆଇନଜୀବୀ ସସ୍ମିତା ତ୍ରିପାଠୀ, ଆଦିତ୍ୟ ନାରାୟଣ ଦାସ, ରଜିତ୍ ରୟ ଓ ଗୌତମ ମିଶ୍ରଙ୍କୁ ନୂତନ ବିଚାରପତି ଭାବେ ନିଯୁକ୍ତି ଦେବା ପାଇଁ କଲେଜିୟମ ସୁପାରିସ କରିଛି। ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିସକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିବା ପରେ ବିଚାରପତିଙ୍କ ନିଯୁକ୍ତି ସମ୍ପର୍କିତ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ। ବର୍ତ୍ତମାନ ଓଡିଶା ହାଇକୋର୍ଟରେ ମଞ୍ଜୁରୀପ୍ରାପ୍ତ ବିଚାରପତି ପଦ ୩୩ ହୋଇଥିବା ବେଳେ ଏବେ ମୁଖ୍ୟ ବିଚାରପତିଙ୍କ ସମେତ ୧୭ ଜଣ ବିଚାରପତି ରହିଛନ୍ତି।

ସୁପ୍ରିମକୋର୍ଟରେ ଆମିକସ୍ କ୍ୟୁରିଙ୍କ ତଥ୍ୟ

ଓଡ଼ିଶାର ୭୬% ସାଂସଦ ଅପରାଧ ଅଭିଯୁକ୍ତ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ରାଜନୀତିରେ ଅପରାଧୀକରଣକୁ ନେଇ ପୁଣି ଥରେ ଦେଶରେ ଆରମ୍ଭ ହୋଇଛି ବିତର୍କ। ସୁପ୍ରିମକୋର୍ଟରେ ଆମିକସ୍ କ୍ୟୁରିଙ୍କ ପକ୍ଷରୁ ଦାଖଲ ତଥ୍ୟ ଅନୁଯାୟୀ, ଦେଶର ୫୪୩ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୨୫୧ ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେଥିମଧ୍ୟରୁ ୧୭୦ ଜଣଙ୍କ ବିରୋଧରେ ଗୁରୁତର ଅଭିଯୋଗ ରହିଥିବା କୁହାଯାଇଛି। ତେବେ ଉଦ୍‌ବେଗଜନକ ବିଷୟଟି ହେଉଛି ଯେ ନିର୍ବାଚିତ ସାଂସଦଙ୍କ ସଂଖ୍ୟା ଓ ଅପରାଧ ହାର ଦୃଷ୍ଟିରୁ ଓଡ଼ିଶା ବି ପଛରେ ନାହିଁ। ୨୧ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୧୬ ଜଣ, ଅର୍ଥାତ୍ ପ୍ରାୟ ୭୬ ପ୍ରତିଶତଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଏହି ହାର ଦେଶର ସର୍ବାଧିକ ପ୍ରଭାବିତ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାକୁ ସ୍ଥାନ ଦେଇଛି। ରାଜ୍ୟଭିତ୍ତିକ ତାଲିକାରେ କେରଳ ପରେ ତେଲେଙ୍ଗାନା, ଓଡ଼ିଶା ଓ ଝାଡ଼ଖଣ୍ଡର ସ୍ଥିତି ଉଦ୍‌ବେଗଜନକ ରହିଛି।

୨୧ରୁ ୧୬ ସାଂସଦଙ୍କ ବିରୋଧରେ ମାମଲା

ଅଭିଯୁକ୍ତ ହାରରେ ଓଡ଼ିଶା ଦେଶରେ ତୃତୀୟ

ଦେଶର ୧୪ ମୁଖ୍ୟମନ୍ତ୍ରୀ ଅପରାଧ ଅଭିଯୁକ୍ତ

୨୦୨୪ ଲୋକସଭା ନିର୍ବାଚନ ସମୟରେ ଦାଖଲ ହୋଇଥିବା ସ୍ୱ-ଘୋଷିତ ଶପଥପତ୍ର ଆଧାରରେ ଏଡ଼ିଆର୍ ବିଶ୍ଳେଷଣ ଅନୁଯାୟୀ ଓଡ଼ିଶାର ୧୬ ଜଣ ବିଜୟୀ ସାଂସଦ ବିଭିନ୍ନ ଅପରାଧରେ ଅଭିଯୁକ୍ତ। ପ୍ରତାପ ଷଡ଼ଙ୍ଗୀ, ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପ ପୁରୋହିତ, ରୁଦ୍ର ନାରାୟଣ ପାଣି, ବୈଜୟନ୍ତ ପଣ୍ଡା, ଧର୍ମେନ୍ଦ୍ର ପ୍ରଧାନ, ସୁକାନ୍ତ ପାଣିଗ୍ରାହୀ, ▶ପୃଷ୍ଠା-୭

ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

କଠୋର ଆଭିମୁଖ୍ୟ ଗ୍ରହଣ କଲେ ସୁପ୍ରିମକୋର୍ଟ

ପୁଲିସ ବର୍ବରତାର ଯାଞ୍ଚ କରିବ ଉଚ୍ଚ କ୍ଷମତାସଂପନ୍ନ କମିଟି

ଛାତ୍ରୀମାନଙ୍କ ବିରୋଧରେ ଅସଦାଚରଣର ମଧ୍ୟ ଯାଞ୍ଚ ହେବ

ଭିଡିଓ ଫୁଟେଜ୍, ସିସିଟିଭି ରେକର୍ଡିଂ ହସ୍ତାନ୍ତର ପାଇଁ ନିର୍ଦ୍ଦେଶ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଦିଲ୍ଲୀରେ ଜୁଲାଇ ୨୦ ତାରିଖରେ କକ୍ରୋଚ୍ ପାର୍ଟିର ଆନ୍ଦୋଳନ ବେଳେ ଛାତ୍ରଛାତ୍ରୀଙ୍କ ବିରୋଧରେ ପୁଲିସର ବର୍ବରତା ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ବି ସାରା ଦେଶରେ ଆକ୍ରୋଶ ଜାରି ରହିଛି। ଏହି ଘଟଣାରେ ସୁପ୍ରିମ କୋର୍ଟ ମଧ୍ୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପୁଲିସ ବର୍ବରତାର ଯାଞ୍ଚ କରିବା ଲାଗି ସର୍ବୋଚ୍ଚ ଅଦାଲତ ଏକ ଉଚ୍ଚକ୍ଷମତାସଂପନ୍ନ କମିଟି ଗଠନ କରିବାକୁ ଘୋଷଣା କରିଛନ୍ତି। ଏହି କମିଟିରେ ପୂର୍ବତନ ବିଚାରପତି, ପୂର୍ବତନ ପୁଲିସ ଡିଜି ଏବଂ ସିବିଆଇର ପୂର୍ବତନ ନିର୍ଦ୍ଦେଶକ ରହିବେ। ପ୍ରତିବାଦ ଆନ୍ଦୋଳନରେ ସାମିଲ ଥିବା ଛାତ୍ରୀଙ୍କ ପ୍ରତି ଅଶାଳୀନ ବ୍ୟବହାର ଅଭିଯୋଗର ମଧ୍ୟ ଏହି କମିଟି ଯାଞ୍ଚ କରିବ।

ଆଜି ଏହି ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ▶ପୃଷ୍ଠା-୭

ମହଙ୍ଗା ମାଡ଼ ଅସମ୍ଭାଳ

ଚିନି କେଜି ୭୦, ପିଆଜ ୫୦

ଦିନକରେ ୧୫ ଟଙ୍କା ବଢ଼ିଲା ଚିନି

■ ଭୁବନେଶ୍ୱର, ୧୮।୮ (ସମିସ): ଖୁଚୁରା ବଜାରରେ ରେକର୍ଡ ସ୍ତରରେ ପହଞ୍ଚିଛି ଚିନି ଦର। ଚିନି ଦରରେ ହଠାତ୍ ବୃଦ୍ଧି ଏବେ ଖାଉଟିଙ୍କ ଅବସ୍ଥା ଘାଇଲା କରିଦେଇଛି। ଇଥାନଲ୍ ନାଟରେ ସରକାର ପେଷି ହୋଇଯାଇଛନ୍ତି। ଫଳରେ ଖୁଚୁରା ବଜାରରେ ଚିନି ମହଙ୍ଗା ହୋଇଛି। ଚିନି କିଲୋ ହଠାତ୍ ୭୦ ଟଙ୍କା ଛୁଇଁଛି। ୨୦୧୪ ପରେ ପ୍ରଥମ ଥର ପାଇଁ ଚିନି ଦରରେ ଏଭଳି ବୃଦ୍ଧି ସରକାରଙ୍କୁ ଅକଳରେ ପକାଇଛି। ମାତ୍ର ମାସକ ମଧ୍ୟରେ ଚିନି କିଲୋ ପିଛା ପାଖାପାଖି ୨୫ ଟଙ୍କା ବୃଦ୍ଧିରେ ବଜାର ଦରକୁ ଅଣାୟତ୍ତ କରିଦେଇଛି। ଚିନି ମୂଲ୍ୟ ନିୟନ୍ତ୍ରଣ କରିବା ଏବେ ସରକାରଙ୍କ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। ବଜାର ବିଶେଷଜ୍ଞମାନେ ମଧ୍ୟ ଚିନି ଦର ବୃଦ୍ଧି ପାଇଁ ସରକାରଙ୍କ ରପ୍ତାନି ନୀତିକୁ ଦାୟୀ କରୁଛନ୍ତି। ଚିନି ଦର ବୃଦ୍ଧି ପରେ ଆଗକୁ ବଜାରରେ ସମସ୍ତ ପ୍ରକାର ମିଠା ସାମଗ୍ରୀ ମହଙ୍ଗା ହେବ।

ଅଦା, ରସୁଣ ଦୁଇ ଶହ ପାର୍ ■ ୮୦ ଟଙ୍କା ତଳକୁ ପରିବା ନାହିଁ

ଜେପି ମୋର୍ଗାନ୍‌ର ଚେତାବନୀ

ସାର ଅଭାବରେ ଉଜୁଡ଼ିବ ଫସଲ

୨୦୨୭ରେ ଆକାଶ ଛୁଇଁବ ଦରଦାମ୍

■ ଭୁବନେଶ୍ୱର, ୧୮।୮ (ସମିସ): ବର୍ତ୍ତମାନ ସାରା ଦେଶରେ ଜାରି ରହିଛି ବନ୍ୟା ବିପ୍ରାତ। ପ୍ରବଳ ବନ୍ୟାରେ ଜନଜୀବନ ଅସ୍ତବ୍ୟସ୍ତ। ଏଥିରେ ଦାଉ ସାଜିଛି ମହଙ୍ଗା ବଜାର। ସହରଠାରୁ ଗାଁ ହାଟ ବଜାରଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀର ଉଚ୍ଚ ବଜାର ଦରରେ ଖାଉଟି ଅତିଷ୍ଠ। ବଜାରରେ ଆଳୁ, ପିଆଜ, ଡାଲି, ତେଲ, ଚିନି ଓ ଚାଉଳ ଦରରେ ହଠାତ୍ ବୃଦ୍ଧି ଖାଉଟିଙ୍କ ଅବସ୍ଥା ଘାଇଲା କରିଦେଇଛି। ଏଥିରେ ତେଲ, ବିସ୍କୁଟ୍, ସାବୁନ୍, ଡିଟରଜେଣ୍ଟଠାରୁ ଆରମ୍ଭ କରି ନୁଡୁଲ୍ସ ଯାଏ ଏଫ୍‌ଏମ୍‌ସିଜି ସାମଗ୍ରୀଗୁଡିକର ଆକାଶଛୁଆଁ ଦର ବେଡି ଉପରେ କୋରଡା ମାଡ଼ ସଦୃଶ। ହଠାତ୍ ଅଦା,ରସୁଣ, ପିଆଜ ସହ ଚିନି ଦର ବୃଦ୍ଧି ସରକାରଙ୍କ ନିଦ ହଜାଇ ଦେଲାଣି। ତେବେ ଏତିକିରେ ଖାଉଟିଙ୍କ ଉପରେ ଦର ବୃଦ୍ଧିର ଦାଉ ଶେଷ ହେଉନାହିଁ। ୨୦୨୭ରେ ଏହି ମହଙ୍ଗା ▶ପୃଷ୍ଠା-୭

ଇମ୍ରାନ ଖାନଙ୍କୁ ଆଶ୍ୱସ୍ତି

ଜେଲରୁ ଆଣି ଘରୋଇ ଡାକ୍ତରଖାନାରେ ଭର୍ତ୍ତି ପାଇଁ ପାକ୍ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଇସଲାମାବାଦ, ୧୮।୮ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ-ଏ-ଇନସାଫ (ପିଟିଆଇ)ର ପ୍ରତିଷ୍ଠାତା ଇମ୍ରାନ ଖାନଙ୍କୁ ତାଙ୍କର ଆଖି ସମସ୍ୟାର ପରୀକ୍ଷା ପାଇଁ ଇସଲାମାବାଦର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପାକିସ୍ତାନ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି । ୭୩ ବର୍ଷୀୟ ଖାନଙ୍କ ଆଖିରେ ହୋଇଥିବା ଜଟିଳ ସମସ୍ୟା ଦେଖାଦେଇଛି । ଏହାର ଚିକିତ୍ସା ପାଇଁ ବିଭିନ୍ନ ଆବେଦନର ଶୁଣାଣି କରି କୋର୍ଟ ଏହି ନିଷ୍ପତ୍ତି ଶୁଣାଇଛନ୍ତି । କୋର୍ଟ ଏହି ଅବସରରେ କହିଛନ୍ତି ଯେ, ବନ୍ଦୀମାନଙ୍କର ମୌଳିକ ଅଧିକାର, ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆସନ୍ତା କିଛି ଦିନ ମଧ୍ୟରେ ଇମ୍ରାନ ଖାନଙ୍କୁ ଇସଲାମାବାଦ ସ୍ଥିତ 'ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲ'କୁ ନିଆଯିବ । ସୂଚନାଯୋଗ୍ୟ, ଅଗଷ୍ଟ ୨୦୨୩ ରୁ ଜେଲରେ ଥିବା ଇମ୍ରାନ ଖାନଙ୍କୁ ଏହା ପୂର୍ବରୁ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ସରକାରୀ ଡାକ୍ତରଖାନାରେ ପ୍ରଦାନ କରାଯାଉଥିବା ଚିକିତ୍ସାରେ ଆବେଦନକାରୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କୁ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରିବା ପାଇଁ ଅନୁରୋଧ କରିଥିଲେ । ଅନ୍ୟପକ୍ଷରେ, ଆଡିଆଲା ଜେଲ କର୍ତ୍ତୃପକ୍ଷ କୋର୍ଟରେ ଏକ ରିପୋର୍ଟ ଦାଖଲ କରି ଦାବି କରିଛନ୍ତି ଯେ, ଇମ୍ରାନ ଖାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ଏବଂ ତାଙ୍କର ଦୃଷ୍ଟିଶକ୍ତି ବର୍ତ୍ତମାନ ପ୍ରାୟ ସ୍ୱାଭାବିକ ଅଛି ।

ଫିଲିପାଇନ୍ସ ସ୍କୁଲରେ ଗୁଳିକାଣ୍ଡ; ୨ ମୃତ

ମନିଲା, ୧୮।୮ (ଏଜେନ୍ସି): ଦକ୍ଷିଣ ଫିଲିପାଇନ୍ସର ଜାମ୍ବୋଆଙ୍ଗା ସହରରେ ଏକ ଶିକ୍ଷାନୁଷ୍ଠାନ ପରିସରରେ ଜଣେ ଛାତ୍ର ଗୁଳିକାଣ୍ଡ କରିଛି । ଏହି ଘଟଣାରେ ତାର ଜଣେ ସହପାଠୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆକ୍ରମଣକାରୀ ନିଜେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ମଙ୍ଗଳବାର ଘଟିଥିବା ଘଟଣାକୁ ଅଭିଯୁକ୍ତ ଛାତ୍ର ଜଣକ ସୋସିଆଲ ମିଡିଆରେ ସିଧା ପ୍ରସାରଣ କରିଥିଲା । ଅଟେନିଓ ଡି ଜାମ୍ବୋଆଙ୍ଗା ବିଶ୍ୱବିଦ୍ୟାଳୟର ହାଇସ୍କୁଲ ବିଲ୍ଡିଂରେ ଏହି ହିଂସାକାଣ୍ଡ ଘଟିଛି । ଅଭିଯୁକ୍ତ ଛାତ୍ରଙ୍କୁ ନବମ ଶ୍ରେଣୀର ମହମ୍ମଦ ମାଏଲ ଜଲାନୀ ଭାବେ ଚିହ୍ନଟ କରାଯାଇଛି । ସେ ଦୁଇଟି ପିସ୍ତଲ ଧରି ବିଦ୍ୟାଳୟ ପରିସରରେ ପ୍ରବେଶ କରିବା ସହ ନିଜ ଶରୀରରେ ଲାଗିଥିବା ଏକ

କ୍ୟାମେରା ସାହାଯ୍ୟରେ ଘଟଣାର ସିଧା ପ୍ରସାରଣ ଆରମ୍ଭ କରିଥିଲା । ଜଲାନୀ ପ୍ରଥମେ ଜଣେ ଶିକ୍ଷକଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲା । କିନ୍ତୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ । ଏହାପରେ ସେ ବିଲ୍ଡିଂର ଚତୁର୍ଥ ମହଲାରେ ଜଣେ ଦଶମ ଶ୍ରେଣୀର ଛାତ୍ରଙ୍କୁ ଗୁଳି କରି ହତ୍ୟା କରିଥିଲା । ପରେ ପଞ୍ଚମ ମହଲାକୁ ଯାଇ ସେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ପୁଲିସ ସ୍ପଷ୍ଟ କରିଛି । ଏହି ଗୁଳିକାଣ୍ଡରେ ଅନ୍ୟ ଦୁଇଜଣ ବ୍ୟକ୍ତି ଆହତ ହୋଇଛନ୍ତି । ତେବେ କେଉଁ କାରଣରୁ ଛାତ୍ର ଜଣକ ଏଭଳି ଚରମ ପଦକ୍ଷେପ ନେଲେ ତାହା ଜଣାପଡ଼ିନାହିଁ । ଘଟଣା ପରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ସ୍କୁଲରୁ ବାହାର କରାଯାଇଛି । ଫିଲିପାଇନ୍ସରେ ମାତ୍ର ଦୁଇ ମାସ ମଧ୍ୟରେ ଏହା ଦ୍ୱିତୀୟ ସ୍କୁଲ ଗୁଳିକାଣ୍ଡ ଘଟଣା ।

ଦିଲ୍ଲୀ ପରେ ପଶ୍ଚିମବଙ୍ଗ ମୁହାଁ କକ୍ରୋଚ୍ ପାର୍ଟି

ବାଙ୍କୁଡା, ୧୮।୮ (ଏଜେନ୍ସି): ଦିଲ୍ଲୀ ପରେ ଏବେ ପଶ୍ଚିମବଙ୍ଗ ମୁହାଁ ହୋଇଛି କକ୍ରୋଚ ଜନତା ପାର୍ଟି (ସିଜେପି) । ପଶ୍ଚିମବଙ୍ଗର ବାଙ୍କୁଡା ଜିଲ୍ଲାରେ ଜଣେ କକ୍ରୋଚ ପାର୍ଟି କର୍ମୀ ଏବଂ ତାଙ୍କ ପିତାଙ୍କ ଉପରେ ବର୍ବରୋଚିତ ଆକ୍ରମଣ ହୋଇଛି । ଆକ୍ରମଣ ପରେ କର୍ମୀଙ୍କ ପିତାଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ଏବେ ରାଜନୈତିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଏଥିରେ କ୍ଷୁବ୍ଧ ହୋଇ କକ୍ରୋଚ୍ ପାର୍ଟି ରାଜ୍ୟରେ ଆନ୍ଦୋଳନ କରିବାକୁ ଧମକ ଦେଇଛି ।

ସୂଚନାଯୋଗ୍ୟ ଯେ ସିଜେପିର 'ସ୍କୁଲ୍ ଠିକ୍ କରୋ' ଅଭିଯାନର ଅଂଶସ୍ୱରୂପ ଅଗଷ୍ଟ ୧୩ରେ ୨୭ ବର୍ଷୀୟ କର୍ମୀ ଶେଖ ଅବଦୁଲ ହାଫିଜ୍ ନିଜ ଗ୍ରାମର ଏକ ପ୍ରାଥମିକ ବିଦ୍ୟାଳୟର ଦୟନୀୟ ଅବସ୍ଥା ଉପରେ ଭିଡିଓ ରେକର୍ଡ କରିଥିଲେ । ଏହାର କିଛି ଘଣ୍ଟା ପରେ, ପ୍ରାୟ ୧୦୦ ରୁ ୧୫୦ ସଶସ୍ତ୍ର ଲୋକ ତାଙ୍କ ଘର ଘେରଉ କରିଥିଲେ । ସେମାନେ ହାଫିଜଙ୍କୁ ମାଡ଼ ମାରିବା ସହ ଫୋନରୁ ଭିଡିଓ ଡିଲିଟ୍ କରିବାକୁ ବାଧ୍ୟ କରିଥିଲେ । ହାଫିଜଙ୍କ ପିତା ଜନାବ ମାଫିକ ପୁଅକୁ ବଞ୍ଚାଇବାକୁ ଯାଇ ଆହତ ହୋଇଥିଲେ । ଆକ୍ରମଣର ଦୁଇ ଘଣ୍ଟା ପରେ ପୁଲିସ ଉଭୟଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା । କିନ୍ତୁ ଅଗଷ୍ଟ ୧୫ ତାରିଖ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମାଫିକଙ୍କର ମୃତ୍ୟୁ ଘଟିଥିଲା । ପଶ୍ଚିମବଙ୍ଗ ପୁଲିସ ମାଫିକଙ୍କ ଉପରେ ହୋଇଥିବା ଆକ୍ରମଣକୁ ଅସ୍ୱୀକାର କରିଛି । ତାଙ୍କର ମୃତ୍ୟୁ ରକ୍ତଚାପଜନିତ ସମସ୍ୟା ଯୋଗୁଁ ହୋଇଛି ବୋଲି ପୁଲିସ କହିଛି ।

- **ସ୍କୁଲର ଦୟନୀୟ ଅବସ୍ଥା ପଦାରେ ପକାଇବାରୁ ହତ୍ୟା**
- **ଅଭିଯୁକ୍ତଙ୍କୁ ଧରିବା ଲାଗି ୧୦ ଦିନର ମହଲତ ଦେଲା କକ୍ରୋଚ ପାର୍ଟି**

ଏହି ଘଟଣାକୁ ନେଇ ସିଜେପି ପ୍ରତିଷ୍ଠାତା ଅଭିଜିତ ଦିପକେ କ୍ଷୋଭ ପ୍ରକାଶ କରିଛନ୍ତି । ସେ ସରକାରଙ୍କୁ ୧୦ ଦିନର ସମୟ ଦେଇଛନ୍ତି । ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିବା, ପୁଲିସର ଅବହେଳା ବିରୋଧରେ ତଦନ୍ତ, ପୀଡିତ ପରିବାରକୁ ୨୪ ଘଣ୍ଟିଆ ସୁରକ୍ଷା, ମୃତ ମାଫିକଙ୍କ ନାମରେ ଗ୍ରାମରେ ଏକ ଆଧୁନିକ ବିଦ୍ୟାଳୟ ନିର୍ମାଣ ଭଳି ୪ ଦଫା ଦାବି ସେ ରଖିଛନ୍ତି । ଦାବି ପୂରଣ ନହେଲେ ବାଙ୍କୁଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ସିଜେପି ଚେତାବନୀ ଦେଇଛି । ତେବେ ଏହି ମାମଲାରେ ପୁଲିସ ବିଜେପି ନେତା ଅଷ୍ଟମ ମାଝୀଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି । କିନ୍ତୁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବିଜେପିର ସମ୍ପୃକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହା ଦୁର୍ବୃତ୍ତଙ୍କ କାର୍ଯ୍ୟ ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପଟେ, ସିଜେପି ନେତା ଆଶୁତୋଷ ରଙ୍ଗା ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ବିଜେପିର ଚାପ ଯୋଗୁଁ ପାର୍ଟିର ସଭା ସମିତିକୁ ବାତିଲ କରାଯାଉଛି । ତେବେ ରାଜ୍ୟରେ ଖୁବଶୀଘ୍ର ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସେ ଜଣାଇଛନ୍ତି ।

ଛାତ୍ର ଆନ୍ଦୋଳନ ବେଳେ ଏକେ-୪୭ ଗୁଳିଚାଳନା

ଏସ୍‌ପିଙ୍କୁ ହଟାଇଲେ ବିହାର ସରକାର, ୧୮ ଆଇପିଏସ୍‌ଙ୍କ ବଦଳି

ପାଟନା, ୧୮।୮ (ଏଜେନ୍ସି): ବିହାରର ଶିୱାନ୍ ଜିଲ୍ଲାରେ ଗତ ଜୁଲାଇ ମାସରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ଏକେ-୪୭ ରାଇଫଲ ବ୍ୟବହାରକୁ ନେଇ ସୃଷ୍ଟ ବିବାଦ ପରେ ରାଜ୍ୟ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଘଟଣାରେ ପୁଲିସ ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନ ଉଠିଥିଲା । ଏହାର ପଦକ୍ଷେପ ସ୍ୱରୂପ ଶିୱାନ୍ ପୁଲିସ ଅଧୀକ୍ଷକ (ଏସପି) ପୁରନ କୁମାର ଝାଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଛି । ସୂଚନା ଅନୁଯାୟୀ, ଗତ ଜୁଲାଇ ୨୫ରେ ଶିୱାନ୍‌ର ଜେପି ଛକର ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ସମୟରେ ଏହି ଘଟଣା ଘଟିଥିଲା । ଆନ୍ଦୋଳନକାରୀ ଘେରିଦେବା ପରେ କନଷ୍ଟେବଲ ଅଭିଷେକ କୁମାର ନିଜ ସୁରକ୍ଷା ପାଇଁ ଏକେ-୪୭ ରୁ ୪ ରାଉଣ୍ଡ ଆକାଶକୁ ଗୁଳି ଚଳାଇଥିଲେ । ଏହି ଘଟଣାରେ କନଷ୍ଟେବଲଙ୍କୁ ପୂର୍ବରୁ ନିଲମ୍ବିତ କରାଯାଇଛି । ଏବେ ଜିଲ୍ଲା ପୁଲିସ ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ମାମଲାରେ ସରକାର ପୁଲିସ ପ୍ରଶାସନର ୧୮ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ବଦଳି କରିଛନ୍ତି । ଶିୱାନରେ ଏକେ-୪୭ ଗୁଳିକାଣ୍ଡ ଏବଂ ଭୋଜପୁରରେ ହୋଇଥିବା ଏକ ଏନକାଉଣ୍ଟରକୁ ନେଇ ବିବାଦ ହୋଇଥିଲା । ପୁରନ କୁମାରଙ୍କ ସ୍ଥାନରେ ନାଳନ୍ଦାର ପୂର୍ବତନ ଏସପି ଭରତ ସୋନିଙ୍କୁ ସିୱାନର ନୂଆ ଏସପି ଭାବେ ନିଯୁକ୍ତ କରାଯାଇଛି । ସେହିପରି ଭୋଜପୁରରେ ସ୍ଥାନୀୟ କର୍ମକର୍ତ୍ତା ଭରତ ତିୱାରୀଙ୍କ ସହ ଜଡ଼ିତ ଏକ ଏନକାଉଣ୍ଟରକୁ ନେଇ ବିବାଦ ଦେଖାଦେବା ପରେ ସେଠାକାର ଏସପି ମିଷ୍ଟର ରାଜଙ୍କୁ ରୋହତାସ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ଅବଧେଶ ଦୀକ୍ଷିତଙ୍କୁ ଭୋଜପୁରର ନୂଆ ଏସପି ଭାବେ ନିଯୁକ୍ତ ଦିଆଯାଇଛି ।

ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ବିହାର ସରକାର ଏକ ସତ୍ୟପାଠ ଦାଖଲ କରିଛନ୍ତି । ସରକାରଙ୍କ ଅନୁଯାୟୀ, କନଷ୍ଟେବଲ ଜଣକ ଭିଡ଼ ମଧ୍ୟରେ ଆତ୍ମରକ୍ଷା ପାଇଁ ଖାଲି ଆକାଶକୁ ଗୁଳି ଚଳାଇଥିଲେ ଏବଂ ଏଥିରେ କେହି ଆହତ ହୋଇନାହାଁନ୍ତି । ତେବେ ସେହି ଦିନ ଅନ୍ୟ ସ୍ଥାନରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନରେ ତିନିଜଣ ପ୍ରଦର୍ଶନକାରୀ ସାମାନ୍ୟ ଆହତ ହୋଇଥିବା ସରକାର ସ୍ୱୀକାର କରିଛନ୍ତି । ଏଥିସହିତ ସହକାରୀ ସବ୍-ଇନ୍ସପେକ୍ଟର ନୀଲେଶ କୁମାର ସିଂ ମଧ୍ୟ ଭିଡ଼କୁ ହଟାଇବା ପାଇଁ ନିଜ ପିସ୍ତଲରୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିବା ସୂଚନା ମିଳିଛି । ଏହି ଘଟଣାକୁ ନେଇ ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଛାତ୍ର ଆନ୍ଦୋଳନ ପାଇଁ ଜଣେ କନଷ୍ଟେବଲଙ୍କୁ କିପରି ଏକେ-୪୭ ଭଳି ଅତ୍ୟାଧୁନିକ ମାରଣାସ୍ତ୍ର ପ୍ରଦାନ କରାଗଲା ଏବଂ ଏଥିପାଇଁ କିଏ ଅନୁମତି ଦେଇଥିଲେ, ସେ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ସମ୍ପୂର୍ଣ୍ଣ କମାଣ୍ଡ ଚେନ୍‌ର ଯାଞ୍ଚ ହେବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି । ପଦରୁ ହଟାଯିବା ପରେ ପୁରନ କୁମାର ଝାଙ୍କୁ ବର୍ତ୍ତମାନ କୌଣସି ନୂତନ ନିଯୁକ୍ତି ଦିଆଯାଇ ନାହିଁ । ସେ ବର୍ତ୍ତମାନ ନୂତନ ପୋଷ୍ଟିଂ ପାଇଁ ୱେଟିଂରେ ଅଛନ୍ତି । ଛାତ୍ର ଆନ୍ଦୋଳନ ବେଳେ ପୁଲିସର ଏହି ଆଚରଣକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜାରି ରହିଛି ।

ଜ୍ଞାନେଶ କୁମାରଙ୍କୁ ଟ୍ରମ୍ପ ନେଇଯାଆନ୍ତୁ: କଂଗ୍ରେସର କଟାକ୍ଷ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ନିର୍ବାଚନ ବ୍ୟବସ୍ଥା ଏବଂ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କୁ ପ୍ରଶଂସା କରିଛନ୍ତି । ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି । କଂଗ୍ରେସ ଏହି ପ୍ରଶଂସାକୁ ନେଇ ଟ୍ରମ୍ପ ଏବଂ ନିର୍ବାଚନ କମିସନଙ୍କୁ ତୀବ୍ର ସମାଲୋଚନା କରିଛି । ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟସଭା ସାଂସଦ ପବନ ଖେରା ଟ୍ରମ୍ପଙ୍କୁ ଟାର୍ଗେଟ କରିଛନ୍ତି । କହିଛନ୍ତି ଯେ ଯଦି ଟ୍ରମ୍ପ ଭାରତୀୟ ବ୍ୟବସ୍ଥାକୁ ଏତେ ପସନ୍ଦ କରୁଛନ୍ତି, ତେବେ ସେ ଜ୍ଞାନେଶ କୁମାରଙ୍କୁ ଆମେରିକା ନେଇଯାଆନ୍ତୁ । ଆମେ ଆମର ଇଭିଏମ୍ ଗୁଡ଼ିକୁ ମଧ୍ୟ ପରବର୍ତ୍ତୀ ବିମାନରେ ପଠାଇଦେବୁ ବୋଲି ଖେରା ସାମାଜିକ ଗଣମାଧ୍ୟମ ଏକ୍ସରେ ଲେଖିଛନ୍ତି । ପୂର୍ବରୁ ଟ୍ରମ୍ପ ଭାରତ ପ୍ରତି କରିଥିବା କଟାକ୍ଷର ପ୍ରତିବଦଳରେ ଏହା ଭାରତ ତରଫରୁ ଏକ ଉପହାର ହେବ ବୋଲି ସେ ବ୍ୟଙ୍ଗ କରିଛନ୍ତି ।

ଟ୍ରମ୍ପ ତାଙ୍କର ଟ୍ରୁଥ୍ ସୋସିଆଲ୍ ପୋଷ୍ଟରେ ଭାରତର ନିର୍ବାଚନ ମଡେଲକୁ ଉଦାହରଣ ଭାବେ ଦେଖାଇଥିଲେ । ଆମେରିକାରେ 'ସେଭ୍ ଆମେରିକାନ ଆକ୍ଟ' ଲାଗୁ କରିବାକୁ ସେ ଦାବି କରିଛନ୍ତି । ସେ କହିଛନ୍ତି ଯେ, ଭାରତର ଶେଷ ସାଧାରଣ ନିର୍ବାଚନରେ ପ୍ରାୟ ୬୪.୬ କୋଟି ଭୋଟର ଥିଲେ ଏବଂ ପ୍ରତ୍ୟେକ ଭୋଟରଙ୍କ ପାଇଁ ବୈଧ ଫଟୋ ପରିଚୟ ପତ୍ର ବାଧ୍ୟତାମୂଳକ ଥିଲା । ଟ୍ରମ୍ପ ଆହୁରି କହିଛନ୍ତି ଯେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଆମେରିକା ପ୍ରଶାସନକୁ ପଚାରିଥିଲେ - 'ବିନା ବୈଧ ପରିଚୟ ପତ୍ରରେ ଆପଣ ଆମେରିକାରେ ନିର୍ବାଚନ କିପରି କରୁଛନ୍ତି?' ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଜିଓ ଗୋର ମଧ୍ୟ ଟ୍ରମ୍ପଙ୍କ ଏହି ମତକୁ ସମର୍ଥନ କରିଛନ୍ତି । ସେ କହିଛନ୍ତି ଯେ, ଭାରତର ୨୦୨୪ ସାଧାରଣ ନିର୍ବାଚନ ଭୋଟର ପ୍ରାମାଣିକୀକରଣ ପାଇଁ ଏକ ବିଶ୍ୱସ୍ତରୀୟ ମାନଦଣ୍ଡ ସଦୃଶ । ତେବେ ଏହି ଭୋଟ ପରିଚୟପତ୍ର ବ୍ୟବସ୍ଥା କଂଗ୍ରେସ ସରକାର ଅମଳରେ ହିଁ ଆରମ୍ଭ ହୋଇଥିଲା ।

ରାମ ମନ୍ଦିର ଦାନ ଚୋରି ମାମଲା

ଏସ୍‌ଆଇଟି ରିପୋର୍ଟରେ ନାହିଁ ଚମ୍ପତ ରାୟଙ୍କ ନାମ



ଅଯୋଧ୍ୟା, ୧୮।୮ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଟ୍ରଷ୍ଟର ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ପୂର୍ବତନ ସଦସ୍ୟ ଅନିଲ ମିଶ୍ରଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରି କ୍ଲିନଚିଟ୍ ପ୍ରଦାନ କରିଛି । ଉତ୍ତରପ୍ରଦେଶ ଗୃହ ବିଭାଗ ପକ୍ଷରୁ ଗତ ସୋମବାର ଏସ୍‌ଆଇଟିର ଚୂଡ଼ାନ୍ତ ରିପୋର୍ଟ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ହସ୍ତାନ୍ତର କରାଯାଇଛି । ଦାନ ଚୋରି ସମ୍ପର୍କିତ ଅଭିଯୋଗ ପରେ, ଚମ୍ପତ ରାୟ ଏବଂ ଅନିଲ ମିଶ୍ର ନୈତିକତା ଆଧାରରେ ଜୁନ ୨୭ରେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ । ତଦନ୍ତ ପ୍ରକ୍ରିୟା ମଧ୍ୟରେ ଏସ୍‌ଆଇଟି ଉଭୟଙ୍କୁ ମନ୍ଦିରର ଦାନ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ପଚରାଉଚରା କରିଥିଲା । ସୂତ୍ର ଅନୁଯାୟୀ, ଜେରା ସମୟରେ ଚମ୍ପତ ରାୟ ଏହି ଚୋରି ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନଥିବା ଦୃଢ଼ ଭାବେ ଦର୍ଶାଇଥିଲେ । ସେ କହିଥିଲେ ଯେ, ଚୋରି ସମ୍ପର୍କରେ ସୂଚନା ପାଇବା ମାତ୍ରେ ସେ ହିଁ ପ୍ରଥମେ ଅଭିଯୋଗ କରିଥିଲେ, ଯାହା ଫଳରେ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା । ଦାନ ସଂଗ୍ରହରେ ଯେପରି କୌଣସି ଅନିୟମିତତା ନ ହେବ ତାହା ନିଶ୍ଚିତ କରିବା ତାଙ୍କର ଦାୟିତ୍ୱ ଥିଲା ଏବଂ କିଛି ଭୁଲ୍ ହେଉଥିବା ଜାଣିବା ପରେ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ବୋଲି ସେ ପ୍ରକାଶ କରିଥିଲେ । ଏହି ୩ ଜଣିଆ ଏସ୍‌ଆଇଟିର ନେତୃତ୍ୱ ଲକ୍ଷ୍ନୌ ବିଭାଗୀୟ କମିଶନର ବିଜୟ ବିଶ୍ୱାସ ପନ୍ତ ନେଇଥିଲେ । ଏଥିରେ ଅନ୍ୟ ସଦସ୍ୟ ଭାବେ ରେଞ୍ଜ ଆଇଜି କିରଣ ଏସ ଏବଂ ସ୍ୱତନ୍ତ୍ର ସଚିବ (ଅର୍ଥ) ନୀଲ ରତନ କୁମାର ସାମିଲ ଥିଲେ । ଟ୍ରଷ୍ଟର ଅନୁରୋଧ କ୍ରମେ ରାଜ୍ୟ ସରକାର ଜୁନ ୧୩ ତାରିଖରେ ଏହି ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଥିଲେ ।

ସୂଚନାଯୋଗ୍ୟ, ଏସ୍‌ଆଇଟିର ପ୍ରାଥମିକ ରିପୋର୍ଟ ଆଧାରରେ ଏହି ମାମଲାରେ ଅଭିନାଶ ଶୁକ୍ଳା, ଅନୁକଳ୍ପ ମିଶ୍ର, ଲବକୁଶ ମିଶ୍ର, ମନୀଷ କୁମାର ଯାଦବ, କରୁଣେଶ ପାଣ୍ଡେ, ରାମଶଙ୍କର ମିଶ୍ର, ସୁଭାଷ ଶ୍ରୀବାସ୍ତବ ଏବଂ ରାମ ଶଙ୍କର ଯାଦବଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯାଇଛି ।

ସୁପ୍ରିମକୋର୍ଟରେ ଦିଲ୍ଲୀ ପୁଲିସର ସଫେଇ

ଅତ୍ୟଧିକ ବଳ ପ୍ରୟୋଗ ହୋଇନି

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ଯନ୍ତର ମନ୍ତରଠାରେ ଜୁଲାଇ ୨୦ରେ ହୋଇଥିବା ଛାତ୍ର ଆନ୍ଦୋଳନ ଏବଂ ସଂସଦ ଅଭିମୁଖେ ପଦଯାତ୍ରା ସମୟରେ ପୁଲିସ ଅତ୍ୟଧିକ ବଳ ପ୍ରୟୋଗ କରିନାହିଁ ବୋଲି ଦିଲ୍ଲୀ ପୁଲିସ ସୁପ୍ରିମକୋର୍ଟଙ୍କୁ ଜଣାଇଛି । ପୁଲିସ ନିଜର ପକ୍ଷ ରଖି କହିଛି ଯେ, ସେହି ଦିନର ସଂସଦ ଅଭିମୁଖେ ଶୋଭାଯାତ୍ରା ବେଆଇନ ଥିଲା ଏବଂ ଏଥିପାଇଁ କୌଣସି ଅନୁମତି ଦିଆଯାଇ ନଥିଲା । ଡେପୁଟି କମିଶନର ସଚିନ ଶର୍ମାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠ ଅନୁଯାୟୀ, ଆନ୍ଦୋଳନକାରୀମାନେ ବ୍ୟାରିକେଡ୍ ଭାଙ୍ଗିବା ସହ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ ଏବଂ ସୁରକ୍ଷା ଉପକରଣ ଛଡ଼ାଇ ନେଇଥିଲେ । ପରିସ୍ଥିତି ନିୟନ୍ତ୍ରଣ ପାଇଁ ବଳ ପ୍ରୟୋଗ କରିବା ଜରୁରୀ ହୋଇପଡ଼ିଥିଲା । କିନ୍ତୁ ଏହା ବେଶ୍ ସୀମିତ ଥିଲା । ଏହି ସଂଘର୍ଷରେ ପ୍ରାୟ ୨୪୦ରୁ ଅଧିକ ପୁଲିସ କର୍ମଚାରୀ ଏବଂ ୨୦୦ ଜଣ ଆନ୍ଦୋଳନକାରୀ ଆହତ ହୋଇଥିବା ପୁଲିସ ଦର୍ଶାଇଛି । ପୁଲିସ କହିଛି ଯେ ଏହି ଆନ୍ଦୋଳନରେ ଅନେକ ଦୁର୍ଦ୍ଦାନ୍ତ ଓ ପୁରୁଣା ଅପରାଧୀ ସାମିଲ ଥିଲେ । ପ୍ରାୟ ୨, ୮୭୩ ଜଣ ଆନ୍ଦୋଳନକାରୀଙ୍କ ବିରୋଧରେ ହତ୍ୟା, ଲୁଟ୍ ଏବଂ ଦୁଷ୍କର୍ମ ଭଳି ଗୁରୁତର ମାମଲା ରହିଛି । ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ଫେସିଆଲ ରେକଗ୍ନିସନ ପଦ୍ଧତି ବ୍ୟବହାର କରାଯାଇଥିଲା । ଏହା ସହିତ ପୁଲିସ ସ୍ପଷ୍ଟ କରିଛି ଯେ, ଆନ୍ଦୋଳନକାରୀଙ୍କ ଉପରେ କଣ୍ଟା ଲଗା ଲାଠି ବ୍ୟବହାର କରାଯିବା ଅଭିଯୋଗ ମିଥ୍ୟା । ଭିଡିଓରେ ହାତରେ ସେଭଳି ଲାଠି ଧରଥିବା ବ୍ୟକ୍ତି ଆନ୍ଦୋଳନକାରୀ ବୋଲି ଜଣାପଡ଼ିଛି । ଏହି ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସୁପ୍ରିମକୋର୍ଟ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କମିଟିରେ ଜଣେ ପୂର୍ବତନ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି, ପୂର୍ବତନ ଡିଜିପି ଏବଂ ସିବିଆଇ ମୁଖ୍ୟ ସଦସ୍ୟ ରହିବେ । ଏହି କମିଟି ସିସିଟିଭି ଫୁଟେଜ୍‌ର ଯାଞ୍ଚ କରିବା ସହ ମହିଳା ଆନ୍ଦୋଳନକାରୀଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାର ଏବଂ ପୁଲିସର କାର୍ଯ୍ୟାନୁଷ୍ଠାନର ସଠିକତା ଉପରେ ତଦନ୍ତ କରିବେ । ଉଲ୍ଲେଖଯୋଗ୍ୟ, ନିଟ୍ ପରୀକ୍ଷା

ସଂସ୍କାର ଦାବିରେ କୋକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଯନ୍ତର ମନ୍ତରଠାରେ ୪୯ ଦିନ ଧରି ଏହି ଆନ୍ଦୋଳନ ଚାଲିଥିଲା । ଏହି ପରିପ୍ରେକ୍ଷୀରେ ସଂସଦ ଘେରଉ ଅଭିଯାନ ବେଳେ ଜୁଲାଇ ୨୦ରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ।

ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ପୁଣି ଗିରଫ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ଦିଲ୍ଲୀ ସରକାରଙ୍କ ଦୁର୍ନୀତି ନିବାରଣ ଶାଖା (ଏସିବି) ମଙ୍ଗଳବାର ଆମ ଆଦମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଦିଲ୍ଲୀ ଜଳ ବୋର୍ଡର ଏକ ଟେଣ୍ଡର ଦୁର୍ନୀତି ମାମଲାରେ ଗିରଫ କରିଛି । ଏହି ମାମଲାରେ ଜୈନଙ୍କ ସମେତ ଜଳ ବୋର୍ଡର ପୂର୍ବତନ ସିଇଓ ତଥା ଆଇଏଏସ ଅଧିକାରୀ ଉଦିତ ପ୍ରକାଶ ରାୟ ଏବଂ ଅନ୍ୟ ୪ ଜଣ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି । ଏହି ମାମଲାଟି ଦିଲ୍ଲୀ ଜଳ ବୋର୍ଡ (ଡିଜେବି)ର ସ୍ୱରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସଟିପି)ର ଆଧୁନିକୀକରଣ ପାଇଁ ହୋଇଥିବା ୧.୫୨ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟାରେ ହୋଇଥିବା ଅନିୟମିତତା ସହ ଜଡ଼ିତ । ଏସିବି ଅନୁଯାୟୀ, ୟୁରୋଟେକ୍ ଏନଭାୟରନମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଲାଭ ଦେବା ପାଇଁ ଟେଣ୍ଡରର ସର୍ତ୍ତାବଳୀରେ ପରିବର୍ତ୍ତନ କରାଯାଇଥିଲା । ତଦନ୍ତରୁ ଜଣାପଡ଼ିଛି ଯେ, ଟେଣ୍ଡର ପ୍ରକ୍ରିୟା ପୂର୍ବରୁ ହିଁ ସରକାରୀ ଅଧିକାରୀ ଏବଂ ଘରୋଇ ସଂସ୍ଥା ମଧ୍ୟରେ ଗୁପ୍ତ ଯୋଗାଯୋଗ ହୋଇଥିଲା । ଏସିବି ପକ୍ଷରୁ କୁହାଯାଇଛି ଯେ, ଏହି ଦୁର୍ନୀତିରୁ ମିଳିଥିବା ଲାଞ୍ଚ ଟଙ୍କା ବିଭିନ୍ନ ମଧ୍ୟସ୍ଥି ସଂସ୍ଥା ମାଧ୍ୟମରେ ପ୍ରଦାନ କରାଯାଇଥିଲା । ପୂର୍ବତନ ସିଇଓ ଉଦିତ ପ୍ରକାଶ ରାୟ ଓ ତାଙ୍କ ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରାୟ ୧.୫୨ କୋଟି ଟଙ୍କା ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି । ଉଲ୍ଲେଖଯୋଗ୍ୟ, ସତ୍ୟେନ୍ଦ୍ର ଜୈନ ପୂର୍ବରୁ ଏକ ଅର୍ଥ ହେରଫେର ମାମଲାରେ ୧୮ ମାସ ଜେଲରେ ରହିଥିଲେ । ସେ ୨୦୨୪ରେ ଜାମିନରେ ମୁକୁଳିଥିଲେ । ଆଜିର ଏହି ଗିରଫଦାରୀ ପରେ ଦିଲ୍ଲୀ ରାଜନୀତିରେ ଉଷ୍ମତା ଦେଖାଦେଇଛି । ଆପ୍ ଏହାକୁ ରାଜନୈତିକ ପ୍ରତିଶୋଧ ବୋଲି କହିଛି । ଯେଉଁ ସମୟରେ ଏହି ଅନିୟମିତତା ହୋଇଥିବା କୁହାଯାଉଛି, ସେତେବେଳେ ସତ୍ୟେନ୍ଦ୍ର ଜୈନ ଜେଲରେ ଥିଲେ । ତେବେ ତାଙ୍କୁ କିପରି ଦାୟୀ କରାଯିବ ବୋଲି ଆପ୍ ପ୍ରଶ୍ନ କରିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏହି ମାମଲାକୁ ମିଥ୍ୟା ବୋଲି କହିବା ସହ ଏହା ବିଜେପିର ନିର୍ଦ୍ଦେଶରେ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି । ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି ଏବଂ ଆଗକୁ ଅନ୍ୟ କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ମଧ୍ୟ ଯାଞ୍ଚ କରାଯାଉଛି ।

ପିଏମ୍ କେୟାର୍ସ ଫଣ୍ଡର ତଥ୍ୟ ଦେଲେ ସରକାର

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀଙ୍କ ନାଗରିକ ସହାୟତା ଏବଂ ଜରୁରୀକାଳୀନ ପରିସ୍ଥିତି ରିଲିଫ୍ ପାଣ୍ଠି (ପିଏମ୍ କେୟାର୍ସ ଫଣ୍ଡ)ର ସବିଶେଷ ଅଡିଟ୍ ରିପୋର୍ଟ ସାମ୍ନାକୁ ଆସିଛି । ଏହାପରେ ରାଜନୈତିକ ବାଦବିବାଦ ତେଜିଛି । ରିପୋର୍ଟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ପାଣ୍ଠିକୁ ମିଳୁଥିବା ଦାନ ପରିମାଣରେ ବଡ଼ ଧରଣର ହ୍ରାସ ଘଟିଛି । କିନ୍ତୁ ଏହାର ମୋଟ ଜମା ରାଶି ବୃଦ୍ଧି ଘଟିଛି । ଅନ୍ୟପଟେ, ପାଣ୍ଠିର ମାତ୍ର ଏକ କ୍ଷୁଦ୍ର ଅଂଶ ଖର୍ଚ୍ଚ କରାଯାଇଥିବାରୁ ବିରୋଧୀ କଂଗ୍ରେସ ଦଳ ସରକାରଙ୍କୁ ତୀବ୍ର ସମାଲୋଚନା କରିଛି ।

ରିପୋର୍ଟ ଅନୁଯାୟୀ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ପିଏମ କେୟାର୍ସ ଫଣ୍ଡରେ ମୋଟ ୮, ୪୫୨ କୋଟି ଟଙ୍କା ଗଚ୍ଛିତ ଅଛି । ଏହା ପୂର୍ବ ବର୍ଷର ୭, ୧୭୩ କୋଟି ଟଙ୍କା ତୁଳନାରେ ଅଧିକ । ଏହି ମୋଟ ରାଶିରୁ ୭, ୮୪୬ କୋଟି ଟଙ୍କା ଫିକ୍ସଡ୍ ଡିପୋଜିଟ୍‌ରେ ରଖାଯାଇଥିବା ବେଳେ ୬୦୫ କୋଟି ଟଙ୍କା ଜମା ଆକାଉଣ୍ଟରେ ରହିଛି । ତେବେ ୨୦୨୪-୨୫ ବର୍ଷରେ ପାଣ୍ଠିକୁ ଦେଶ ପକ୍ଷରୁ ମିଳୁଥିବା ଦାନରେ ୩୦% ହ୍ରାସ ଘଟି ଏହା ୪୭୯ କୋଟି ଟଙ୍କାକୁ ଖସି ଆସିଛି । ସେହିପରି ବିଦେଶୀ ଅନୁଦାନ ମଧ୍ୟ ୧୮% ହ୍ରାସ ପାଇ ମାତ୍ର ୯୨.୮ ଲକ୍ଷ ଟଙ୍କା ରହିଛି । ରିପୋର୍ଟ ଅନୁଯାୟୀ, ଗତ ଆର୍ଥିକ ବର୍ଷରେ ପାଣ୍ଠିର ବ୍ୟବହାର ଯଥେଷ୍ଟ କମ୍ ରହିଛି । ୨୦୨୪-୨୫ରେ ସମୁଦାୟ ୮୭.୮୫ ଲକ୍ଷ ଟଙ୍କା ବିତରଣ କରାଯାଇଛି, ଯାହା ପୂର୍ବ ବର୍ଷର ୧୫.୬ କୋଟି ଟଙ୍କା ତୁଳନାରେ ଯଥେଷ୍ଟ କମ୍ । ୨୦୨୦ରେ ଗଠିତ ଏହି ପାଣ୍ଠି ପୂର୍ବରୁ କୋଭିଡ-୧୯ ମହାମାରୀ ସମୟରେ ଅକ୍ସିଜେନ ପ୍ଲାଣ୍ଟ ଏବଂ ଭେଣ୍ଟିଲେଟର କିଣିବା ପାଇଁ ବଡ଼ ଅଙ୍କର ଅର୍ଥ ବିନିଯୋଗ କରିଥିଲା । ପାଣ୍ଠିରେ ବିପୁଳ ପରିମାଣର ଅର୍ଥ ଥିଲେ ମଧ୍ୟ ଏହାର ସ୍ୱଳ୍ପ ବ୍ୟବହାରକୁ ନେଇ କଂଗ୍ରେସ ନେତା ପୱନ ଖେରା ସରକାରଙ୍କ ଉପରେ ବର୍ଷିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ସରକାର ଉପଲବ୍ଧ ପାଣ୍ଠିର ମାତ୍ର ୦.୦୧ ପ୍ରତିଶତ ବ୍ୟବହାର କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସ'ରେ ସେ ଲେଖିଛନ୍ତି ଯେ, 'ଯେତେବେଳେ ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ଲୋକଙ୍କ ଜୀବନ ଦୁର୍ବିସହ କରିଦେଉଛି, ସେତେବେଳେ ୮, ୪୫୨ କୋଟି ଟଙ୍କା ଅକାମୀ ହୋଇ ପଡ଼ିରହିଛି । ଏହା କି ପ୍ରକାର ପିଏମ କେୟାର୍ସ ବୋଲି ସେ ପ୍ରଶ୍ନ କରିଛନ୍ତି ।

- **ଫଣ୍ଡରେ ରହିଛି ୮ ୪୫୨ କୋଟି ଟଙ୍କା**
- **ଖର୍ଚ୍ଚ ହୋଇଛି ମାତ୍ର ୦.୦୧%**
- **କମ୍ ଖର୍ଚ୍ଚ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ**

ଓଡ଼ିଶା କ୍ଷତି ସହିବ ଲକ୍ଷଲକ୍ଷ କୋଟି ଟଙ୍କା

ତେଜିଲା ଖଣି ଆଇନ ପ୍ରତ୍ୟାହାର ଦାବି

■ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଦାବି
■ ରାଜ୍ୟସହ ବିଶ୍ୱାସଘାତକତା କରିଛନ୍ତି ବିଜେପି ସାଂସଦ
■ ଓଡ଼ିଶା ବନ୍ଦ ଲାଗି କଂଗ୍ରେସ ଓ ବାମପନ୍ଥୀଙ୍କ ଚେତାବନୀ

ଭୁବନେଶ୍ୱର,୧୮।୮(ସମିସ): ଓଡ଼ିଶାର ସ୍ୱାର୍ଥ ବିରୋଧୀ ଏମ୍‌ଏମ୍‌ଡିଆର୍ ଆଇନ୍-୨୦୨୬ ବିରୋଧରେ ରାଜ୍ୟରେ ସୃଷ୍ଟି ହୋଇଛି ଜନମତ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ମେଳି ବାନ୍ଧୁଛନ୍ତି ରାଜ୍ୟର ବିରୋଧୀ ଦଳ। ବିଜେଡି ଏହି ଆଇନକୁ ବିରୋଧ କରିଥିବାବେଳେ ଏବେ କଂଗ୍ରେସ ଓ ବାମପନ୍ଥୀମାନେ ମଧ୍ୟ ଏହି ଆଇନ ପ୍ରତ୍ୟାହାର ଦାବି କରିଛନ୍ତି। ଏହି କ୍ରମରେ ମଙ୍ଗଳବାର କଂଗ୍ରେସ ଭବନଠାରେ ଇଣ୍ଡି ମେଣ୍ଟର ସହଯୋଗୀ, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍‌ଏଲ୍) ଲିବରେସନ, ଫରୱାର୍ଡ ବ୍ଲକ୍, ଏନ୍‌ସିପି ଓ ଏସ୍‌ପି ସହ କଂଗ୍ରେସର ନେତାମାନେ ଏକାଠି ହୋଇଛନ୍ତି। ରାଜ୍ୟର ସାମ୍ପ୍ରତିକ ଜନ ସମସ୍ୟା ଓ ବିଜେପି ସରକାରର ଜନବିରୋଧୀ ନୀତି ଉପରେ ଆଲୋଚନା କରି ଏହି ଆଇନ୍ ଦ୍ୱାରା ରାଜ୍ୟର ଖଣିଜ ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ଅଧିକାର ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଦଳମାନେ ମତ ପ୍ରକାଶ କରିଛନ୍ତି।

ଏହି ଆଇନ ଦ୍ୱାରା ଓଡ଼ିଶା ଆର୍ଥିକ ଭାବରେ ଏକ ବିପର୍ଯ୍ୟସ୍ତ ଅବସ୍ଥାକୁ ସମ୍ମୁଖୀନ ହେବେ, କର୍ପୋରେଟ ଲୁଣ୍ଠନ ବୃଦ୍ଧି ପାଇବ ଏବଂ ଆଦିବାସୀ ଜନଜାତି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ବିଜେପିର ସାଂସଦମାନେ ସଂସଦରେ ଏହି ବିଲ୍ କୁ ସମର୍ଥନ କରି ରାଜ୍ୟବାସୀଙ୍କୁ ବିଶ୍ୱାସଘାତକତା କରିଛନ୍ତି। ୨୦ ଅଗଷ୍ଟ ପରେ ବିଭିନ୍ନ ଇଣ୍ଡିଆ ମେଣ୍ଟ ଦଳମାନେ ପୁନର୍ବାର ଆଲୋଚନା କରି ମିଳିତ ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରିବେ। ଲୋକଙ୍କ ମୁଖ୍ୟ ସମସ୍ୟାକୁ କେନ୍ଦ୍ର କରି ଧାରାବାହିକ ପ୍ରଚାର ଓ ଆନ୍ଦୋଳନ କରାଯିବ। ଲୋକଙ୍କ ନ୍ୟାୟସଙ୍ଗତ ଦାବି ଓ ଅଧିକାର ପାଇଁ ସମସ୍ତ ବିଜେପିର ନୀତି ବିରୋଧରେ ଥିବା ସମସ୍ତ ବିରୋଧୀ ଦଳ, ଗଣତାନ୍ତ୍ରିକ ଶକ୍ତି, ସାମାଜିକ ସଂଗଠନ, କୃଷକ, ଶ୍ରମିକ, ଯୁବ, ଛାତ୍ର ଓ ମହିଳାମାନେ ଏକତ୍ରିତ ହୋଇ ଆଗେଇ ଆସିବାକୁ ବୈଠକରେ ଆହ୍ୱାନ କରାଯାଇଛି। ଏହା ବ୍ୟତୀତ ପାଠ୍ୟପୁସ୍ତକରେ ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ସହ ଶିକ୍ଷକମାନଙ୍କ ଦାବିକୁ ସମର୍ଥନ ଘୋଷଣା ହୋଇଛି। ସେହିପରି ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ସରକାର ଘୋଷଣା କରିଥିବା ରିଲିଫ୍ ପ୍ୟାକେଜ୍‌କୁ ଦଳମାନେ ସମୁଦ୍ରକୁ ଶଙ୍ଖ ପାଣି ବୋଲି କହିଛନ୍ତି। ପ୍ରତି ଏକର ଚାଷରେ କ୍ଷତି ସର୍ବନିମ୍ନ ୨୫ ୦୦୦ଟଙ୍କା ରୁ ଅଧିକ ହୋଇଥିବାବେଳେ ସରକାର ଏକର ପିଛା ୧,୦୦୦ରୁ କମ୍ ସହାୟତା ଘୋଷଣା କରିବା ବିପନ୍ନ ଚାଷୀଙ୍କ କ୍ଷତ ଉପରେ ଆଘାତ ସଦୃଶ ଏବଂ ନିର୍ମମ ଉପହାସ ବୋଲି ଦଳମାନେ କହିଛନ୍ତି।

ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ ଓ ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ପ୍ରତାପ ବାରିକଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ସନ୍ତୋଷ ସିଂ ସାଲୁଜା, ଅରବିନ୍ଦ ଦାସ, ଯମେଶ୍ୱର ସାମନ୍ତରାୟ, ଜୟନ୍ତ ଦାସ, ବଦ୍ରୀ ନାରାୟଣ ଦାଶ ଏବଂ ମହେନ୍ଦ୍ର ପରିଡ଼ା ପ୍ରମୁଖ ବିଭିନ୍ନ ଦଳର ନେତାମାନେ ଯୋଗଦେଇଥିଲେ।

ବଢୁଛି ଜଳସ୍ତର, ୧୫ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସନ୍ଧ୍ୟା ୬ଟାରେ ଜଳସ୍ତର ୬୧୯.୯୭ ଫୁଟ୍, ପ୍ରବେଶ କରୁଛି ୨.୨୮ ଲକ୍ଷ କ୍ୟୁସେକ୍ ଜଳ

ସମ୍ବଲପୁର, ୧୮।୮ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା ଓ ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ୨ ଲକ୍ଷରୁ ଅଧିକ ହେବାପରେ ଆଜି ପର୍ଯ୍ୟାୟକ୍ରମେ ଆଉ ୮ଟି ଗେଟ୍ ଖୋଲାଯାଇଛି। ଗତକାଲି ୭ଟି ଗେଟ୍ ଖୋଲା ଥିବାବେଳେ ଆଜି ପୂର୍ବାହ୍ଣ ୧୦ଟା ୪୫ ମିନିଟ୍ ସମୟରେ ୩ଟି ଗେଟ୍ ଏବଂ ଅପରାହ୍ଣ ୨ଟାବେଳେ ଆଉ ୪ଟି ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇ ଥିଲା। ଏହାପରେ ପୁଣି ସନ୍ଧ୍ୟା ୬ଟା ୨୦ ମିନିଟ୍ ସମୟରେ ଆଉ ଗୋଟିଏ ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପ୍ରତି ମୋଟ୍ ୧୫ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ୨ ଲକ୍ଷ କ୍ୟୁସେକ୍ ଉପରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି।

ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୯.୯୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୦ଟି ଏବଂ ଡାହାଣ ପାର୍ଶ୍ୱର ୫ଟି ଏହିଭଳି ମୋଟ ୧୫ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୨୮,୪୫୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୫୩,୮୦୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୧୯,୩୮୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧୪୫୬ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୪୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୦,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୪୯,୭୯୯ କ୍ୟୁସେକ୍, ଖଇରମାଲଠାରେ ୨,୭୩,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୭୯,୭୫୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୧,୬୩,୮୧୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୪୦.୧୭ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୯.୬୨ ମିମି ବର୍ଷା ରେକର୍ଡ କରାଯାଇଛି।

ଅଙ୍ଗନୱାଡି ପିଲାଙ୍କ ପୋଷଣ ତଥ୍ୟ ସଂଗ୍ରହ କରିବେ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ

ଭୁବନେଶ୍ୱର, ୧୮।୮(ସମିସ): ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନରତ ପିଲାଙ୍କ ପୋଷଣ ସମ୍ପର୍କିତ ତଥ୍ୟ ସଂଗ୍ରହ କରିବେ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ। ଏନେଇ ଆଜି ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ରାଜ୍ୟ ଏନଏସ୍‌ଏସ୍ ଶାଖା, ଉଚ୍ଚଶିକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜୟଦେବ ଭବନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ମହିଳା ଓ ଶିଶୁ ବିକାଶ ବିଭାଗ ବିଭାଗର ଶାସନ ସଚିବ ମୃଣାଳିନୀ ଦସ୍ୱରାଲ, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ର, ଉପ ଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ଏନଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ କୁମାର କୁଶୱାହ ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ମାର୍ଗଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୬ ହଜାର ମହିଳା ଏନଏସ୍‌ଏସ୍ ସ୍ୱେଚ୍ଛାସେବୀ ୨୩ ହଜାର ଅଙ୍ଗନୱାଡି କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କ ପୋଷାଣ ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିବେ।

ଦୁର୍ଘଟଣାରେ ପେଟରୁ ବାହାରିପଡ଼ିଲା ଅନ୍ତଃନଳୀ

ୟୁନିଫର୍ମରେ ବାନ୍ଧି ଘରକୁ ଫେରିଲେ ଛାତ୍ର

■ ଏମକେସିଜିରେ ସଫଳ ଅସ୍ତ୍ରୋପଚାର, ସ୍ଥିର ରହିଛି ସ୍ୱାସ୍ଥ୍ୟବସ୍ଥା
■ ସାଇକଲରେ ବିଦ୍ୟାଳୟ ଯିବା ବେଳେ ଦୁର୍ଘଟଣା

ବ୍ରହ୍ମପୁର,୧୮।୮(ସମିସ): ବିଦ୍ୟାଳୟ ଯିବା ସମୟରେ ଦୁର୍ଘଟଣାର ଶିକାର ହୋଇ ଧରାକୋଟ ବ୍ଲକ ଅନ୍ତର୍ଗତ ଏଗ ଗ୍ରାମର ପଞ୍ଚମ ଶ୍ରେଣୀ ଛାତ୍ର ଚିନୁ ମଲ୍ଲିକ(୧୧)ଙ୍କ ଗୁରୁତରଆହତହୋଇଥିଲେ। ଦୁର୍ଘଟଣାରେ ତାଙ୍କ ପେଟରେ ଗଭୀର ଆଘାତ ଲାଗିବା ସହ ଅନ୍ତଃନଳୀ ବାହାରି ପଡ଼ିଥିଲା। ଏଭଳି ଗୁରୁତର ଅବସ୍ଥାରେ ମଧ୍ୟ ଛାତ୍ର ଜଣକ ନିଜ ୟୁନିଫର୍ମରେ ଅନ୍ତନଳୀକୁ ବାନ୍ଧି ଘରକୁ ଫେରିଥିବା ଜଣାପଡ଼ିଛି। ଘରକୁ ଫେରିବା ପରେ ପରିବାର ଲୋକେ ଆମ୍ବୁଲାନ୍ସ ପାଇଁ ଉଦ୍ୟମ କରିଥିଲେ। ତେବେ ଗ୍ରାମକୁ ଆମ୍ବୁଲାନ୍ସ ଆସିବା ନିମନ୍ତେ ସଠିକ ରାସ୍ତା ନଥିବାରୁ ପରିବାର ଲୋକେ ପ୍ରାୟ ୧୦କିଲୋମିଟର ମୋଟର ସାଇକଲରେ ଯାଇଥିଲେ। ଏହାପରେ ଆମ୍ବୁଲାନ୍ସ ମିଳିବା ପରେ ଆହତ ଛାତ୍ରଙ୍କୁ ବଡ଼ଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇଥିଲା। ମେଡିକାଲରେ ଶିଶୁ ସର୍ଜରୀ ବିଭାଗର ଡାକ୍ତରୀ ଦଳ ଛାତ୍ରଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ପରୀକ୍ଷା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଚିକିତ୍ସା ପରେ ବର୍ତ୍ତମାନ ଆହତ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ତାଙ୍କୁ ଶିଶୁ ସର୍ଜରୀ ବିଭାଗରେ ରଖାଯାଇ ଚିକିତ୍ସା ଜାରି ରହିଛି। ସୂଚନାଯୋଗ୍ୟ ସ୍ୱର୍ଗତ କୁରୀ ମଲିକଙ୍କ ପୁଅ ଚିନୁ ବର୍ତ୍ତମାନ ପଞ୍ଚମ ଶ୍ରେଣୀରେ ପଢୁଛନ୍ତି। ତାଙ୍କ ଗ୍ରାମରେ ଥିବା ବିଦ୍ୟାଳୟକୁ ବନ୍ଦ କରିବା କାରଣରୁ ସେ ଗ୍ରାମରୁ ପ୍ରାୟ ୫କିମି ଦୂର ବାଲିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିତି ଯାଉଛନ୍ତି। ଗଞ୍ଜାମ ଓ ଗଜପତି ସୀମାନ୍ତରେ ଥିବା କାରଣରୁ ଯିବା ଆସିବାରେ ସମସ୍ୟା ହେଉଛି।

ଲକ୍ଷ୍ମୀପୁରରେ ମୃଦୁ ଭୂମିକମ୍ପ

କୋରାପୁଟ/ଲକ୍ଷ୍ମୀପୁର,୧୮।୮(ସମିସ): ଲକ୍ଷ୍ମୀପୁର ଅଞ୍ଚଳରେ ମଙ୍ଗଳବାର ରାତି ୮ଟା ୩୯ ମିନିଟରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ଅଚାନକ ଏକ ପ୍ରକାର ଶବ୍ଦ ହେବା ସହ ଭୂମି ଦୋହଲି ଯିବାରୁ ଲୋକେ ଭୟଭୀତ ହୋଇ ବାହାରକୁ ବାହାରି ପଡିଥିଲେ। ବସ୍ ଷ୍ଟାଣ୍ଡର କିଛି ବ୍ୟବସାୟୀ ମଧ୍ୟ ଦୋକାନରୁ ବାହାରି ପଡ଼ିଥିଲେ। ଭୂମିକମ୍ପ ଅନୁଭୂତ ହେବା ପରେ ପ୍ରାୟ ଅନେକ ଲୋକେ ଫୋନ ମାଧ୍ୟମରେ ଏ ନେଇ ପରସ୍ପରକୁ ପଚରାଉଚୁରା କରିଥିଲେ। ଗତ କିଛି ମାସ ତଳେ ମଧ୍ୟ ଲକ୍ଷ୍ମୀପୁରରେ ଏପରି ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ସେହିପରି ନାରାୟଣପାଟଣା ଅଞ୍ଚଳରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା।

ହତ୍ୟା ମାମଲା: ଅଦାଲତରେ ହାଜର ହେଲେ ସୋରଡ଼ା ବିଧାୟକ ନୀଳମଣି

ବ୍ରହ୍ମପୁର, ୧୮।୮ (ସମିସ): ଏକ ହତ୍ୟା ମାମଲାରେ ସୋରଡ଼ା ବିଜେପି ବିଧାୟକ ନୀଳମଣି ବିଶୋୟୀ ବ୍ରହ୍ମପୁର ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଛନ୍ତି। ବିଧାୟକଙ୍କ ସମେତ ଏହି ମାମଲାରେ ସମ୍ପୃକ୍ତ ତାଙ୍କର ଅନ୍ୟ ୪ଜଣ ସହଯୋଗୀ ମଧ୍ୟ ହାଜର ହୋଇଥିଲେ। ତେବେ କୌଣସି କାରଣରୁ ବିଧାୟକଙ୍କ ଭାଇ ତଥା ଏହି ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ବସନ୍ତ ବିଶୋୟୀ ଆଜି କୋର୍ଟରେ ହାଜର ହୋଇନଥିବା ଜଣାପଡିଛି। ୨୦୦୭ ଡିସେମ୍ବର ୩ତାରିଖ ଦିନ ଭଞ୍ଜନଗରରୁ ବାଙ୍କେଶ୍ୱରୀ ବସ ଯୋଗେ ଯାତ୍ରା କରୁଥିବା ବେଳେ ଜାମପଲ୍ଲୀ ଛକ ନିକଟରେ ବସକୁ ଅଟକାଇ ସୀତାପତିଙ୍କୁ ବସରୁ ଟାଣି ଆଣି ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଗୁରୁତର ଅବସ୍ଥାରେ ସୀତାପତିଙ୍କୁ କିଛି ଲୋକ ଉଦ୍ଧାର କରି ଭଞ୍ଜନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପରବର୍ତ୍ତି ସମୟରେ ସୀତାପତି ନାୟକଙ୍କର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଭଞ୍ଜନଗର ଥାନା ପୁଲିସ ବସନ୍ତ ବିଶୋୟୀ, ନୀଳମଣି ବିଶୋୟୀ, ଜିତେନ୍ଦ୍ର କୁମାର ନାୟକ, ବିଦ୍ୟାଧର ସ୍ୱାଇଁ, ଶିବ ପ୍ରସାଦ ଜେନା ଓ ସୁଶାନ୍ତ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତି ସମୟରେ ହାଇକୋର୍ଟରୁ ସମସ୍ତ ଅଭିଯୁକ୍ତ ଜାମିନରେ ମୁକୁଳିଥିବା ଜଣାପଡିଛି। ଅଭିଯୋଗ ପ୍ରକାରେ ସୀତାପତିଙ୍କ ପୁଅ ବସନ୍ତଙ୍କୁ ଗାଙ୍ଗପୁର ଗ୍ରାମର ନୀଳମଣି ବିଶୋୟୀ, ବସନ୍ତ ବିଶୋୟୀ, ଜିତୁ ନାୟକ ଓ ତାଙ୍କ ସହଯୋଗୀମାନେ ବାଡେଇ ବାଡେଇ ଲଣ୍ଡା କରି ବଜାରରେ ବୁଲାଇଥିଲେ ଏବଂ ବସନ୍ତଙ୍କ ସାଙ୍ଗ ସୁରେନ୍ଦ୍ରଙ୍କୁ ପିଟିପିଟି ମାରି ପରେ ପୋଡି ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ସୀତାପତି ନାୟକ ଗାଙ୍ଗପୁର ଥାନାରେ କେସ ନଂ ୩୬/୨୦୦୭ରେ ମାମଲା ରୁଜୁ କରିଥିବା କାରଣରୁ ଘଟଣା ପରଠାରୁ ଅଭିଯୁକ୍ତମାନେ ସୀତାପତି ଓ ତାଙ୍କ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଗୁରୁତର ସୀତାପତି ମୃତ୍ୟୁକାଳୀନ ଜମାନବନ୍ଦୀ ଦେଇଥିବା ଜଣାପଡିଛି। ମାମଲାଟି ପୂର୍ବରୁ ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ବିଚାରଣା ଚାଲିଥିଲା। ତେବେ ଏହି ମାମଲରେ ସମ୍ପୃକ୍ତ ନୀଳମଣି ବିଶୋୟୀ ଗତ ୨୦୨୪ ସାଧାରଣ ନିର୍ବାଚନରେ ସୋରଡାର ବିଧାୟକ ଭାବେ ନିର୍ବାଚିତ ହେବାପରେ ମାମଲାଟି ଇତିମଧ୍ୟରେ ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍(ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟକୁ ସ୍ଥାନାନ୍ତର ହୋଇଛି। ଏଠାରେ ଆଜି ମାମଲାର ବିଚାରଣା ଆରମ୍ଭ ହୋଇଥିବା ବେଳେ ବିଧାୟକ ନୀଳମଣି ବିଶୋୟୀଙ୍କ ସମେତ ଜିତେନ୍ଦ୍ର କୁମାର ନାୟକ, ବିଦ୍ୟାଧର ସ୍ୱାଇଁ, ଶିବ ପ୍ରସାଦ ଜେନା ଓ ସୁଶାନ୍ତ ବେହେରା କୋର୍ଟରେ ହାଜର ହୋଇଥିଲେ। ବିଧାୟକଙ୍କ ଭାଇ ବସନ୍ତ ବିଶୋୟୀ କୋର୍ଟରେ ହାଜର ହୋଇପାରିନଥିଲେ। ଏହି ମାମଲାର ପରବର୍ତ୍ତି ଶୁଣାଣି ସେପ୍ଟେମ୍ବର ୭ ତାରିଖରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି। ଏହି ମାମଲାରେ ହାଇକୋର୍ଟରେ ହୋଇଥିବା ଏକ ପିଟିସନର ଶୁଣାଣି କରି ୯ ମାସ ମଧ୍ୟରେ ମାମଲା ଶେଷ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିବା ବେଳେ ଇତି ମଧ୍ୟରେ ୭ମାସ ବିତିଯାଇଥିବା ଜଣାପଡିଛି।

ଏସ୍‌ସି ଓ ଏସ୍‌ଟି ପିଲାଙ୍କ ପାଇଁ 'ବିଦେଶୀ ଶିକ୍ଷାବୃତ୍ତି'

ଭୁବନେଶ୍ୱର, ୧୮।୮(ସମିସ): ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗର ଛାତ୍ରଛାତ୍ରୀମାନେ ବିଦେଶରେ ଉଚ୍ଚଶିକ୍ଷା ପାଇଁ ରାଜ୍ୟ ସରକାର ନୂତନ ଛାତ୍ରବୃତ୍ତି ଯୋଜନା ଆରମ୍ଭ କରିଛନ୍ତି। କ୍ୟୁଏସ୍ ର୍‍ୟାଙ୍କିଙ୍ଗ୍‌ରେ ଶ୍ରେଷ୍ଠ ୨୦୦ ସ୍ଥାନରେ ଥିବା ବିଦେଶୀ ଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ଓ ପିଏଚ୍‌ଡି ପଢ଼ିବା ପାଇଁ 'ବିଦେଶୀ ଶିକ୍ଷାବୃତ୍ତି' ପ୍ରଦାନ କରିବେ। ପରିବାରର ବାର୍ଷିକ ଆୟ ୧୨ ଲକ୍ଷ ବା କମ୍ ଥିବା ପିଲାମାନେ ଏହି ଯୋଜନା ପାଇବାକୁ ଯୋଗ୍ୟ ବିବେଚିତ ହେବେ। ବର୍ଷକୁ ସର୍ବାଧିକ ୫୦ ଜଣ ଏସ୍‌ଟି ଓ ଏସ୍‌ସି ପିଲାଙ୍କୁ ସହାୟତା ପ୍ରଦାନ କରାଯିବ। ୨୦୨୪-୨୫ ଏବଂ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଓଏସ୍‌ଏସ୍ ପୋର୍ଟାଲ୍‌ରେ ଚଳିତ ମାସ ଶେଷ ସୁଦ୍ଧା ଆବେଦନ କରିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ନୂତନ ମାର୍ଗଦର୍ଶିକା ଅନୁଯାୟୀ, ପିଏଚ୍‌ଡି ପାଇଁ ସର୍ବାଧିକ ୨ ବର୍ଷ ଏବଂ ପିଜି ପାଇଁ ୧ରୁ ୨ ବର୍ଷ ଅବଧି ରହିଛି। ସେହିପରି ପିଏଚ୍‌ଡି ପାଇଁ ପିଜିରେ ଏବଂ ପିଜି ପାଇଁ ସ୍ନାତକରେ ଅତି କମ୍‌ରେ ୬୫% ମାର୍କ ଥିବା ଆବଶ୍ୟକ। ପିଏଚ୍‌ଡି ପାଇଁ ବୟସ ସୀମା ୪୦ ଓ ପିଜି ପାଇଁ ୩୫ ବର୍ଷ ଧାର୍ଯ୍ୟ କରାଯାଇଛି। ଉଭୟ ପାଠ୍ୟକ୍ରମ ପାଇଁ ବର୍ଷକୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ମିଳିବ।

ଅଦାଲତ ଅବମାନନା ମାମଲାରେ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

୩ ଦିନରେ ଆଦେଶ କାର୍ଯ୍ୟକାରୀ ନ ହେଲେ ଗିରଫ ହେବେ ଅତିରିକ୍ତ ସଚିବ

କଟକ, ୧୮।୮(ସମିସ): ଅଦାଲତଙ୍କ ଆଦେଶ ଅବମାନନା ମାମଲାରେ ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଲିଙ୍ଗରାଜ ରୋଡ୍ ପାସେଞ୍ଜର ହଲ୍ଟ ଫାଟକ ନିକଟରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ କାର୍ଯ୍ୟର ମୂଲ୍ୟ ବୃଦ୍ଧି ବାବଦ ସୁଧ ପ୍ରଦାନ କରିବାକୁ ଗତ ୨୦୨୫ ଜୁନ ୨୦ରେ ଦିଆଯାଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇ ନଥିବାରୁ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଆସନ୍ତା ୩ଦିନ ମଧ୍ୟରେ ଅଦାଲତଙ୍କ ଉପରୋକ୍ତ ଆଦେଶ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି ଆଦେଶ ପାଳନ ନ ହୁଏ, ତେବେ ପ୍ରତିପକ୍ଷ ପୂର୍ତ୍ତ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ଭୁବନେଶ୍ୱର ଡିସିପି ୪୮ ଘଣ୍ଟା ପାଇଁ ତାଙ୍କ କାର୍ଯ୍ୟାଳୟରୁ ଗିରଫ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଷ୍ଠା ଇଞ୍ଜିନିୟରିଂ ଲିମିଟେଡ୍ ତରଫରୁ ଦାୟର ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଲିଙ୍ଗରାଜ ରୋଡ୍ ନିକଟସ୍ଥ ଫ୍ଲାଏଓଭର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଶ୍ରମିକ ମଜୁରୀ ଓ ଅନ୍ୟାନ୍ୟ ଖର୍ଚ୍ଚ ବୃଦ୍ଧି ବାବଦକୁ ୨.୭୯ କୋଟି ଟଙ୍କାର ପ୍ରାପ୍ୟ ୨୦୧୮ ମସିହାରୁ ଅଟକି ରହିଥିଲା। ପୂର୍ବରୁ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ମୂଳ ବାକି ଟଙ୍କା ୨୦୨୧ରେ ପଇଠ କରାଯାଇଥିଲା, ମାତ୍ର ଦୀର୍ଘ ୩ବର୍ଷ ବିଳମ୍ବରେ ଏହା ପ୍ରଦାନ କରାଯାଇଥିବାରୁ କମ୍ପାନୀ ସୁଧ ଦାବି କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା। ୨୦୨୫ ଜୁନ୍ ୨୦ ତାରିଖରେ ହାଇକୋର୍ଟ ଏହି ମାମଲାର ରାୟ ଦେଇ ୨୦୧୮ ଜୁନ୍ ୨୯ରୁ ୨୦୨୧ ଜୁଲାଇ ୩୦ ପର୍ଯ୍ୟନ୍ତ ସମୟସୀମା ପାଇଁ ୨.୭୯ କୋଟି ଟଙ୍କା ଉପରେ ବାର୍ଷିକ ୯% ହାରରେ ସୁଧ ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥ ଦୁଇ ମାସ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଆସନ୍ତା ଅଗଷ୍ଟ ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

ଭଦ୍ରକ ଜିଲ୍ଲାପାଳଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୮।୮(ସମିସ): ହାଇକୋର୍ଟଙ୍କ ପୂର୍ବରୁ ରହିଥିବା ନିର୍ଦ୍ଦେଶ ସତ୍ତ୍ୱେ ଜଣେ କର୍ମଚାରୀଙ୍କୁ ଆରଏସିପି ସୁବିଧା ପ୍ରଦାନ କରା ନଯିବା ଭଦ୍ରକ ସ୍ପେସାଲ ପ୍ଲାନିଂ କର୍ତ୍ତୃପକ୍ଷ (ଏସପିଏ) ପାଇଁ ମହଙ୍ଗା ପଡିଛି। ଭଦ୍ରକ ଜିଲ୍ଲାପାଳ ଓ ସ୍ପେସାଲ ପ୍ଲାନିଂ କର୍ତ୍ତୃପକ୍ଷଙ୍କୁ ମାମଲାର ପରବର୍ତ୍ତୀ ଶୁଣାଣି ଦିନ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏସପିଏ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ପ୍ରତିପକ୍ଷ କର୍ମଚାରୀ ଅଭୟ କୁମାର ଦାସଙ୍କୁ ଏସପିଏ ପକ୍ଷରୁ ଆରଏସିପି ସୁବିଧା ପ୍ରଦାନ ପାଇଁ ଗତ ୨୦୨୫, ମେ ୧୨ରେ ଏସପିଏକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ବଦଳରେ ଏସପିଏ ପକ୍ଷରୁ ଉପରୋକ୍ତ ରାୟର ପୁନର୍ବିଚାର ପାଇଁ ଆବେଦନ ଦାୟର କରିଥିଲା। ଏପରି ଅର୍ଥ ମଞ୍ଜୁର କରିବା ପାଇଁ ଏସପିଏର କ୍ଷମତା ନାହିଁ ବୋଲି ଦର୍ଶାଇଥିଲା। ଜିଲ୍ଲାପାଳ ମୁଖ୍ୟ ଥିବା ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ଏପରି ସୁବିଧା ପ୍ରଦାନ କରିବା ପାଇଁ ପ୍ରାଧିକୃତ ଅଧିକାରୀ। ଏଥି ସହିତ ଟ୍ରଷ୍ଟକୁ ସରକାର ଏପରି କ୍ଷମତା ପ୍ରଦାନ କରିଛନ୍ତି ଓ ଏଥି ପାଇଁ ସରକାରୀ ଅନୁମୋଦନ ଆବଶ୍ୟକ ନୁହେଁ ବୋଲି ଶୁଣାଣି ବେଳେ ଜଣା ପଡିଥିଲା। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୨୧ ତାରିଖକୁ ସ୍ଥିର ହୋଇଛି। ପ୍ରତିପକ୍ଷ ଶ୍ରୀ ଦାସଙ୍କ ତରଫରୁ ଆଇନଜୀବୀ ଡକ୍ଟର ଜିତେନ୍ଦ୍ର କୁମାର ଲେଙ୍କା ମାମଲା ପରିଚାଳନା କରୁଛନ୍ତି।

ସେମିକଣ୍ଡକ୍ଟର କ୍ଷେତ୍ରକୁ ଫୋକସ

୩୫ ପ୍ରତିଶତ ସବସିଡି ଦେବେ ଓଡ଼ିଶା ସରକାର

■ ମୋଟ ୭୫ ପ୍ରତିଶତ ମିଳିବ ସରକାରୀ ପ୍ରୋତ୍ସାହନ
■ ରାଜ୍ୟର ୫ କମ୍ପାନୀର ପ୍ରକଳ୍ପକୁ ମିଳିଛି ଅନୁମୋଦନ

ଭୁବନେଶ୍ୱର,୧୮।୮(ସମିସ): ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ ଆକୃଷ୍ଟ ପାଇଁ ନିକଟରେ ସେମିକଣ୍ଡକ୍ଟର ନୀତିର ତୃତୀୟ ସଂଶୋଧନକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏହିକ୍ରମରେ ସେମିକଣ୍ଡକ୍ଟର ଶିଳ୍ପକୁ ଓଡ଼ିଶାରେ ଆହୁରି ବିକଶିତ କରିବା ଲାଗି ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। କେନ୍ଦ୍ର ସରକାର ସେମିକନ ୨.୦ ଅଧୀନରେ ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ ସର୍ବାଧିକ ଆର୍ଥିକ ସହାୟତା ୫୦ ପ୍ରତିଶତରୁ ୪୦ ପ୍ରତିଶତକୁ କମାଇଥିବାବେଳେ ଓଡ଼ିଶା ନିଜ ଅଂଶର ସବସିଡିକୁ ୨୫ ପ୍ରତିଶତରୁ ବଢ଼ାଇ ୩୫ ପ୍ରତିଶତ କରିବ। ଫଳରେ ଯୋଗ୍ୟ ପ୍ରକଳ୍ପଗୁଡ଼ିକୁ କେନ୍ଦ୍ର ଓ ରାଜ୍ୟ ମିଶି ମୋଟ ୭୫ ପ୍ରତିଶତ ପର୍ଯ୍ୟନ୍ତ ସରକାରୀ ପ୍ରୋତ୍ସାହନ ମିଳିବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ ପୂର୍ବରୁ ଏ କ୍ଷେତ୍ରରେ କେନ୍ଦ୍ର ସରକାର ୫୦ ପ୍ରତିଶତ ଏବଂ ରାଜ୍ୟ ସରକାର ୨୫ ପ୍ରତିଶତ ଦେଉଥିଲେ। ଏବେ କେନ୍ଦ୍ରର ଅଂଶ ୪୦ ପ୍ରତିଶତକୁ ହ୍ରାସ ପାଇଥିବାରୁ ରାଜ୍ୟ ନିଜର ଅଂଶକୁ ୩୫ ପ୍ରତିଶତ କରିବ। ଏହାଦ୍ୱାରା ଓଡ଼ିଶାକୁ ଆସୁଥିବା ସେମିକଣ୍ଡକ୍ଟର ୟୁନିଟ୍‌ଗୁଡ଼ିକ ପାଇଁ ମୋଟ ସବସିଡିରେ କୌଣସି ହ୍ରାସ ହେବ ନାହିଁ। ତେବେ ରାଜ୍ୟର ଏହି ସୁବିଧା ପାଇବା ପୂର୍ବରୁ ସଂପୃକ୍ତ କମ୍ପାନୀଗୁଡ଼ିକୁ କେନ୍ଦ୍ରର ସେମିକନ ୨.୦ କାର୍ଯ୍ୟକ୍ରମ ଅଧୀନରେ ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ସୂଚନାଯୋଗ୍ୟ ଯେ ସେମିକଣ୍ଡକ୍ଟର କ୍ଷେତ୍ରରେ ନିବେଶ ଆକୃଷ୍ଟ କରିବା ନେଇ ଏବେ ବିଭିନ୍ନ ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ତୀବ୍ର ହୋଇଛି। ଗୁଜରାଟରେ ଟାଟା ଇଲେକ୍ଟ୍ରୋନାଇଜ ସେମିକଣ୍ଡକ୍ଟର ଫ୍ୟାବ୍ ଓ ମାଇକ୍ରନର ଆସେମ୍ବ୍ଲି-ଟେଷ୍ଟିଂ ପ୍ରକଳ୍ପ ଭଳି ବଡ଼ ନିବେଶ ହେଉଥିବାବେଳେ ଉତ୍ତରପ୍ରଦେଶ ମଧ୍ୟ ଏହି କ୍ଷେତ୍ରକୁ ଆକୃଷ୍ଟ କରିବା ପାଇଁ ଆର୍ଥିକ ଓ ଭିତ୍ତିଭୂମି ପ୍ରୋତ୍ସାହନ ଦେଉଛି। ଏପର୍ଯ୍ୟନ୍ତ ଓଡ଼ିଶାରେ ୫ଟି କମ୍ପାନୀର ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିସାରିଛି। ସେଥିମଧ୍ୟରୁ ୨ଟି ପ୍ରକଳ୍ପ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଅଧୀନରେ ସହାୟତା ପାଇବାରେ ସଫଳ ହୋଇଛି। ଏହି ପ୍ରକଳ୍ପ ଗୁଡ଼ିକର ମୂଲ୍ୟ ପ୍ରାୟ ୧୪ ହଜାର କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି।

୫୭ ମାମଲାର ବିଚାର ଶେଷ, ମାଓନେତା ଆଜାଦ ଖଲାସ

■ ୧୫ ବର୍ଷ ପରେ ଝାରପଡ଼ା ଜେଲ୍‌ରୁ ମୁକୁଳିଲେ
■ ପାରଳାଖେମୁଣ୍ଡି ସ୍ୱତନ୍ତ୍ର ଅଦାଲତରେ ଶେଷ ମାମଲାର ରାୟ

ପାରଳାଖେମୁଣ୍ଡି, ୧୮।୮ (ସମିସ) : ବିଭିନ୍ନ ମାଓବାଦୀ ହିଂସା ମାମଲାରେ ଦୀର୍ଘ ୧୫ ବର୍ଷ ୨ ମାସ ରୁ ଉର୍ଦ୍ଧ୍ୱ ସମୟ ଧରି ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିବା ମାଓନେତା ଡୋନା କେଶବ ରାଓ ଓରଫ ଆଜାଦ ସମସ୍ତ ୫୭ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡିରେ ଗଠିତ ସ୍ୱତନ୍ତ୍ର ଅଦାଲତରେ ତାଙ୍କ ବିରୋଧରେ ଥିବା ଶେଷ ମାମଲାର ମଧ୍ୟ ଶୁଣାଣି ଶେଷ ହୋଇଛି। ଆଜାଦଙ୍କ ବିରୋଧରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ମୋଟ ୫୭ଟି ମାମଲା ରହିଥିଲା। ସେଥିମଧ୍ୟରୁ ଗଜପତିରେ ୧୯, ରାୟଗଡ଼ାରେ ୩, କନ୍ଧମାଳରେ ୧୫ ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଠାରେ ରହିଥିବା ସ୍ୱତନ୍ତ୍ର କୋର୍ଟରେ ୧୩ଟି ମାମଲା ଥିଲା। ତେବେ ଆନ୍ଧ୍ରରେ ଥିବା ସମସ୍ତ ୧୩ ଗୋଟି ମାମଲାର ଶୁଣାଣିରେ ନିର୍ଦ୍ଦୋଷରେ ଖଲାସ ହୋଇ ସାରିଥିବା ବେଳେ ଓଡିଶାର ୩୬ଟି ମାମଲାରୁ ମଧ୍ୟ ଖଲାସ ହୋଇଛନ୍ତି। ସୂଚନା ପ୍ରକାରେ ଆଜାଦ ଆନ୍ଧ୍ର ପ୍ରଦେଶର ପୁରାତନ ରାଜଧାନୀ ହାଇଦ୍ରାବାଦ ଠାରେ ୨୦୧୧ରେ ଡିଜିଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ। ସେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ ମଞ୍ଜୁଷା ମଣ୍ଡଲମ୍‌ର ଗାଙ୍ଗୁୱାଡା ଗ୍ରାମରେ ଆତ୍ମସମର୍ପଣ ପରେ ରହିଆସୁଥିଲେ। ତେବେ ତାଙ୍କୁ ଓଡିଶା ପୋଲିସ୍ ୨୯ମଇ ୨୦୧୧ ତାରିଖରେ ତଦନ୍ତ ପାଇଁ ଉଠାଇ ନେଇଥିଲା। ସେବେ ଠାରୁ ଆଜାଦକୁ ବେଆଇନ ଭାବେ ଗିରଫ କରାଯାଇଥିବା ତାଙ୍କ ମାଆ ଦୁନା କାମୁଲୁଆମ୍ମା ବିଭିନ୍ନ ସ୍ତରରେ ଅଭିଯୋଗ କରି ଆସୁଥିଲେ। ଅନ୍ୟପକ୍ଷରେ ମାମଲାଗୁଡ଼ିକର ବିଚାର ଦୀର୍ଘଦିନ ଧରି ଶେଷ ହୋଇପାରୁନଥିବାରୁ ତାଙ୍କ ଓକିଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ତ୍ୱରିତ ବିଚାର ପାଇଁ ସୁପ୍ରିମକୋର୍ଟ ସ୍ୱତନ୍ତ୍ର ଅଦାଲତ ଗଠନ କରି ଅଗଷ୍ଟ ୩୧ ସୁଦ୍ଧା ଶୁଣାଣି ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ପାରଳାଖେମୁଣ୍ଡିରେ ସ୍ୱତନ୍ତ୍ର ଅଦାଲତ ଗଠନ କରାଯାଇ ମାମଲାଗୁଡ଼ିକର ଶୁଣାଣି କରାଯାଇଥିଲା। ଆଉ ପର୍ଯ୍ୟାୟ କ୍ରମେ ଓଡିଶାର ତିନୋଟି ଜିଲ୍ଲାରେ ଥିବା ମାମଲା ଗୁଡିକର ବିଚାରଣା ହେଉଥିଲା ଏବଂ ଆଜାଦ୍ ମଧ୍ୟ କଡା ସୁରକ୍ଷା ବଳୟରେ କୋର୍ଟରେ ହାଜର ହେଉଥିଲେ। ପୂର୍ବରୁ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ କେତେକ ମାମଲାରେ ଆଜାଦଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ତେବେ ଆଜି ଶେଷ ମାମଲାରେ ମଧ୍ୟ ଖଲାସ ହେବା ପରେ ପାରଳାଖେମୁଣ୍ଡି ସ୍ୱତନ୍ତ୍ର କୋର୍ଟରେ ଥିବା ଶେଷ ମାମଲାର ବିଚାର ପ୍ରକ୍ରିୟା ଶେଷ ହୋଇଛି। ମାଓନେତା ସବ୍ୟସାଚୀ ପଣ୍ଡାଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଆଜାଦଙ୍କ ବିରୋଧରେ ଗଜପତି ଜିଲ୍ଲାର ବିଭିନ୍ନ ଥାନାରେ ମାଓ ହିଂସା ସମ୍ପର୍କିତ ମାମଲା ରହିଥିଲା। ଅଡବା ଥାନା ଅନ୍ତର୍ଗତ ପାଣିଗଣ୍ଡା ବିଟ୍ ହାଉସ୍ ଉଡ଼ାଇବା, ପୁଲିସ ସହ ଗୁଳିବିନିମୟ, ଠିକାଦାର କ୍ୟାମ୍ପ ଉପରେ ଆକ୍ରମଣ ଓ ସରକାରୀ ବସ୍ ପୋଡ଼ିବା ଭଳି ଘଟଣାରେ ତାଙ୍କ ବିରୋଧରେ ମାମଲା ଥିଲା। ୨୦୧୧ରେ ଜିଲ୍ଲାରେ ଥାନା ଉପରେ ଆକ୍ରମଣ, ନିଆଁ ଲଗାଇବା ଓ ଅସ୍ତ୍ରଶସ୍ତ୍ର ଲୁଟ୍ ଘଟଣା ଭଳି ସଙ୍ଗୀନ ମାମଲା ଗୁଡିକରେ ଜଡିତ ଥିବା ନେଇ ପୁଲିସ ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲ୍‌ରେ ରଖାଯାଇଥିଲା। ଆଜାଦଙ୍କ ଓକିଲ ସ୍ୱରୂପ କୁମାର ପାଳଙ୍କ ସୂଚନାନୁସାରେ, ସ୍ୱତନ୍ତ୍ର ଅଦାଲତରେ ଚାଲିଥିବା ବିଚାର ପ୍ରକ୍ରିୟାରେ ତାଙ୍କ ବିରୋଧରେ ଥିବା ସମସ୍ତ ମାମଲାର ଶୁଣାଣି ଶେଷ ହୋଇଛି। ଶେଷ ମାମଲାରେ ମଧ୍ୟ ସେ ନିର୍ଦ୍ଦୋଷରେ ଖଲାସ ହେବା ପରେ ମଙ୍ଗଳବାର ସନ୍ଧ୍ୟାରେ ଝାରପଡ଼ା ଜେଲ୍‌ରୁ ମୁକୁଳିଛନ୍ତି।

ରାମକୃଷ୍ଣ ଆଶ୍ରମ ସ୍କୁଲକୁ ଜର୍ମାନୀ ପର୍ଯ୍ୟଟକଙ୍କ ପରିଦର୍ଶନ

କିଶୋରନଗର,୧୮।୮(ସମିସ): କିଶୋରନଗର ବ୍ଲକ୍ ବଡ଼ରୋହିଲା ରାମକୃଷ୍ଣ ଆଶ୍ରମ ଆଦିବାସୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଜର୍ମାନୀ ପର୍ଯ୍ୟଟକ ବର୍ଲିନ ସହରର ତାତିଆନା ରୋଜ ଦୁଇ ଦିନିଆ ଗସ୍ତରେ ଆସି ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ସମ୍ପାଦକ ଶେଷଦେବ ଶାସିନୀ, କୋ ଫାଉଣ୍ଡର ଅନନ୍ତ ଶାସିନୀ, ଅଧକ୍ଷା ମିନୀ ଦେଓଗନ ଓ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅନ୍ତେବାସୀଙ୍କ ପାଠପଢ଼ା ଖାଇବା, ରହିବା ଇତ୍ୟାଦି ବିଷୟରେ ଆଲୋଚନା କରିବା ସହ ବିଦ୍ୟାଳୟ କିପରି ଉନ୍ନତି କରିବ ଓ କିପରି ପିଲାମାନେ ଆତ୍ମନିର୍ଭରଶୀଳ ହେବେ ସେ ବିଷୟରେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଆତିଥ୍ୟ, ପରିଷ୍କାର ପରିଚ୍ଛନ୍ନତା, ଶାନ୍ତ ପରିବେଶ ତାଙ୍କୁ ଆକର୍ଷିତ କରିଥିଲା।

ଲଗାଣ ବର୍ଷା ପ୍ରଭାବ

ଘର ଉପରେ ଗଛପଡ଼ି ନାବାଳିକା ଗୁରୁତର

ପାଲଲହଡ଼ା,୧୮।୮(ସମିସ): ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଅଳ୍ପକେ ଏକ ଘର ଉପରେ ଗଛପଡ଼ି ଜଣେ ନାବାଳିକା ଗୁରୁତର ହୋଇଛନ୍ତି। ମାତ୍ର ଅଳ୍ପକେ ତାଙ୍କର ପରିବାରର ଅନ୍ୟ ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ସଇଡ଼ା ପଞ୍ଚାୟତ ଡଙ୍ଗାଧର ଗାଁର ମୋତିଲାଲ ଗାରାଇଙ୍କ ଘର ଉପରେ ବିରାଟ ଶାଳ ଗଛ ଓଲଟିପଡ଼ିଥିଲା। ଫଳରେ ଘର ଭିତରେ ମୋତିଲାଲଙ୍କ ନାବାଳିକା ଝିଅ ସାପାନି(୧୬) ଚାପି ହୋଇଯାଇଥିଲା। ଅନ୍ୟମାନେ ଘର ବାହାରେ ରହି ଯାଇଥିଲେ। ସାହି ପଡ଼ିଶାଙ୍କ ସହାୟତାରେ ଝିଅକୁ ଉଦ୍ଧାର କରି ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସାପାନିର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି। ମୋତିଲାଲଙ୍କ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ପରିବାର ବର୍ଗ ଏବେ ବେସାହାରା ହୋଇପଡ଼ିଛି। ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ପ୍ରଶାସନକୁ ଦାବି କରିଛନ୍ତି।

ଅନୁଗୋଳ ପୁଲିସ ପକ୍ଷରୁ ନିଶା ବିରୋଧୀ ଶପଥ



ଅନୁଗୋଳ,୧୮।୮(ସମିସ): ଅନୁଗୋଳ ପୁଲିସ ପକ୍ଷରୁ ଆଜି 'ନିଶା ମୁକ୍ତ ଭାରତ ଅଭିଯାନ' ଅଧୀନରେ ଜାତୀୟ ଶପଥ ପାଳନ କରାଯାଇଛି। ଜିଲ୍ଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଏସ୍‌ପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଏବଂ ବହୁ କର୍ମଚାରୀ ଯୋଗଦେଇ ନିଶା ବିରୋଧରେ ଶପଥ ନେଇଛନ୍ତି। ସମାଜକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ଏବଂ ଏହାର କୁପରିଣାମ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ପୁଲିସ ପ୍ରଶାସନ ପକ୍ଷରୁ ନିଶା ନିବାରଣ ଏବଂ ସଚେତନତା ପ୍ରୟାସକୁ ଆଗକୁ ଅଧିକ ସୁଦୃଢ଼ କରାଯିବ ବୋଲି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ ପାଇଛି।

ସୁଶୁବା ପଞ୍ଚାୟତରେ ଜନଶୁଣାଣିକୁ ନେଇ ଅସନ୍ତୋଷ

କଣିହାଁ,୧୮।୮(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ଅନ୍ତର୍ଗତ ସୁଶୁବା ପଞ୍ଚାୟତରେ ସୋମବାର ପୂର୍ବାହ୍ନରେ ପଞ୍ଚାୟତସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ କଣିହାଁ ବ୍ଲକ୍‌ର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି କୃଷ୍ଣା ମହାପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟବାଦୀ ନାୟକଙ୍କ ସମେତ ପଞ୍ଚାୟତ କର୍ମଚାରୀମାନେ ଉପସ୍ଥିତ ଥିଲେ। ତେବେ ଜନଶୁଣାଣି କାର୍ଯ୍ୟକ୍ରମକୁ ନେଇ ପଞ୍ଚାୟତର କିଛି ୱାର୍ଡ ସଭ୍ୟ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜନଶୁଣାଣି ସମ୍ପର୍କରେ ସାଧାରଣ ଲୋକ ଓ ୱାର୍ଡ ସଭ୍ୟମାନଙ୍କୁ ପୂର୍ବରୁ ଅବଗତ କରାଯାଇ ନଥିବା ଅଭିଯୋଗ କରିଛନ୍ତି ସୁଶୁବା ଗ୍ରାମର ୫ ନମ୍ବର ୱାର୍ଡ ସଭ୍ୟ ଦୋଳଗୋବିନ୍ଦ ସାହୁ। ଶ୍ରୀ ସାହୁଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତରେ ଆୟୋଜିତ ଜନଶୁଣାଣି ସମ୍ପର୍କରେ ସ୍ଥାନୀୟ ଲୋକପ୍ରତିନିଧି ଓ ଗ୍ରାମବାସୀଙ୍କୁ ଆବଶ୍ୟକ ପୂର୍ବ ସୂଚନା ଦିଆଯାଉନାହିଁ। ଫଳରେ ଅନେକ ଲୋକ ନିଜର ସମସ୍ୟା ଓ ଅଭିଯୋଗ ଜଣାଇବାର ସୁଯୋଗରୁ ବଞ୍ଚିତ ହେଉଥିବା ସେ ଅଭିଯୋଗ କରିଛନ୍ତି। ଜନଶୁଣାଣି ଭଳି କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତ ୱାର୍ଡ ସଭ୍ୟଙ୍କୁ ଅବଗତ କରାଇବା ସହ ଗ୍ରାମବାସୀଙ୍କ ମଧ୍ୟରେ ବ୍ୟାପକ ପ୍ରଚାର କରିବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚ ମାମାଲି ସାମଲ କାର୍ଯ୍ୟାଳୟରେ ଉପସ୍ଥିତ ନଥିବା ବେଳେ ତାଙ୍କ ସ୍ୱାମୀ ଜନଶୁଣାଣିରେ ଉପସ୍ଥିତ ଥିବା ନେଇ ମଧ୍ୟ କିଛି ୱାର୍ଡ ସଭ୍ୟ ଓ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ତେବେ ଏ ସମ୍ପର୍କରେ ସରପଞ୍ଚଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟବାଦୀ ନାୟକଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ବୃଦ୍ଧାଶ୍ରମ ପରିଦର୍ଶନ କଲେ ସାଂସଦ

ଅନୁଗୋଳ,୧୮।୮(ସମିସ): ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ବରିଷ୍ଠ ବିଜେପି ନେତା କାଳନ୍ଦୀ ପ୍ରଧାନଙ୍କ ମାତୃ ବିୟୋଗରେ ତାଙ୍କ ଗ୍ରାମ ଗଇନ୍ଦି ବାସଭବନ ପହଞ୍ଚି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ପରେ ପୂର୍ବତନ ସରପଞ୍ଚ ପୁରୁଣା କୋଟ ଅନନ୍ତ ବାସୁଦେବ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ପୁରୁଣାକୋଟସ୍ଥିତ ବୃଦ୍ଧାଶ୍ରମରେ ସାଂସଦ ଶ୍ରୀ ପାଣି ପହଞ୍ଚି ଅନ୍ତେବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ। ସାଂସଦଙ୍କ ସହ ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା କୋଷାଧ୍ୟକ୍ଷ ବିଶ୍ୱଜିତ୍ ମିଶ୍ର, ଜିଲ୍ଲା ଓବିସୀ ମୋର୍ଚ୍ଚା ସଭାପତି ସରୋଜ ଜେନା ଓ ପୁରୁଣାକୋଟ ପଞ୍ଚାୟତର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

ଏବିଭିପି ଶୋଭାଯାତ୍ରାରେ ୧୫୦ ଫୁଟର ତ୍ରିରଙ୍ଗା

ଅନୁଗୋଳ,୧୮।୮(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଅନୁଗୋଳ ଜିଲ୍ଲା ସମିତିର ନିଷ୍ପତ୍ତିକ୍ରମେ ଅନୁଗୋଳ ନଗର ୟୁନିଟ୍ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ଏବଂ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୧୫୦ ଫୁଟ୍‌ର ତ୍ରିରଙ୍ଗାକୁ ନେଇ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବିଜୁ ମୈଦାନରୁ ଆରମ୍ଭ ହୋଇ ଏହି ଶୋଭାଯାତ୍ରା ଥାନା ଛକ, ରାଜା ଛକ, ବଜାର ଛକ, ହରିମୋହରୀ ଛକ ଦେଇ ଜଗନ୍ନାଥ ମନ୍ଦିର ପରିସରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଅନୁଗୋଳ ନଗରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ, ଅଧ୍ୟାପିକା, ଶୁଭେଚ୍ଛୁ ସାମିଲ ହୋଇଥିଲେ। ଏହି ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସହ ସମ୍ପାଦକ ଆଶିଷ କୁମାର ବେହେରା କହିଲେ ଯେ, "ହର ଘର ତିରଙ୍ଗା ଅଭିଯାନକୁ ସଫଳ କରିବା ଏବଂ ଯୁବପିଢ଼ି ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ହିଁ ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ'। ଏହି କାର୍ଯ୍ୟକ୍ରମରେ ଅଭିଳାଷ ତ୍ରିପାଠୀ, ସତ୍ୟବ୍ରତ ପ୍ରଧାନ, ଆକାଂକ୍ଷା ପ୍ରଧାନ, ତପସ୍ୱିନୀ ସାହୁ, ସ୍ୱିଟି ବେହେରା, ମୁଦ୍ରିକା, ତପନ ସାମଲ, ସଚିନ ପ୍ରଧାନ, ସସ୍ମିତ ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଓପି ଜିନ୍ଦଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; କୁଚିଣ୍ଡା ଚାମ୍ପିଅନ

ଅନୁଗୋଳ,୧୮।୮(ସମିସ): କଦମ ପଡ଼ିଆରେ ଗତ ୭ ତାରିଖରୁ ଚାଲିଥିବା ଓପି ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ କୁଚିଣ୍ଡା ବରଗଡ଼କୁ ପେନାଲଟି ସୁଟ୍ ଆଉଟ୍ ୫-୪ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ପରସ୍ପରକୁ ଦୁଇଟି ଲେଖାଏଁ ଗୋଲ୍ ଦେଇଥିଲେ। ଆଲୋକ ଏକ୍କା ଶ୍ରେଷ୍ଠ ଗୋଲ କିପର, ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ରୂପେ ସମୀର ପ୍ରଧାନ ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ରୂପେ ଚିନି କିଷାନ୍ ପୁରସ୍କୃତ ହୋଇଥିଲେ। ଶିବ ଶଙ୍କର ପଣ୍ଡା ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ନଗରପାଳ ଅକ୍ଷୟ କୁମାର ସାମନ୍ତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ, ଜିନ୍ଦଲର ଭାଇସ ପ୍ରେସିଡେଣ୍ଟ ସିଏସ୍‌ଆର୍ ରିଶି ପଠାନିଆ, ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର୍ ଝା, ଜେଲ ସୁପରିନଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ବେହେରା, ଜିନ୍ଦଲ ଇଭିପି ପିକେ ପଣ୍ଡା ଏବଂ ଜିଏମ୍‌ସିଏସଆର ଜୟନ୍ତ ମହାନ୍ତି, ଜିଏମ୍ (ମାଇନ୍ସ) ଆଶୁତୋଷ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଚାମ୍ପିଅନ କୁଚିଣ୍ଡା ଦଳକୁ ଅତିଥି ମାନେ ନଗଦ ୭୦ ହଜାର ଟଙ୍କା ଓ ଟ୍ରଫି ସହ ରନର୍ସ ଅପ୍ ବରଗଡ଼ ଦଳକୁ ନଗଦ ୫୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ।

ମହିଳାଙ୍କ ମୃତଦେହ ଉଦ୍ଧାର

କଣିହାଁ,୧୮।୮(ସମିସ): ଅନୁଗୋଳ ଜିଲ୍ଲା ଏନ୍‌ଟିପିସି ଥାନା ଅନ୍ତର୍ଗତ ଗଦାଶିଳା ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ କଣିହାଁ ଥାନା ଜରଡ଼ା ଗ୍ରାମର ସୁଚିସ୍ମିତା ସାହୁ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ସୁଚିସ୍ମିତା ତାଙ୍କ ସ୍ୱାମୀଙ୍କ ସହ ଗଦାଶିଳା ଗ୍ରାମସ୍ଥିତ ଜଣେ ସମ୍ପର୍କୀୟଙ୍କ ଘରେ ରହିଆସୁଥିଲେ। ଆଜି ସକାଳେ ଘର ଭିତରେ ତାଙ୍କର ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ତଳକୁ ଓହ୍ଲାଇଥିଲେ। ଖବର ପାଇ ଏନଟିପିସି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ଆକଳନରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରୁଥିବା ବେଳେ, ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ଆତ୍ମହତ୍ୟାର କାରଣ ଖୋଜିବା ପାଇଁ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ଘରେ ଘରେ ତ୍ରିରଙ୍ଗା ଯାତ୍ରା ଏବଂ ସ୍ୱଚ୍ଛଭାରତ ଅଭିଯାନ

ଛେଣ୍ଡିପଦା,୧୮।୮(ସମିସ): ଭାରତ ସରକାରଙ୍କ କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗ ଅନୁଗୋଳ ମେରା ଭାରତ ଏବଂ ଜୟ ଦୁର୍ଗା ଯୁବକ ସଙ୍ଘ ତରଫରୁ କୋଶଳା ଠାରେ ତ୍ରିରଙ୍ଗା ଶୋଭାଯାତ୍ରା ସହ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଦେଶାତ୍ମକ ଚିତ୍ର ସ୍ୱାଧୀନତା ସଂଗ୍ରାମୀଙ୍କ ଚିତ୍ର ଅଙ୍କନ ହୋଇଥିଲା। ଏଥି ସହ ଛେଣ୍ଡିପଦା ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତ୍ରିରଙ୍ଗା ଶୋଭାଯାତ୍ରା ସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ହୋଇଥିଲା ଜୟନ୍ତ କୁମାର ସାହୁ, ଯୋଗେଶ୍ୱର ମାଝୀ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରାମ ଚନ୍ଦ୍ର ସାହୁ ସହଯୋଗ କରିଥିଲେ।

ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ତାଳଚେର,୧୮।୮(ସମିସ): ଆଜି ତାଳଚେର ସହର କୁକୁଡୁଲା ନିକଟରେ ଏକ କୋଇଲା ବୋଝେଇ ଟ୍ରେନ ଛିଡ଼ା ହୋଇଥିବାବେଳେ ସେହି ରେଲଗାଡ଼ି ଉପରେ ଚଢ଼ିଥିବାବେଳେ ଅସାବଧାନତା ଯୋଗୁଁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଯୁବକ ଜଣଙ୍କ ହେଲେ ତାଳଚେର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ ୧୬ର ଭିକାରୀ ନାଏକ (୪୫)। ଖବର ପାଇ ତାଳଚେର ପୁଲିସ ଘଟଣାସ୍ଥଳକୁ ଯାଇ ମୃତକଙ୍କ ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମଣ୍ଡାପାଳ ସରକାରୀ ଡାକ୍ତରଖାନାକୁ ପଠାଇଥିବାବେଳେ ଏ ନେଇ ଅଧିକ ତଦନ୍ତ ଜାରି ରଖିଛି। ତେବେ ଆସନ୍ତା କାଲି ଶବ ବ୍ୟବଚ୍ଛେଦ ହେବାପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ତାଳଚେର,୧୮।୮(ସମିସ): ତାଳଚେର ପୌର ପରିଷଦ ଅଞ୍ଚଳରେ ଅନେକ ବିକାଶ କାର୍ଯ୍ୟର ଭିତ୍ତି ପ୍ରସ୍ତର ଓ ଶୁଭ ଉଦ୍‌ଘାଟନ କରାଯାଇଛି। ଏ ନେଇ ଆୟୋଜିତ ସମାରୋହର ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ସାଂସଦ ସମ୍ବଲପୁର ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ତାଳଚେରର ବିକାଶ ମୂଳକ କାର୍ଯ୍ୟ ପାଇଁ ଅର୍ଥ କେବେ ବି ପ୍ରତିବନ୍ଧକ ହେବନି ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଏଥିସହ ତାଳଚେରକୁ ପର୍ଯ୍ୟଟନସ୍ଥଳ ଭାବେ ଗଢ଼ିବା ପାଇଁ ତାଙ୍କର ଆଗ୍ରହ ଥିବା କଥା କହିବା ସହ ୬୦୦ ଏକର ବିଶିଷ୍ଟ ରାଣୀ ପାର୍କ ଜାଗାରେ ଏକ ଚିଡ଼ିଆଖାନା କରାଯିବାକୁ ପ୍ରସ୍ତାବ ଦେଇଥିଲେ। କିପରି ଏହାକୁ ସାକାର କରାଯିବ ସେଥିପାଇଁ ପ୍ରୟାସ କରିବା ପାଇଁ ମଞ୍ଚରେ ଉପସ୍ଥିତ ଥିବା ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍ତରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଳଚେର କୁ ବିକାଶ ପଥରେ ଆଗେଇ ନେବାକୁ ହେଲେ ତାଳଚେର ସହରକୁ ସଂଯୋଗ କରୁଥିବା କିଛି ନୂତନ ରାସ୍ତା ନିର୍ମାଣ କରିବାକୁ ହେବ ଓ କିଛି ସଂଲଗ୍ନ ଅଞ୍ଚଳକୁ ତାଳଚେର ପୌର ପରିଷଦରେ ମିଶାଇ ନୂଆ ତାଳଚେର ଗଠନ କରିବା ପାଇଁ ଶ୍ରୀ ପ୍ରଧାନ ପ୍ରସ୍ତାବ ରଖିଥିଲେ। ମାତ୍ର ୭ମାସରେ ଶ୍ରୀ ପ୍ରଧାନଙ୍କ ଉଦ୍ୟମରେ ପ୍ରାୟ ୬୨କୋଟି ଟଙ୍କାର ୧୫୦ରୁ ଊର୍ଦ୍ଧ୍ୱର ପ୍ରକଳ୍ପ ସମ୍ଭବ ହୋଇପାରିଥିବା କଥା ବ୍ରଜ କିଶୋର ପ୍ରଧାନ ତାଙ୍କ ସରକାର ସମୟରେ ମଧ୍ୟ ବିକାଶ ହୋଇଛି ଓ ତାଳଚେରର ବିକାଶ ଖଣି ଖାଦାନ ପ୍ରଭାବିତ ଅଞ୍ଚଳରେ ହେବା ତାଳଚେରର ଅଧିକାର ଓ ହକ ବୋଲି କହିଥିଲେ।ଶେଷରେ ନଗର ପାଳ ପବିତ୍ର ଭୂତିଆ ପ୍ରକାଶ କରିବା ସହ ଏହାର ସମସ୍ତ ଶ୍ରେୟ ସାଂସଦ ଶ୍ରୀ ପ୍ରଧାନଙ୍କୁ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ଲୋକସଭା ସଭ୍ୟ ରୁଦ୍ର ନାରାୟଣ ପାଣି ତାଳଚେରର ବିକାଶ ଦ୍ରୁତ ଗତିରେ ବଢୁଛି ଓ ଆଗକୁ ବଢାଇବାର ପ୍ରୟାସ ଜାରି ରହିବ ବୋଲି କହିଥିଲେ। ତାଳଚେର ବିଧାୟକ ତାଳଚେର ଉପଜିଲ୍ଲାପାଳ ଆଶିଷ ରଂଜନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସମାବେଶରେ ନିର୍ବାହୀ ଅଧିକାରୀ ପ୍ରଦୀପ ସାହା, ୱାର୍ଡ କାଉନସିଲର, ପୌର ପରିଷଦ ଯନ୍ତ୍ରୀ କର୍ମଚାରୀ, ବିଶିଷ୍ଟ ନିମନ୍ତ୍ରିତ ଅତିଥି ଙ୍କ ସମେତ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ୱାର୍ଡରୁ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

କଣିହାଁ,୧୮।୮(ସମିସ): ରେଙ୍ଗାଳି ପ୍ରୋଜେକ୍ଟ ୱେଲଫେୟାର ଆଣ୍ଡ ଚାରିଟେବଲ ଟ୍ରଷ୍ଟର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପସ୍ଥିତ ବେଦଭବନ ପରିସରରେ ଅନୁଷ୍ଠିତ ପ୍ରତିଭା କାର୍ଯ୍ୟକ୍ରମରେ ୬ ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ମୁଖ୍ୟତଃ ରଚନା, ବକ୍ତୃତା, ସଙ୍ଗୀତ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଏଚ୍‌ପିସି ୟୁନିଟ ହେଡ୍ ହେମେନ୍ଦ୍ର ନାଥ ମହାନ୍ତି ଯୋଗଦେଇ ଟ୍ରଷ୍ଟର ଏପରି ପ୍ରତିଯୋଗିତା ଆୟୋଜନ ଦ୍ୱାରା ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଏଚ୍‌ପିସିର ପୂର୍ବତନ ବରିଷ୍ଠ ସାଧାରଣ ପରିଚାଳକ ସୁବ୍ରତ କୁମାର ଷଡ଼ଙ୍ଗୀ, ଜଜ୍ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହରିଶ୍ଚନ୍ଦ୍ର ମିଶ୍ର, ରାଜେଶ କୁମାର ସାହୁ, ଦିବ୍ୟାଲୋଚନ ଆଚାର୍ଯ୍ୟ ଏବଂ ରବିନାରାୟଣ ପାତ୍ର ମୂଲ୍ୟାଙ୍କନ କରିଥିଲେ। ଟ୍ରଷ୍ଟର ସଭାପତି ନିରଞ୍ଜନ ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପସଭାପତି ଅଶୋକ କୁମାର ସେଠୀ, ସମ୍ପାଦକ ବୀରେଶ ଚନ୍ଦ୍ର ପତି, ସହସମ୍ପାଦକ ନିର୍ମଳ ବସନ୍ତରା, ଉପଦେଷ୍ଟା ନୃସିଂହ ବରାଳ ଏବଂ ଐଶ୍ୱର୍ଯ୍ୟ ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ସାଙ୍ଗଠନିକ ସମ୍ପାଦକ ସୁଧାକର ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରିୟରଞ୍ଜନ ମହାନ୍ତିଙ୍କ ସମେତ ଟ୍ରଷ୍ଟର ଅନ୍ୟ ସମସ୍ତ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପଦଯାତ୍ରା ଓ ସତ୍ୟାଗ୍ରହ

ଅନୁଗୋଳ,୧୮।୮(ସମିସ):

ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜ୍ଜୁନ ଖଡ୍‌ଗେଙ୍କୁ ଜାତିଆଣ ମନୋଭାବ ରଖି ଉପସ୍ଥିତ ଥିବା ସ୍ଥାନକୁ ଶୁଦ୍ଧିକରଣ କରାଯିବା ଭଳି ଅତ୍ୟନ୍ତ ନିନ୍ଦନୀୟ ଘଟଣାର ପ୍ରତିବାଦରେ, ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ପଦଯାତ୍ରା ଓ ସତ୍ୟାଗ୍ରହ ଜିଲ୍ଲା କଂଗ୍ରେସ କମିଟି, ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଦଯାତ୍ରା ଅନୁଗୋଳ ଜିଲ୍ଲା କଂଗ୍ରେସ ଭବନଠାରୁ ବାହାରି ଗାନ୍ଧୀ ପାର୍କସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଯାଇ ସେଠାରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ନିକଟରେ ହଲଦ୍ୱାନୀଠାରେ କଂଗ୍ରେସର ସମାବେଶ ସ୍ଥଳରେ ହିନ୍ଦୁ ଦକ୍ଷିଣପନ୍ଥୀ ସଂଗଠନଗୁଡ଼ିକ ଗଙ୍ଗାଜଳ ସିଞ୍ଚନ କରି ଏକ ତଥାକଥିତ "ଶୁଦ୍ଧିକରଣ' ରୀତିନୀତି କରିଥିଲେ। ମଞ୍ଚରେ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେଙ୍କ ଉପସ୍ଥିତି ଯୋଗୁଁ ସେହି ସ୍ଥାନଟି କୁଆଡେ "ଅପବିତ୍ର' ହୋଇଯାଇଛି ଏବଂ ଏଥିପାଇଁ ଏହାର "ଶୁଦ୍ଧିକରଣ' ଆବଶ୍ୟକ ବୋଲି ଦର୍ଶାଇ ଏହି କାର୍ଯ୍ୟ କରାଯାଇଥିଲା। ଏହା ଅତ୍ୟନ୍ତ ଘୃଣ୍ୟ କାର୍ଯ୍ୟ ବିଜେପି ଦ୍ୱାରା ପ୍ରୋତ୍ସାହିତ ସଂକୀର୍ଣ୍ଣ ଓ ପାତରଅନ୍ତର ମନୋଭାବର ଏକ ସ୍ପଷ୍ଟ ପ୍ରତିଫଳନ ଏବଂ ଏହା ସେମାନଙ୍କ ନେତୃତ୍ୱ ଦ୍ୱାରା କ୍ରମାଗତ ଭାବରେ ଆପଣା ଯାଉଥିବା ପଛୁଆ ତଥା ବିଭାଜନକାରୀ ଆଭିମୁଖ୍ୟକୁ ସର୍ବସମ୍ମୁଖରେ ପ୍ରକାଶ କରୁଛି।ଏହି ଅପମାନଜନକ ଓ ପଛୁଆ କାର୍ଯ୍ୟ କେବଳ କଂଗ୍ରେସ ସଭାପତିଙ୍କ ପ୍ରତି ଅପମାନ ନୁହେଁ; ବରଂ ଏହା କୋଟି କୋଟି ଭାରତୀୟଙ୍କ ସମ୍ମାନ ଏବଂ ସମାନତା, ଭ୍ରାତୃଭାବ, ସାମାଜିକ ନ୍ୟାୟ ଓ ମାନବିକ ମର୍ଯ୍ୟାଦା ଭଳି ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଏକ ଆଘାତ। ଯାହାକି କଂଗ୍ରେସ ଦଳ ଆଦୌ କ୍ଷମା ଦେବ ନାହିଁ ବୋଲି ଉକ୍ତ ସତ୍ୟାଗ୍ରହରେ ମତ ପ୍ରକାଶ ପାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତପନ ପ୍ରଧାନ, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ନୀଳକଣ୍ଠ ନାଏକ, ପ୍ରଫୁଲ୍ଲ ଦାସ, ଅମୂଲ୍ୟ ବେହେରା, ବିନୋଦ ମାଝୀ, ରାକେଶ ମିଶ୍ର, ସଞ୍ଜୀବ କୁମାର ମାଣ୍ଡୋଠିଆ, ସୁଦୀପ ମିଶ୍ର, ବାସୁଦେବ ମହାପାତ୍ର, ଅଳକା ରାଣୀ ମହାପାତ୍ର, ପଦ୍ମିନୀ ନାଏକ, ବିଶ୍ୱଜିତ ବେହେରା, ସଂଗ୍ରାମ ବେହେରା, ଦୁର୍ଗା ସତପଥି, ଅବିନାଶ ଦଳବେହେରା, ଅଶୋକ ନାଏକ, ଅରୁଣ ଦାସ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ସତ୍ୟାଗ୍ରହରେ ଅଂଶଗ୍ରହଣ କରିଥିଲେ।

ବ୍ଲକସ୍ତରୀୟ ଶ୍ରୀମଦ୍ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତା

କଣିହାଁ,୧୮।୮(ସମିସ): ଶିବାନନ୍ଦ ସେବା ଗ୍ରାମ ଗହମ ଆନୁକୂଲ୍ୟରେ କଣିହାଁ ବ୍ଲକ୍ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରେଙ୍ଗାଳିଠାରେ ବ୍ଲକସ୍ତରୀୟ ଶ୍ରୀମଦ୍ ଭଗବତ ଗୀତା ଆବୃତ୍ତି ଓ ଗୀତା ଜ୍ଞାନ ଲିଖିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କ୍ରିଷ୍ଟାରାଣୀ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ କଣିହାଁ ବ୍ଲକ୍‌ର ୭ଟି ଉ.ପ୍ରା ଓ ଉଚ୍ଚ ବିଦ୍ୟାଳୟର ୨୪ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଖେମଳା ଉଚ୍ଚ ବିଦ୍ୟାଳୟର ପଣ୍ଡିତ ବିଜୟ କୁମାର ସାହୁ ଓ ଖମାର ଉଚ୍ଚ ବିଦ୍ୟାଳୟର ପଣ୍ଡିତ ସ୍ୱାଧୀନ ବସ୍ତିଆ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ପ୍ରତିଯୋଗିତାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରେଙ୍ଗାଳିର ନବମ ଶ୍ରେଣୀ ଛାତ୍ର ଆଶୁତୋଷ ଆଚାର୍ଯ୍ୟ ପ୍ରଥମ ସ୍ଥାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଅର୍ପିତା ନନ୍ଦ ଦ୍ୱିତୀୟ ସ୍ଥାନ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରେଙ୍ଗାଳିର ନବମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଲାଡଲି ତୁଙ୍ଗ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଗୋଳ ଜିଲ୍ଲା ସଂଯୋଜକ ଦିଲ୍ଲୀପ କୁମାର ପ୍ରଧାନ, ଜିଲ୍ଲା ସହ ସଂଯୋଜକ ଲକ୍ଷ୍ମଣ କୁମାର ସାହୁ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରେଙ୍ଗାଳିର ସମସ୍ତ ଶିକ୍ଷକ-କର୍ମଚାରୀ ସହଯୋଗ କରିଥିଲେ। ଆଶ୍ରମର ଅନ୍ତେବାସୀ ସୁଶ୍ରୀ ବର୍ଷାରାଣୀ ସାହୁ ଓ ଶ୍ରୀମାନ ବିଶ୍ୱଜିତ ଗଡ଼ଡ଼ ପ୍ରାର୍ଥନା ଓ ଶାନ୍ତିପାଠ କରିଥିଲେ।

ସକାଳ
THE SAKALA
ବୁଧବାର
୧୯ ଅଗଷ୍ଟ, ୨୦୨୬

ରନ୍ଧନ ଗ୍ୟାସ୍ ଯୋଗାଣ ବିଳମ୍ବକୁ ନେଇ ବିକେଏମ୍‌ୟୁର ଅଭିଯୋଗ

ଢେଙ୍କାନାଳ,୧୮।୮ (ସମିସ) : ଢେଙ୍କାନାଳ ଜିଲାରେ ରନ୍ଧନ ଗ୍ୟାସ୍ ଯୋଗାଣରେ ବିଳମ୍ବକୁ ନେଇ ବିକେଏମ୍‌ୟୁର ଜିଲ୍ଲା ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କୁ ଭେଟି ଏକ ଲିଖିତ ଅଭିଯୋଗ କରିଛନ୍ତି । ଗ୍ୟାସ୍ ସଙ୍କଟ ଯୋଗୁଁ ଗ୍ରାମାଞ୍ଚଳରେ ୪୫ ଦିନ ଓ ସହରାଞ୍ଚଳରେ ୨୧ଦିନରେ ଗ୍ୟାସ୍ ଯୋଗାଇ ଦିଆଯିବ ବୋଲି ଘୋଷଣା ହୋଇଥିଲା। ସେହି ଅନୁଯାୟୀ ସହରାଞ୍ଚଳ ପାଇଁ ଠିକ୍ ବ୍ୟବସ୍ଥା କରାଯାଇଥିବା ବେଳେ ଗ୍ରାମାଞ୍ଚଳରେ ଯେଉଁ ବ୍ୟବସ୍ଥା କରାଯାଇଛି ସେଥିରେ ଉପଭୋକ୍ତାମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଗ୍ରାମାଞ୍ଚଳରେ ଜଙ୍ଗଲ ନାହିଁ କିମ୍ବା କାଠ କିଣିବା ପାଇଁ ସେଭଳି ବ୍ୟବସ୍ଥା ନଥିବାବେଳେ ସେଠାକାର ଉପଭୋକ୍ତା କିପରି ରୋଷେଇ କରି ଚଳିବେ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାରେ ଏଚ୍‌ପି, ଇଣ୍ଡେନ୍ ଓ ଭାରତ ଗ୍ୟାସ୍ କମ୍ପାନୀର ଶାଖା କାର୍ଯ୍ୟ କରୁଛି। ଯେଉଁ ଉପଭୋକ୍ତାମାନେ ଗ୍ରାମାଞ୍ଚଳରେ ରହି ସମ୍ପୂର୍ଣ୍ଣ ଭାବରେ ଗ୍ୟାସ୍ ଉପରେ ନିର୍ଭର କରୁଛନ୍ତି, ସେମାନେ କିପରି ଭାବରେ ୪୫ ଦିନରେ ଗୋଟିଏ ଗ୍ୟାସ୍ ବୁକିଙ୍ଗ୍ କରି ଆଉ ୪/୫ ଦିନ ପରେ ଗ୍ୟାସ୍ ଆଣି ବ୍ୟବହାର କରିବା କଷ୍ଟକର ହୋଇପଡୁଛି। ଏପରିସ୍ଥଳେ ସହରାଞ୍ଚଳ ପରି ଗ୍ରାମାଞ୍ଚଳରେ ମଧ୍ୟ ୨୧ଦିନରେ ଗ୍ୟାସ୍ ଯୋଗାଇ ଦେବା ସହିତ ବୁକିଙ୍ଗ୍ ବ୍ୟବସ୍ଥା କରି ଏହାର ସମାଧାନ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ଭେଟି ସମ୍ପାଦକ ରବି ରଥ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

କୁକୁର ଆକ୍ରମଣରେ ହରିଣ ମୃତ

କାମାକ୍ଷାନଗର,୧୮।୮ (ସମିସ): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧୀନରେ ଥିବା ମୋଟା ଗ୍ରାମରେ ବୁଲା କୁକୁରଙ୍କ ଆକ୍ରମଣରେ ଏକ ହରିଣର ମୃତ୍ୟୁ ହୋଇଛି। ହରିଣଟିକୁ ବୁଲା କୁକୁର କାମୁଡି ଦେଇଥିବା ବେଳେ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତେବେ ମୋଟା ଗ୍ରାମ ନିକଟରେ ଥିବା ଜଙ୍ଗଲରୁ ହରିଣଟି ଖାଦ୍ୟ ଅନ୍ୱେଷଣରେ ଜନବସତି ଅଞ୍ଚଳକୁ ପଳାଇ ଆସିଥିବା ବେଳେ ବୁଲା କୁକୁରଙ୍କ ହାବୁଡ଼ରେ ପଡ଼ିଥିଲା। ଫଳରେ କୁକୁରଗୁଡ଼ିକ ସଂଘବଦ୍ଧ ଭାବେ ହରିଣକୁ ଆକ୍ରମଣ କରି ମାରିଦେଇଛନ୍ତି। ଖବର ପାଇ ବନବିଭାଗ କର୍ମଚାରୀ ମୃତ ହରିଣଟିକୁ ପଶ୍ଚିମାଞ୍ଚଳ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ସେଠାରେ ପ୍ରାଣୀ ଚିକିତ୍ସକ ପହଞ୍ଚି ମୃତ ହରିଣର ଶବ ବ୍ୟବଚ୍ଛେଦ କରିବା ପରେ ରେଞ୍ଜ କାର୍ଯ୍ୟାଳୟ ପରିସରରେ ବନ ବିଭାଗ ତରଫରୁ ହରିଣଟିକୁ ପୋତି ଦିଆଯାଇଛି। ତେବେ କାମାକ୍ଷାନଗର ଅଞ୍ଚଳରେ ବହୁ ସଂଖ୍ୟକ ହରିଣ ଦିନକୁ ଦିନ ଏପରି ଭାବେ ମୃତ୍ୟୁବରଣ କରୁଥିବା ବେଳେ ହରିଣଙ୍କ ସୁରକ୍ଷାକୁ ନେଇ ବନ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାରେ ବିଫଳ ହୋଇଛି। ଯାହାକୁ ନେଇ ଆଗାମୀ ସମୟରେ ହରିଣଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ବନବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଛକ ଓ ରାସ୍ତା ଉନ୍ନତୀକରଣ ଦାବି

ଭୁବନ,୧୮।୮ (ସମିସ): ନଗର ବିକାଶ ଆଧାରରେ ପ୍ରତ୍ୟେକ ଛକ ଓ ରାସ୍ତା ଉନ୍ନତିକରଣ କରିବାକୁ ୧ ନମ୍ବର ୱାର୍ଡ କାଉନସିଲର ଗିରିଧାରୀ ସାହୁ ଦାବି କରିଛନ୍ତି। ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦେଇଥିବା ଦାବିପତ୍ରରେ କାଉନସିଲର ଶ୍ରୀ ସାହୁ ଉଲ୍ଲେଖ କରିଛନ୍ତି ଯେ, ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ସବୁଠାରୁ ଶିକ୍ଷିତ ଓ ସଚେତନ ୱାର୍ଡ ଭାବେ ପରିଚିତ। ୱାର୍ଡ ନଂ ୧ ଗୋଟିଏ ରାଜସ୍ୱ ଗ୍ରାମ ଟୋଲକବେରେଣୀ, ୟୁନିଟ୍ ନଂ ୫ ଓ ଜନସଂଖ୍ୟା ପ୍ରାୟ ୪ ହଜାର। ଭୁବନ ସହରରେ ପରିବାର ବୃଦ୍ଧି ପାଇବା ଓ ଜନ ସଂଖ୍ୟା ଅଧିକ ହେବା କାରଣରୁ ସେମାନଙ୍କ ମଧ୍ୟରୁ କିଛି ପରିବାର ଏହି ମୌଜାରେ ଘର କରି ରହିଲେ। ମାଷ୍ଟର ପ୍ଲାନ ଆଧାରରେ ରାସ୍ତା ଓ ଘର ନିର୍ମାଣ ହୋଇଛି। ଏହି ୱାର୍ଡରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ, ଡାକ ବଙ୍ଗଳା, ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟଳୟ, ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଦୁଇଟି ଉଚ୍ଚ ବିଦ୍ୟାଳୟ ଓ ଗୋଟିଏ ପ୍ରାଥମିକ ବିଦ୍ୟାଳୟ, ୪ଟି ଅଙ୍ଗନୱାଡି କେନ୍ଦ୍ର, ବଡ଼ ବଡ଼ ବାଣିଜ୍ୟସ୍ଥଳୀ (ସପିଙ୍ଗ ମଲ୍), ୪ଗୋଟି ଜାତୀୟ କରଣ ବ୍ୟାଙ୍କ ଇତ୍ୟାଦି ରହିଛି। ଅନ୍ୟ ୱାର୍ଡର ରାସ୍ତା ଠାରୁ ଏହି ୱାର୍ଡର ରାସ୍ତା ଚଉଡ଼ା। ସରକାରଙ୍କ ଯୋଜନା ଅନୁଯାୟୀ ମୁଖ୍ୟ ରାସ୍ତା ପାର୍ଶ୍ୱରେ ପାଦଚଲା ରାସ୍ତା, ରାସ୍ତାପାର୍ଶ୍ୱ ବୃକ୍ଷ ରୋପଣ, ବିଶ୍ରାମ ଚେୟାର ଆଦି ରହିବାର ଏକମାତ୍ର ଯୋଗ୍ୟ ୱାର୍ଡ। ବର୍ତ୍ତମାନ ଏହି ୱାର୍ଡର ମୁଖ୍ୟରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରିବା ସହ ଜନସଂଖ୍ୟା ବୃଦ୍ଧି, ଗାଡ଼ି ମୋଟର ବୃଦ୍ଧି କାରଣରୁ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ ଯୋଜନା ଅନୁଯାୟୀ ଏହି ୱାର୍ଡ କୁ ଉନ୍ନତି କରିବା ପାଇଁ କାଉନସିଲର ଗିରିଧାରୀ ସାହୁ ଦାବି କରିବା ସହ ଏହାର ଏକ ନକଲ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି।

ଗହଣା ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

ହିନ୍ଦୋଳ,୧୮।୮ (ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ସତମାଇଲ ନିକଟ ଗୁରିଲୋ କାଜୁ ବଗିଚାରେ ଜନୈକ ସୁନା ଗହଣା ବ୍ୟବସାୟୀଙ୍କ ମୃତ ଦେହକୁ ପୁଲିସ ଜବତ କରିଛି । ମଙ୍ଗଳବାର ପୂର୍ବାହ୍ନ ୧୨ ସମୟରେ ସ୍ଥାନୀୟ ବାସିନ୍ଦା ଯୁବକର ମୃତ ଦେହକୁ ଦେଖି ବାଲିମ ପୁଲିସକୁ ଖବର ଦେଇଥିଲେ। ଗାଡ଼ି ନମ୍ବରକୁ ଯାଞ୍ଚ କରିବା ପରେ କିଛି ଲୋକ ସେ ନିକଟ ଡୁଡୁରକୋଟ ଗ୍ରାମର ବନ୍ଧୁ ଢେଙ୍କାନାଳ, ମହୀଧପୁର ଗ୍ରାମର ବୋଲି ଜଣାପଡ଼ିଥିଲା। ମୃତ ଯୁବକ ହେଲେ

ପ୍ରଦୀପ ସାହୁ (୫୦)। ତାଙ୍କ ଘର ମହୀଧପୁର ହୋଇଥିବା ବେଳେ ସେ ଛେଣ୍ଡିପଡ଼ା ଅଞ୍ଚଳରେ ଏକ ଗହଣା ଦୋକାନ କରି ପରିବାର ସହିତ ଟାଙ୍ଗିରି ପଶିରେ ରହୁଥିଲେ ବୋଲି ଜଣାପଡ଼ିଛି। ପରିବାର ଲୋକଙ୍କ କହିବା କଥା ୨ ଦିନ ପୂର୍ବରୁ ପ୍ରଦୀପ ରାସନ ଚାଉଳ ନେବା ପାଇଁ ନିଜ ଗ୍ରାମ ମହୀଧରପୁର ଆସିଥଲେ। ଆଜି ସକାଳୁ ଘରୁ ନିଜ ଦୋକାନ ଟାଙ୍ଗିରି ପଶି ଫେରିଥିଲେ ବୋଲି ତାଙ୍କ ସ୍ତ୍ରୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ଦିନ ୧୨ ବେଳକୁ ସେହି ଫୋନକୁ ତାଙ୍କ ସ୍ତ୍ରୀ ଫୋନ କରିବାରୁ ଫୋନଟି ସ୍ୱିଚ୍ ଅଫ୍ ଥିଲା ବୋଲି ତାଙ୍କ ସ୍ତ୍ରୀ କହୁଥିବା ବେଳେ, ଯେଉଁ କାଜୁ ଗଛ ତଳେ ଗୋଟିଏ ଗାମୁଛାରେ ପ୍ରଦୀପ ର ମୃତ ଦେହ ଝୁଲୁଥିଲା ମାଟି ଠାରୁ ଖୁବ କମ ଉଚ୍ଚତା ଥିବାରୁ ତାଙ୍କ ଗୋଡ଼ ତଳେ ଲାଗୁଥିଲା। ପରିବାର ଲୋକଙ୍କ କହିବା କଥା ଆମର କୌଣସି ଝଗଡ଼ା ନଥିଲା। କେହି ଦୁର୍ବୃତ୍ତ ତାଙ୍କୁ ମାରି ତାଙ୍କ ନିକଟରୁ ସୁନା ଗହଣା ନେଇ କାଜୁ ଗଛରେ ଟାଙ୍ଗୀ ଦେଇଛି ବୋଲି ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ବାଲିମ ପୁଲିସ ସହିତ ସାଇଟଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ, ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚଳାଇ ଥିବା ବେଳେ ଶବ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତର ଖାନାକୁ ଶବକୁ ପଠାଇ ଦିଆଯାଇଛି । ତେବେ ପୁଲିସ ସଠିକ ଭାବେ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ବାହାର କରିବା ପାଇଁ ଉପଖଣ୍ଡର ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

ଯୌତୁକ ନିଷେଧ ଅଧିନିୟମ ସଂପର୍କିତ ପ୍ରଶିକ୍ଷଣ ଶିବିର

ଢେଙ୍କାନାଳ,୧୮।୮ (ସମିସ)

ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଯୌତୁକ ଅଧିନିୟମ-୧୯୬୧ ସଂପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା କୁମାରୀ ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ଏହି ଶିବିର ଆୟୋଜନ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଶିବିରରେ ଡ଼ିଏସପି ସୁଷମା ପ୍ରଧାନ, ମେଡିକାଲ ଅଫିସର୍ ଡାକ୍ତର ଶାନ୍ତନୁ କୁମାର ଟୁଡୁ, ଆଇନଜୀବୀ ହରିହର ପଣ୍ଡା, ସମାଜ ମଙ୍ଗଳ ଅଧିକାରୀ ରୁକ୍ମଣୀ ସାହୁ, ସୁରକ୍ଷା ଅଧିକାରୀ ପଙ୍କଜିନୀ କର, ୟୁନିସେଫ୍ ର ଯୁଗ୍ମ ଜିଲ୍ଲା ସଂଯୋଜିକା ସଂଧା ରାଣୀ ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ସିଡ଼ିପିଓ, ସୁପରଭାଇଜର, ଅଙ୍ଗନୱାଡ଼ି କର୍ମୀ, ଏନଜିଓ ର କର୍ମକର୍ତ୍ତା ଓ କିଶୋରୀ ବାଳିକାମାନେ ଯୋଗ ଦେଇଥିଲେ। ଯୌତୁକ ଜନିତ ନିର୍ଯାତନା ଓ ହିଂସା ପ୍ରମାଣିତ ହେଲେ ଭରଣ ପୋଷଣ ଦେବା, ଜେଲ୍, ଜୋରିମାନା ଏପରିକି ଆଜୀବନ କାରାଦଣ୍ଡର ନିୟମ ରହିଛି । ଯୌତୁକ ମାଗିବା ଓ ଯୌତୁକ ଦେବା ଉଭୟ ଦୋଷାବହ, ଏହାକୁ ସମସ୍ତେ

ବିରୋଧ କରିବା ଉଚିତ୍ । ଯୌତୁକ ଜନିତ ଶାରିରୀକ ଓ ମାନସିକ ନିର୍ଯାତନା ଓ ହିଂସା ସାମାଜିକସ୍ତରରେ କାର୍ଯ୍ୟକାରୀ ନ ହୋଇପାରିଲେ ଏହା ଫଳଶୂନ୍ୟ, କିଶୋର-କିଶୋରୀ ଶିକ୍ଷିତ ହୋଇ ଆତ୍ମନିର୍ଭରଶୀଳ ହେବା ଜରୁରୀ ବୋଲି ଶିବିରରେ ଆଲୋଚନା ହୋଇଥିଲା। କିଶୋର- କିଶୋରୀ କ୍ଲବ୍ ଗଠନ କରାଯାଇ, ସୋସିଆଲ ମିଡିଆରେ ପ୍ରଚାର ପ୍ରସାର କରି, ସେମାନଙ୍କୁ ସଚେତନ କରାଇବା ସହିତ ତୃଣମୂଳ ସ୍ତରୀୟ କର୍ମୀମାନଙ୍କ ପ୍ରତ୍ୟକ୍ଷ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା ହୋଇଥିଲା ବାଲ୍ୟ ବିବାହ ଓ କନ୍ୟା ଚାଲାଣ ରୋକିବା, ସ୍ୱଳ୍ପ ବୟସରେ ଗର୍ଭ ଧାରଣ ନ କରିବା, ଶିଶୁ ଶ୍ରମିକ ଉଚ୍ଛେଦ, ଘରୋଇ ହିଂସା ଆଦି ସମ୍ପର୍କରେ ଅଧିକାରୀମାନେ ଆଲୋଚନା କରିଥିଲେ। କିଶୋର- କିଶୋରୀମାନେ ସରକାରୀ ଯୋଜନାରେ ଥିବା ସମସ୍ତ ସୁବିଧା ସୁଯୋଗ ସଂପର୍କରେ ଅବଗତ ହୋଇ ନିଜେ ନିଜର ଭବିଷ୍ୟତ ଗଠନ କରିବାକୁ ପରାମର୍ଶ ଦେଇଥିଲେ । କୌଣସି ପ୍ରକାରର ନିର୍ଯ୍ୟାତନାର ଶିକାର ହେଲେ ହେଲପ୍ ଲାଇନ୍ ନମ୍ବର ୧୧୨ ରେ ପୋଲିସ ବିଭାଗକୁ, ନିର୍ଯାତିତା ମହିଳାମାନେ ହେଲପ୍ ଲାଇନ୍ ୧୮୧ ରେ ଏବଂ ଶିଶୁ ନିର୍ଯାତନା ରୋକିବାକୁ ହେଲ୍ପଲାଇନ ନମ୍ବର ୧୦୯୮ ରେ ଯୋଗାଯୋଗ କରି ନିଜର ସୁରକ୍ଷା ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି।

ଅଧା ହେଲାଣି ଶିକ୍ଷାବର୍ଷ, ମିଳିନି ସାହିତ୍ୟ ବହି

ଗଁଦିଆ,୧୮।୮ (ସମିସ): ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କରୁଥିବାବେଳେ ଢେଙ୍କାନାଳ ଶିକ୍ଷା ଜିଲ୍ଲା ଅଧୀନରେ ଥିବା ଗଁଦିଆ ବ୍ଲକରୁ ଆସିଛି ସରକାରୀ ବ୍ୟବସ୍ଥାର ଏକ ବିକଳ ଚିତ୍ର। ଶିକ୍ଷାବର୍ଷ ଆରମ୍ଭ ହେବାର ଅଧା ସମୟ ବିତିଯାଇଥିଲେ ସୁଦ୍ଧା ଲାଉଲଇ କ୍ଲଷ୍ଟରର ଛାତ୍ରଛାତ୍ରୀଙ୍କୁ ଆଜି ପର୍ଯ୍ୟନ୍ତ ୫ମ ଶ୍ରେଣୀର 'ସାହିତ୍ୟ' ବହି ମିଳିପାରିନାହିଁ। ବିନା ବହିରେ କୋମଳମତି ଶିଶୁମାନଙ୍କ ପାଠପଢ଼ା କିଭଳି ଚାଲିଛି, ତାହା ଏବେ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଉ ମାତ୍ର କିଛି ଦିନ ପରେ ବିଦ୍ୟାଳୟଗୁଡ଼ିକରେ ପ୍ରଥମ ସମାପ୍ତିସୂଚକ ଆକଳନ କରାଯିବା ନେଇ ସରକାରୀ ନିର୍ଦ୍ଦେଶ ରହିଛି। ଗୋଟିଏ ପଟେ ପରୀକ୍ଷା ପାଖେଇ ଆସୁଥିବା ବେଳେ ଅନ୍ୟପଟେ ପିଲାଙ୍କ ହାତରେ ନିଜ ମାତୃଭାଷାର ମୁଖ୍ୟ ବହି ନାହିଁ। ବହି ନପାଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଘୋର ଚିନ୍ତାରେ ଥିବା ବେଳେ ଶିକ୍ଷା ବିଭାଗର ଏଭଳି ଖାମଖିଆଲି ମନୋଭାବକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଲାଉଲଇ କ୍ଲଷ୍ଟରର ସିଆରସିସି ଙ୍କୁ ପଚାରିବାରୁ, "ଆଉ ମାତ୍ର ୨ ଦିନ ପରେ ବହି ମିଳିଯିବ' ବୋଲି ସେ ଅତି ସହଜରେ ଉତ୍ତର ଦେଇ ନିଜ ଦାୟିତ୍ୱ ସାରିଦେଇଛନ୍ତି। ତେବେ ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି ଯେ, ଯଦି ଦୁଇ ଦିନ ପରେ ବହି ଆସେ, ତେବେ ବିଗତ ୪ ମାସର ପାଠ୍ୟକ୍ରମକୁ ଶିକ୍ଷକମାନେ କିଭଳି ଏତେ କମ୍ ଦିନରେ ଛାତ୍ରଛାତ୍ରୀଙ୍କୁ କିପରି ପାଠ ପଢ଼ାଇ ଏହାକୁ ଶେଷ କରିବେ। ଆଉ କୋମଳମତି ଛାତ୍ରଛାତ୍ରୀ ବା ଏକାସାଙ୍ଗରେ ଏତେ ପାଠକୁ କିପରି ଗ୍ରହଣ କରିବେ ଏନେଇ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବହି ବଣ୍ଟନରେ ଏଭଳି ଚରମ ଅବହେଳା ସ୍ଥାନୀୟ ପ୍ରଶାସନର ପାରିବାପଣିଆ ଉପରେ ଆଙ୍ଗୁଠି ଉଠାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ପିଲାଙ୍କ ଭବିଷ୍ୟତ ସହ ଖେଳୁଥିବା ତଥା ଦାୟିତ୍ୱରେ ଅବହେଳା କରୁଥିବା ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

■ ନିଃସହାୟ ଚଞ୍ଚଳାଙ୍କ ଦୁଃଖ ଶୁଣୁନାହାନ୍ତି ସରକାର

୫ ମାସ ହେଲା ମିଳୁନି ବିଧବା ଭତ୍ତା

ହିନ୍ଦୋଳ,୧୮।୮ (ସମିସ): ଗ୍ରାମାଞ୍ଚଳ ର ଜନସାଧାରଣ କିପରି ସୁରୁଖୁରୁରେ ଚଳିପରିବେ ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରୁଛନ୍ତି। ଏପରିକି ଜନ୍ମ ରୁ ମୃତ୍ୟୁ ଯାଏ ଯୋଜନା ପ୍ରଣୟନ କରିଛନ୍ତି ସରକାର, ହେଲେ ଏହାର ସଫଳ ରୂପାୟନ ହେଉଛି କି ନାହିଁ ଏହାକୁ ତଦାରଖ କରିବା ପାଇଁ କାହାର ଆଗ୍ରହ ନାହିଁ। ଏପରି ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ହନ୍ଦୋଳ ଉପଖଣ୍ଡ ରାଜମୋହନପୁର ଗ୍ରାମରେ। ଗ୍ରାମର ନିଃସହାୟ ଦଳିତ ମହିଳା ଚଞ୍ଚଳା ନାୟକ ବୟସ ୭୦, ଆଜକୁ , ୧୦ ବର୍ଷ ହେବ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ପରିବାର କହିଲେ କେହି ନାହିଁ, ପୂର୍ବରୁ ମଜୁରି କରି ଗୁଜୁରାଣ ମେଣ୍ଟାଉ ଥିବା ବେଳେ ବୟସ ର ଅପାରହ୍ନ ରେ ଆଉ ମଜୁରୀ କରିବା ପାଇଁ ବଳ ନାହିଁ ଚଞ୍ଚଳାର। ଏବେ ସରକାରଙ୍କ ଦ୍ୱାରା ମିଳୁଥିବା ଗଣ୍ଡିଏ ଚାଉଳ ଓ ମାସିକ ଏକ ହଜାର ଟଙ୍କା ଭତ୍ତା। ମାତ୍ର ୫ ମାସ ହେବ ଭତ୍ତା ଟଙ୍କା ଭତ୍ତା ଟଙ୍କା ପାଇବା ପାଇଁ ହିନ୍ଦୋଳ ଏନ୍‌ଏସି କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହେଲାଣି। ତେବେ କୌଣସି ସୁଫଳ ମିଳିବା ବଦଳରେ ମିଳୁଛି ପ୍ରତିଶ୍ରୁତି। ଏବେ ରୋଗଗ୍ରସ୍ତ ଚଞ୍ଚଳା କେମିତ। ନିଜ ଗ୍ରାମରେ ମାଗି ଯେନ ତେନ କଷ୍ଟ ରେ ଚାଲୁଛି ସେ ହେଲେ ଟଙ୍କା ଅଭାବ ରୁ ନେ ଦିନ ଖାଇବା ଗଣ୍ଡିଏ ପାଇଁ ବାର ଦୁଆର ହେଉଛି ଚଞ୍ଚଳା ବୋଲି କୋହ ଭରା କଣ୍ଠରେ କହିଛି ସେ, ପୂର୍ବରୁ ପ୍ରତି ମାସରେ ଭତା ଟଙ୍କା ପାଇଆସୁଥିବା ବେଳେ ୫ ମାସ ହେବ ପାଉନି ସେ ଭତା ଟଙ୍କା, ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନିଃସହାୟ ଚଞ୍ଚଳା କିପରି ତାର ଭତା ଟଙ୍କା ପାଇପାରିବ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳ ବାସି ଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କ ରେ ହିନ୍ଦୋଳ ଏନଏସି ଅଧିକାରୀ ରବିନାରାୟଣ ବେହେରା ଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ଚଞ୍ଚଳା ନାୟକ ୫ ମାସ ହେଲା ଭତା ପାଇନଥିବା କଥା ଆମେ ଅବଗତ ଅଛୁ କିନ୍ତୁ ଉପରୁ ଅସୁବିଧା ଥିବାରୁ ଏନଏସି ର ବହୁ ବିଧବା ମହିଳା ୫ ମାସ ହେଲା ଭତା ଟଙ୍କା ପାଇପରୁନାହାନ୍ତି। ଏ ସମ୍ପର୍କ ରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଛୁ। ତେବେ ନିଃସହାୟ ଚଞ୍ଚଳାର ଦୁଃଖ କେବେ ଶୁଣୁଛନ୍ତି ସରକାର ଦେଖିବାକୁ ବାକି ରହିଲା ।

ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ଦୁର୍ଗାପ୍ରସାଦ ବିଜୟୀ

ଢେଙ୍କାନାଳ,୧୮।୮ (ସମିସ) : ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଆଇଜିଆଇଟି, ସରାଙ୍ଗ ଫୁଟବଲ କ୍ଲବ ସହିତ ଦୁର୍ଗାପ୍ରସାଦ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ୨ -୧ ଗୋଲରେ ଦୁର୍ଗା ପ୍ରସାଦ ଫୁଟ୍‌ବଲ୍ କ୍ଲବ୍ ବିଜୟୀ ହୋଇଥିଲା। ମ୍ୟାଚରେ ରେଫରୀ ଭାବେ ମହେଶ ପ୍ରଧାନ, ଅରୁଣ ନାୟକ, ଶୁଭ୍ରଜିତ୍ ସ୍ୱାଇଁ, ସୁଜିତ ନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ମାୟାଧର ସାହୁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚ୍‌ରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଟାଉନ୍ କ୍ଲବ୍ ସଭାପତି ନବୀନ ଚନ୍ଦ୍ର ନାରାୟଣ ଦାସ ଯୋଗଦେଇଥିଲେ। କମିଟି ସମ୍ପାଦକ ନଳିନୀ ଦାସ, ଉପ-ସଭାପତି ତଥା ସାଂଗଠନିକ ସଂପାଦକ ସଞ୍ଜୟ ଭଞ୍ଜ, ପ୍ରେମାନନ୍ଦ ବିହାରୀ, ଉପସଭାପତି ସୌଭାଗ୍ୟ ସାହୁ, ଅଭିଜିତ ମିଶ୍ର, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ସୁନିଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ବସନ୍ତ ବେହେରା, ସନ୍ତୋଷ କାନୁନଗୋ, ପ୍ରତୀକ ଭଞ୍ଜ, ଶିବ ପ୍ରସାଦ ଦାଶ, ଶିବରାମ ଦେହୁରୀ, ସୁଶାନ୍ତ ଜେନା, ପର୍ଶୁରାମ ମିଶ୍ର, ସରୋଜ ପାଢୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମନୋଜ ଦାସ, ରାଜେନ୍ଦ୍ର ପାଣି, ଦୀପ୍ତିରଞ୍ଜନ ସେଠୀ, ଅଜୟ ପଟ୍ଟନାୟକ, ପ୍ରକାଶ ପତି, ଅଜୟ ବାରିକ, ତନ୍ମୟ ପଟ୍ଟନାୟକ, ସଂଜୟ ନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ବୁଧବାର ସରକାରୀ ଆଇଟିଆଇ ଫୁଟ୍‌ବଲ୍ କ୍ଲବ୍ ସହିତ ଚିରୁଳେଇ ଫୁଟ୍‌ବଲ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

ରାତିଅଧରେ ଗାଁ'ରେ ପଶିଲା ହାତୀ; ଜଣେ ମୃତ

ହିନ୍ଦୋଳ/ଖଜୁରିଆକଟା,୧୮।୮ (ସମିସ) : ଢେଙ୍କାନାଳ ବନଖଣ୍ଡର ହିନ୍ଦୋଳ ଉପଖଣ୍ଡରେ ଜନୈକ ଯୁବକଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୋମବାର ସକାଳେ ଜଣେ ଯୁବକଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା ମନରୁ ନଯାଉଣୁ ପୁଣି ଗତକାଲି ହାତୀ ଗାଁ ଭିତରେ ପଶି ତାଣ୍ଡବ ରହିଥିବାବେଳେ ହଠାତ ଜଣେ ବ୍ୟକ୍ତି ହାତୀ ସହ ମୁହାଁମୁହିଁ ହେବାରୁ ହାତୀ ଶୁଣ୍ଢରେ ପିଟି ଦେବାରୁ ମୃତ୍ୟୁବରଣ କରିଥିବା ହୋଇଥିଲା। ଗତକାଲି ମଧରାତ୍ରିରେ ହିନ୍ଦୋଳ ବନାଞ୍ଚଳ ଅଧୀନ ଖଜୁରିଆକଟା ବିଟ ଅନ୍ତର୍ଗତ କନ୍ତିମିଲି ପଞ୍ଚାୟତର କୁମୁରୁସିଙ୍ଗା ଗ୍ରାମରେ ମଧ ରାତ୍ରି ପ୍ରାୟ ୨ଟା ସମୟରେ ଏକ ବଣୁଆହାତୀ ଆସି ଭଙ୍ଗାରୁଜା କରୁଥିବା ସମୟରେ ଶଢଶୁଣି ଗ୍ରାମର ସ୍ୱର୍ଗତ ପ୍ରାଣବନ୍ଧୁ ଦେହୁରୀଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ଦେହୁରୀ ନିଦରୁ ଉଠି ଘର ଦାଣ୍ଡକୁ ଆସିବା ସମୟରେ ହଟାତ ହାତୀ ହାତୀସହ ମୁହାଁ ମୁହିଁ ହେବାରୁ ସେଇଠି ଟଳି ପଡ଼ିଥିଲେ। ତେବେ ପରିବାର ଲୋକେ ପୂର୍ଣ୍ଣ ଙ୍କୁ ତୁରନ୍ତ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ଆଣିବାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତେବେ ଘଟଣାର ତଦନ୍ତ ହିନ୍ଦୋଳ ବନବିଭାଗ ଅଧିକାରୀ ତ୍ରିଲୋଚନ ଦେହୁରୀ ଓ ବାଲିମି ପୋଲିସ ତଦନ୍ତ କରୁଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପ୍ରକାଶ। ତେବେ ପୂର୍ଣ୍ଣଚନ୍ଦ୍ର ଦେହୁରୀଙ୍କ ମୃତ୍ୟୁରେ ପୂର୍ବତନ ସାଂସଦ ମହେଶ ସାହୁ ଶୋକପ୍ରକାଶ କରିଥିବାବେଳେ ଅଞ୍ଚଳରେ ଶୋକରଛାୟା ଖେଳି ଯିବାସହ ମୃତକଙ୍କ ପରିବାର କୁ ସରକାରୀ ସହାୟତା ଯୋଗାଇଦିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ହିନ୍ଦୋଳ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ

ଖଜୁରିଆକଟା,୧୮।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଶକ୍ତିଶ୍ରୀ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଛାତ୍ରୀଙ୍କୁ ଅବତାରଣା କରିବା ସହିତ ଏହାର ସୁଯୋଗ ନେବାପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ନାରୀଙ୍କର ସାମ୍ବିଧାନିକ ଅଧିକାର ସମ୍ପର୍କରେ ଆଲୋକପାତ କରିବା ସହ ନାରୀଙ୍କ ପାଇଁ ଶକ୍ତିଶ୍ରୀ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ଶକ୍ତିଶ୍ରୀ ସଂଯୋଜିକା ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସଭ୍ୟା ତଥା ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପିକା ଏଲିଶା ଖଡ଼ିରତ୍ନ ଧନ୍ୟବାଦ ଅର୍ପଣ କରିଥିଲେ।

୫୬ ବର୍ଷର ବିଦ୍ୟାଳୟରେ ଶିକ୍ଷାଦାନର ବିକଳ ଚିତ୍ର

୫ବର୍ଷ ହେଲା ୨ ଶିକ୍ଷକରେ ଚାଲିଛି ୮ ଶ୍ରେଣୀ

ଢେଙ୍କାନାଳ,୧୮।୮ (ସମିସ)

ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ କନ୍ତିଓକାଟେଣୀ ପଞ୍ଚାୟତର କଦଳୀପାଳ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଅଭାବନୀୟ ଚିତ୍ର। ଦୀର୍ଘ ୫ବର୍ଷ ହେଲା ମାତ୍ର ଦୁଇଜଣ ଶିକ୍ଷକରେ ୮ଟି ଶ୍ରେଣୀର ପାଠପଢ଼ା ହେଉଥିବା ଜଣାପଡ଼ିଛି। ଏହି ଶିକ୍ଷକ ଅଭାବକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଦ୍ଧିଜୀବୀ ଓ ଅବସରପ୍ରାପ୍ତ ପଦସ୍ଥ ବ୍ୟାଙ୍କ ଅଧିକାରୀ ପ୍ରମୋଦ ନନ୍ଦ ଏବଂ ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ରଥ କାମାକ୍ଷାନଗର ବ୍ଲକ୍ କନ୍ତିଓକାଟେଣୀ ପଞ୍ଚାୟତ କଦଳୀପାଳ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଡ.ରାଧାନାଥ ରଥଙ୍କ ଜନ୍ମ ବାର୍ଷିକୀ ପାଳନ ବୈଠକରେ ଯୋଗ ଦେବାକୁ ଯାଇ ଏଭଳି ସମସ୍ୟା

ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହି ଶିକ୍ଷାୟତନଟି ତୁମୁସିଂହା-ଆଲୁଅଝରଣ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ। ଶିଶୁବାଟିକା ଠାରୁ ଆରମ୍ଭ କରି ୭ମ ଶ୍ରେଣୀ ଯାଏଁ ଉକ୍ତ ବିଦ୍ୟାଳୟର ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୫୩ ରହିଛି। ସେଥିମଧ୍ୟରୁ ୩୦ବାଳକ ଓ ୨୩ ବାଳିକା ରହିଛନ୍ତି। ଶିଶୁ ବାଟିକାରେ ୫ ବାଳକ ଓ ୨ ବାଳିକା, ପ୍ରଥମ ଶ୍ରେଣୀରେ ୨ବାଳକ ଓ ୧୦ ବାଳିକା, ଦ୍ୱିତୀୟ ଶ୍ରେଣୀରେ ଜଣେ ବାଳକ, ତୃତୀୟ ଶ୍ରେଣୀରେ ୫ଜଣ ଲେଖାଏଁ ବାଳକ ଓ ବାଳିକା, ଚତୁର୍ଥ ଶ୍ରେଣୀରେ ୮ଜଣ ବାଳକକୁ ଜଣେ ବାଳିକା, ୫ମ ଶ୍ରେଣୀରେ ୪ଜଣ ବାଳକକୁ ୨ଜଣ ବାଳିକା, ୬ଷ୍ଠ ଶ୍ରେଣୀରେ ଜଣେ ବାଳକକୁ ୨ଜଣ ବାଳିକା ଓ ସପ୍ତମ ଶ୍ରେଣୀରେ ୪ଜଣ ବାଳକକୁ ଜଣେ ବାଳିକା ପାଠ ପଢୁଛନ୍ତି। ଶିଶୁ ବାଟିକା ଠାରୁ ୭ମ ଶ୍ରେଣୀ ଯାଏଁ ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଜଣେ ସହକାରୀ ଶିକ୍ଷୟିତ୍ରୀ ଓ ଜଣେ ପ୍ରଧାନଶିକ୍ଷକ ଗତ ୫ବର୍ଷ ହେବ ପାଠ ପଢ଼ାଉଛନ୍ତି। ସେହିପରି ପାଣି ଗଳୁଥିବା ଦୁଇଟି ଆଜବେଷ୍ଟସ୍ ଶ୍ରେଣୀଗୃହ ଓ ଦୁଇଟି ପକ୍କା ଛାତର ଶ୍ରେଣୀଗୃହ ରହିଛି। ଏତଦ୍‌ବ୍ୟତୀତ ବିଦ୍ୟାଳୟର ଏକ ପକ୍କାଛାତ ବିଶିଷ୍ଟ କାର୍ଯ୍ୟାଳୟ ଗୃହ ରହିଛି। ୧୯୭୦ ମସିହାରେ ପ୍ରତିଷ୍ଠିତ ୫୬ବର୍ଷର ଏହି ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପ୍ରାଚୀର ରହିଥିଲେ ବି ଛାତ୍ରଛାତ୍ରୀଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ଏଯାଏଁ ହୋଇନାହିଁ। ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା ବି ନାହିଁ। ଗ୍ରାମବାସୀ ଗ୍ରାମ ପାଇଁ ଉଦ୍ଦିଷ୍ଟ ପାଣିଟାଙ୍କିରୁ ଗୋଟିଏ ପାଣି ଟ୍ୟାପ୍ ସଂଯୋଗ କରାଇ ଦେଇଛନ୍ତି। ଯେଉଁଥିରେ ମଧ୍ୟାହ୍ନ ଭୋଜନ ରୋଷେଇ ଠାରୁ ଆରମ୍ଭ କରି ହାତ ଧୋଇବା ଓ ବାସନମଜା ଆଦି କାର୍ଯ୍ୟ କରାଯାଉଛି। ବିଦ୍ୟାଳୟ ବଗିଚା ପାଇଁ ପାଣି ଅଭାବ। ବିଦ୍ୟାଳୟ ଆରମ୍ଭରୁ ଦୁଇବଖରା ଆଜବେଷ୍ଟସ୍ ଗୃହ ରହିଛି, ଯାହା ଶ୍ରେଣୀଗୃହ ଭାବେ ବ୍ୟବହୃତ ହେଉଛି ଏବଂ ମଝିରେ ବର୍ଷା ହେଲେ ପାଣି ବି ଗଳୁଛି। ବିଦ୍ୟାୟର ଏଭଳି ଅବ୍ୟବସ୍ଥା ଯୋଗୁଁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏଠାକୁ ଛାଡ଼ିବାକୁ ଅମଙ୍ଗ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ବୁଦ୍ଧିଜୀବୀ ପ୍ରମୋଦ ନନ୍ଦ ଓ କର୍ମକର୍ତ୍ତା ଦାବି କରିଛନ୍ତି।

'ଦେଶ ପ୍ରେମ ହିଁ ଶ୍ରେଷ୍ଠ ଆରାଧନା'

ଢେଙ୍କାନାଳ,୧୮।୮ (ସମିସ) : ସ୍ଥାନୀୟ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ନିଶ୍ୱାର୍ଡ ଏବଂ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଶାଖା ମୋ ଭାରତ-ଢେଙ୍କାନାଳ ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡ଼ଙ୍ଗୀଙ୍କ ପରିଚାଳନାରେ "ସେବା ହିଁ ପରମ ଧର୍ମ' ଏବଂ "ଦେଶ ପ୍ରେମ ହିଁ ଶ୍ରେଷ୍ଠ ଆରାଧନା', ଏହି ମହାନ ବାଣୀକୁ ପାଥେୟ କରି ସଦର ବ୍ଲକ୍ ଅନ୍ତର୍ଗତ ବାରଦା ଗ୍ରାମ ଓ ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ସିମିନଇ ଗ୍ରାମ ଆଜି ଏକ ପବିତ୍ର ରାଷ୍ଟ୍ରୀୟ ସମର୍ପଣର ମହାଯଜ୍ଞରେ ସାମିଲ୍ ହୋଇଛି।

ଏହି ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପ୍ରତିଟି ଘରେ ତ୍ରିରଙ୍ଗା, ପ୍ରତିଟି ହୃଦୟରେ ଭାରତ ମାତା-ଏହି ଭାବନାକୁ ଉଜ୍ଜୀବିତ କରିବା ଉଦ୍ଦେଶ୍ୟରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ମାଧ୍ୟମରେ ସମସ୍ତଙ୍କ ଘରେ ଗର୍ବର ସହ ଜାତୀୟ ପାତାକା ଉତ୍ତୋଳନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଦେଶର ଅଖଣ୍ଡତା, ସାମାଜିକ ଏକତା ଓ ସାଧାରଣ ମଣିଷ ଭିତରେ ଥିବା ଦେଶଭକ୍ତିକୁ ଆହୁରି ସୁଦୃଢ଼ କରିବା ପାଇଁ ଏହା ଥିଲା ଏକ ନିରବିଚ୍ଛିନ୍ନ ପ୍ରାର୍ଥନା। ଏ ମହତ୍ ତଥା ପବିତ୍ର କାର୍ଯ୍ୟକୁ ସଫଳ ରୂପାୟନ ଦେବାରେ ଜଗବନ୍ଧୁ ସ୍ୱାଇଁ, ବିଶ୍ୱଜିତ୍ ସ୍ୱାଇଁ, ରାକେଶ କୁମାର ରାଉତଙ୍କ ଭଳି ନିଷ୍ଠାପର ଯୁବ ବର୍ଗ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ। ମୋ ଭାରତର କର୍ମକର୍ତ୍ତା ବୀପ୍ରବର ବେହେରା ଓ ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

ସକାଳ
THE SAKALA

ସମ୍ପାଦକୀୟ

ପିଲାମାନଙ୍କୁ ଅର୍ଥ ନୁହେଁ, ବରଂ ଖୁସି ସାଉଁଟିବାର ଶିକ୍ଷା ଦିଅନ୍ତୁ। ତା' ହେଲେ ସେମାନେ ଯେକୌଣସି ବିଷୟକୁ ଅର୍ଥ ସହିତ ତୁଳନା ନ କରି ତା'ର ମୂଲ୍ୟ ବୁଝିପାରିବେ।

-ଷ୍ଟିଭ୍ ଜବ୍‌ସ

ଅସ୍ୱାସ୍ଥ୍ୟକର ଧୋବାତୁଠ

ଓଡ଼ିଆରେ ଏକ ଲୋକକଥା ଅଛି - ଗାଁ ପରିମଳ ଧୋବାତୁଠରୁ ଜଣାପଡ଼େ। ଅର୍ଥାତ୍ ଗାଁମୁଣ୍ଡରେ ଥିବା ଜଳାଶୟ ଯଦି ଅପରିଷ୍କାର ତେବେ ଗାଁର ପରିବେଶ ସଫାସୁତୁରା ନ ଥିବା ସ୍ୱାଭାବିକ। ଏହି ଲୋକକଥା ବିଜଡ଼ିତ ଅବଧାରଣା ଆମ ରେଳ ବିଭାଗ ପ୍ରତି ଅଧିକ ପ୍ରଯୁଜ୍ୟ। ପ୍ରାୟ ୧୨ ବର୍ଷ ତଳେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ 'ସ୍ୱଚ୍ଛ ଭାରତ ଅଭିଯାନ'। ନେତା, ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ତାରକା ଓ ବୁଦ୍ଧିଜୀବୀମାନେ ହାତରେ ଝାଡୁଧରି ରାସ୍ତାଘାଟ ସଫା କରୁଥିବାର ଫଟୋଚିତ୍ର ଯେତିକି ମନୋରାଞ୍ଜକ ଥିଲା, ତା'ଠାରୁ ବେଶୀ ଆଶା ସଞ୍ଚାର କରିଥିଲା। କିନ୍ତୁ ମାତ୍ର ପାଞ୍ଚବର୍ଷରେ ଏହି ଅଭିଯାନର ଶତପ୍ରତିଶତ ସଫଳତା ଘୋଷଣା କେବଳ କାଗଜ କଲମରେ ସୀମିତ ରହିଯାଇଛି ଏବଂ ସ୍ଥିତିରେ ସୁଧାର ଆସିବା ବଦଳରେ ଆହୁରି ବିଗିଡ଼ିଛି। ଭାରତୀୟ ଯୋଗାଯୋଗର ଜୀବନରେଖା କୁହାଯାଉଥିବା ରେଳବାଇ(ଧୋବାତୁଠ)ରୁ ସ୍ୱଚ୍ଛ ଭାରତ(ଗାଁ ପରିମଳ) ଅଭିଯାନ କେତେ ସଫଳ ହୋଇଛି ତାହା ବୁଝାପଡ଼ୁଛି।

ସଂସଦର ସଦ୍ୟ ସମାପ୍ତ ମୌସୁମୀ ଅଧିବେଶନରେ ଉପସ୍ଥାପିତ ସିଏଜି(କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ) ରିପୋର୍ଟ ଭାରତୀୟ ରେଳବାଇ ପରିଚାଳିତ ବିଭିନ୍ନ ଷ୍ଟେସନ୍‌ର ସ୍ୱଚ୍ଛତା ସମ୍ପର୍କିତ ଯେଉଁ ତଥ୍ୟ ଦେଇଛି ତାହା ଯେତିକି ନୈରାଶ୍ୟଜନକ ତା'ଠାରୁ ଅଧିକ ଆଶ୍ଚର୍ଯ୍ୟଜନକ। ଆଶ୍ଚର୍ଯ୍ୟଜନକ ଏଇଥିପାଇଁ ଯେ 'ସ୍ୱଚ୍ଛ ଭାରତ ଅଭିଯାନ'ର ମୁଖ୍ୟ ଲକ୍ଷ୍ୟ ଥିଲା ରେଳବାଇର ସ୍ୱଚ୍ଛତା। ହଜାର ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇ ମଧ୍ୟ ରେଳଷ୍ଟେସନ୍‌ମାନଙ୍କର ସ୍ୱଚ୍ଛତାରେ ଅବନତି ନୈରାଶ୍ୟଜନକ ନିଶ୍ଚୟ। ସିଏଜି ରିପୋର୍ଟ ଅନୁଯାୟୀ ଭାରତରେ ମାତ୍ର ୧୧% ରେଳଷ୍ଟେସନ୍‌ର ପିଇବା ପାଣି ସ୍ୱଚ୍ଛ ପଦବାଚ୍ୟ। ବାକି ୮୯% ଷ୍ଟେସନ୍‌ରେ ଉପଲବ୍ଧ ପିଇବା ପାଣିରେ ଇକୋଲି ନାମକ ଜୀବାଣୁର ଉପସ୍ଥିତି ମିଳିଛି। ୨୦୧୯-୨୦୨୪ ମଧ୍ୟରେ ହୋଇଥିବା ଏହି ସର୍ବେକ୍ଷଣରେ ରେଳବାଇ ଯାତ୍ରୀସୁବିଧାରେ ଗୁରୁତର ଅବନତି ଘଟିଥିବା ଜଣାପଡ଼ିଛି। ଶୌଚାଳୟ, ବିଶ୍ରାମାଗାର ସୁବିଧା ଆଦି ବିଷୟରେ ଉଲ୍ଲେଖ ନ କରିବା ବରଂ ଭଲ।

ଏହି ରିପୋର୍ଟ ପାଇବା ପରେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ହଠାତ୍ ତତ୍ପର ହୋଇଉଠିଛି। ପ୍ରାୟ ୨୦ ହଜାର ଷ୍ଟେସନ୍‌ରେ ଯେପରି ବିଶୁଦ୍ଧ ପଇବା ପାଣି ଉପଲବ୍ଧିକୁ ସୁନିଶ୍ଚିତ କରାଯାଇପାରିବ ସେଥିପାଇଁ ନିର୍ଦ୍ଦେଶ ଦେଇଛି। ଷ୍ଟେସନ୍ ଓ ଟ୍ରେନ୍‌ରେ ଉପଲବ୍ଧ ପିଇବା ପାଣିର ବିଶୁଦ୍ଧତା ବା ଗୁଣାତ୍ମକ ମାନ ନିୟମିତ ଯାଞ୍ଚ କରିବା ଏବଂ ନିର୍ଦ୍ଦେଶକ ମଣ୍ଡଳି ବୈଠକରେ ଉପସ୍ଥାପନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ଏହା କେବଳ ତାଳିପକା କାମ ବୋଲି କୁହାଯାଇପାରେ। ସବୁ ଷ୍ଟେସନ୍‌ରେ ଯାତ୍ରୀମାନଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ୨୦୦୩ ମସିହାରେ ନୀତି ପ୍ରଣୟନ ହୋଇଥିଲା। ଇତିମଧ୍ୟରେ ଦୁଇ ଦଶନ୍ଧି ଅତିକ୍ରାନ୍ତ ହୋଇସାରିଛି। ବ୍ୟୟବରାଦ ମଧ୍ୟ ବଢ଼ିଛି। କିନ୍ତୁ ସେବାର ମାନ ବଢ଼ିବା ବଦଳରେ ହ୍ରାସ ପାଇଛି।

ମୌଳିକ ଗୁଣାତ୍ମକ ସେବା ବା ସୁବିଧା ଯୋଗାଇଦେବାର ଖର୍ଚ୍ଚ ଯାତ୍ରୀମାନଙ୍କଠାରୁ ପରୋକ୍ଷରେ ଆଦାୟ ହେଉଛି; ଅଥଚ ଯାତ୍ରୀମାନେ ମୌଳିକ ସୁବିଧାରୁ ବଞ୍ଚିତ। ଏପରିକି ନୂଆଦିଲ୍ଲୀ, ହାଓଡ଼ା, ହଜରତ୍ ନିଜାମୁଦ୍ଦିନ୍, ସିକନ୍ଦରାବାଦ୍, ଏମ୍‌ଜିଆର ଚେନ୍ନାଇ, ଅହମ୍ମଦାବାଦ୍, ଛତ୍ରପତି ଶିବାଜୀ ଟର୍ମିନାଲ୍, ବେଙ୍ଗାଲୁରୁ ଭଳି ବଡ଼ ବଡ଼ ଷ୍ଟେସନ୍‌ରେ ମଧ୍ୟ ସ୍ୱଚ୍ଛତା ମାନଦଣ୍ଡ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଛନ୍ତି। ଏପରି କେତେକ ଷ୍ଟେସନ୍ ରହିଛି ଯେଉଁଠାରେ ଗତ ଦଶନ୍ଧି ମଧ୍ୟରେ ଯାତ୍ରୀ ସମାଗମ ୧.୦୩ କୋଟିରୁ ୧୧.୪୭ କୋଟିକୁ ବୃଦ୍ଧି ପାଇଛି ଏବଂ ରାଜସ୍ୱ ସଂଗ୍ରହ ବାର୍ଷିକ ୭୧୦ କୋଟି ଟଙ୍କା ଟପିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରେଳବାଇ ସାମଗ୍ରିକ ଭାବେ କେବଳ ସ୍ୱଚ୍ଛତା ବାବଦରେ ୭୦୯.୨୦ କୋଟି ଟଙ୍କା ଖର୍ଚ୍ଚ କରିଛି। ଏହାସତ୍ତ୍ୱେ ଧୋବାତୁଠମାନଙ୍କରେ ଅସ୍ୱଚ୍ଛତା ବିରାଜମାନ କରୁଛି।

ଅର୍ଦ୍ଧସହରାଞ୍ଚଳର ରେଳଷ୍ଟେସନ୍ ଚିତ୍ର ଆହୁରି ଦୟନୀୟ। କେଉଁଠି ବସିବା ପାଇଁ ସ୍ଥାନ ନଥିବା ବେଳେ ଆଉ କେଉଁଠି ଶୌଚାଳୟ ହିଁ ନାହିଁ। କେଉଁଠି ପାଣି ସଂଯୋଗ ଅଛି କିନ୍ତୁ ଟାବ୍ ନାହିଁ। ଯେଉଁଠି ଟାବ୍ ଅଛି ସେଠାରେ ପାଣି ଆସୁନାହିଁ। ଗ୍ରାମାଞ୍ଚଳ ଷ୍ଟେସନ୍‌ଗୁଡ଼ିକର ସ୍ଥିତି ଏବଂ ସାମଗ୍ରିକ ଭାବେ ପରିମଳ ଅବସ୍ଥା କ'ଣ ହୋଇଥିବା ଅନୁମେୟ। ଏହା ଯେ କେହି ବି ସ୍ୱୀକାର କରିବ ଯେ ଏବେ ମଧ୍ୟ ଜନବସତି ସଂଲଗ୍ନ ଟ୍ରେନ୍ ଲାଇନ୍‌ଗୁଡ଼ିକ ମୁକ୍ତାକାଶ ଶୌଚାଳୟ ହୋଇରହିଛି। ଟ୍ରେନ୍ ଭିତରେ ବାତାନୁକୂଳିତ ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ, ତକିଆ, ତଉଲିଆ, କମଳ, ଚଦର ଆଦିର ସଫାସୁତୁରା ପ୍ରତି ଧ୍ୟାନ ଦିଆ ଯାଉ ନଥିବା ଜାତୀୟ ଗଣମାଧ୍ୟମରେ ସ୍ଥାନ ପାଇବା ପରେ ବାଧ୍ୟ ହୋଇ ରେଳବିଭାଗ ତାଳିପକା ସଫେଇ ଦେଇଥିଲେ। ଅସ୍ୱଚ୍ଛ ରେଳବାଇର ଯେଉଁ କାରଣଗୁଡ଼ିକ ସିଏଜି ଦର୍ଶାଇଛନ୍ତି ସେଥିମଧ୍ୟରୁ ପରିମଳ ସମ୍ପର୍କିତ ବିଭାଗୀୟ ଅଧିକାରୀମାନଙ୍କର ନିୟମିତ ତନଖିରେ ଅବହେଳା, ଯାତ୍ରୀଙ୍କ ଅଭିଯୋଗକୁ ଅଣଦେଖା, ଅବ୍ୟବସ୍ଥିତ ପରିଚାଳନା ଆଦି ରହିଛି। ତେଣୁ ଉପରୋକ୍ତ ନିର୍ଦ୍ଦେଶନାମା କେତେଦୂର ଓ କେତେ ସମୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ତାହା ସନ୍ଦେହରେ।

ପରିବେଶ, ସ୍ୱଚ୍ଛତା ଆଦି ମାନଦଣ୍ଡରେ ଭାରତ ବିଶ୍ୱ ସ୍ୱଚ୍ଛତା ତାଲିକାର ତଳଆଡ଼ୁ ଦ୍ୱିତୀୟରେ ରହିଛି। ଏଥିପାଇଁ ରିପୋର୍ଟ ପ୍ରସ୍ତୁତକାରୀଙ୍କୁ ଦୋଷ ଦେଲେ ସମସ୍ୟା ସମାଧାନ ହୋଇଯିବ ନାହିଁ। ସ୍ୱଚ୍ଛ ଭାରତ ଅଭିଯାନର ବାସ୍ତବ ସ୍ଥିତି ଓ ରୂପରେଖ କ'ଣ ତାହା ପରଖିବା ପାଇଁ ସିଏଜି ରିପୋର୍ଟକୁ ଏକ ଆଇନା ଭାବେ ଉପଯୋଗ କରାଯାଇପାରିବ। ଆଇନାକୁ ଅଯଥା ଦୋଷ ଦେଲେ ଲୋକହସା ହେବା ସାର ହେବ। ଗାଁ ପରିବେଶ ପ୍ରତି ଭଲ ଧାରଣା ସୃଷ୍ଟି କରିବାକୁ ହେଲେ ପ୍ରଥମେ ଧୋବାତୁଠକୁ ସ୍ୱଚ୍ଛ ଓ ସୁନ୍ଦର କରିବା ଆବଶ୍ୟକ।

ସହରରେ ବନ୍ୟା: ଇନ୍ଦ୍ର ଦୋଷୀ ନା ଆମ ଢାଞ୍ଚା?

ଡ. ପୀୟୂଷ ରଞ୍ଜନ ରାଉତ

ଆମେ ବର୍ତ୍ତମାନ ଚନ୍ଦ୍ରପୃଷ୍ଠରେ ପହଞ୍ଚିଗଲୁଣି, ହେଲେ ଅସରାଏ ବର୍ଷା ହେଲେ ଆମ ସହରରେ ବନ୍ୟା ଆଉ ବର୍ଷା, ନହେଲେ ମରୁଡ଼ି। ଦିନ ଥିଲା - କୁହା ଯାଉଥିଲା 'ବେଙ୍ଗ ବୋବେଇଲେ କଟକ ବୁଡ଼ିବ'। ହେଲେ ଲାଗୁଛି ଏବେ ବେଙ୍ଗ ବୋଧେ ଆମର ସବୁ ସହରରେ ବୋବାଉଛନ୍ତି। ବର୍ଷା ଜଳ ନିଷ୍କାସନ ବର୍ତ୍ତମାନ କେବଳ କଟକର ସମସ୍ୟା ନୁହେଁ, ବରଂ ଭୁବନେଶ୍ୱର, ପୁରୀ, ସମ୍ବଲପୁର, ରାଉରକେଲା, ବାଲେଶ୍ୱର, ପୁରୀ ଆଦି ଛୋଟବଡ଼ ନାମୀଦାମୀ ସହର ଅସରାଏ ବର୍ଷାରେ ଉବୁଟୁବୁ। ଗବେଷଣାରୁ ଜାଣିବାକୁ ମିଳୁଛି ବିଶ୍ୱର ବହୁ ସହରାଞ୍ଚଳ ଏବେ ଉତ୍ତପ୍ତ ଓ ଜଳାର୍ଣ୍ଣବ ସମସ୍ୟା ଘେରରେ। ଏହାର କାରଣ ଗବେଷଣାରୁ ପ୍ରମାଣିତ ହୋଇସାରିଲାଣି ଯେ ଜଳବାୟୁ ପରିବର୍ତ୍ତନ, ପୃଥିବୀର ତାପମାତ୍ରା ବୃଦ୍ଧି, ସ୍ଥାନୀୟ ପରିବେଶ ଏବଂ ଏହାକୁ ସୁହାଇଲା ଭଳି ସ୍ଥାନୀୟସ୍ତରରେ ନିମ୍ନମାନର ସହର ଯୋଜନା, ଅଣକୌଶଳୀ ପ୍ରଶାସନ, ସ୍ଥାଣୁ ଯାନ୍ତ୍ରିକ ନିର୍ମାଣ କାର୍ଯ୍ୟ ଏବଂ ସମସ୍ୟାକୁ ଭୁଲିବାର ବାହାନା।

ବର୍ଷା ହେଲେ ଆମେ ସହର ସେହି ପୁରୁଣା ପ୍ରଶ୍ନର ଉତ୍ତର ଖୋଜି ଉଠେ - କ'ଣ ପାଇଁ ଜଳାର୍ଣ୍ଣବ? କ'ଣ ପାଇଁ ରାସ୍ତା, ଘାଟ, ନାଳ, ନର୍ଦ୍ଦମା ସବୁ ଏକାକାର? ଏହା ମଧ୍ୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଉଭୟ ପରିବେଶରେ ବସବାସ କରୁଥିବା ମଣିଷର ଜୀବନଶୈଳୀକୁ ପ୍ରଭାବିତ କରୁଛି। କିନ୍ତୁ ଆମ ଜନପ୍ରତିନିଧି, ପୌର ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ଗଣମାଧ୍ୟମରେ ପୂର୍ବପ୍ରସ୍ତୁତ ଉତ୍ତର ପୁନରାବୃତ୍ତି କରିଦିଅନ୍ତି। ଯଥା ଏହି ପରିସ୍ଥିତିରେ ଯାହା ସମ୍ଭବ ତାହା ସେମାନେ କରୁଛନ୍ତି, ଏହା ଏକ ସାଧାରଣ ବର୍ଷା ନୁହେଁ; ଏହା ବହୁବର୍ଷର ରେକର୍ଡ ଭାଙ୍ଗିଦେଇଛି ଅବା ସ୍ଥାନୀୟ କାରଣ, ଯେପରି ଜରି ଓ ଅଳିଆ ଆବର୍ଜନା ନାଳ ଅବରୋଧ କରିବା ହେତୁ ଏପରି ଜଳାର୍ଣ୍ଣବ ସମସ୍ୟା

ସୃଷ୍ଟି ହୋଇଛି; ଆମର ସମସ୍ତ କର୍ମଚାରୀ ନିୟୋଜିତ ଏହାର ସମାଧାନ ବାଟ ବାହାର କରିବା ପାଇଁ। ହେଲେ ଆଶ୍ଚର୍ଯ୍ୟର ବିଷୟ ଏହି ଅନୁଷ୍ଠାନମାନେ କେବେ କୁହନ୍ତି ନାହିଁ ଭୁଲ ଢଙ୍ଗରେ ରାସ୍ତା ନିର୍ମାଣ, ଉଡ଼ନ୍ତା ପୋଲ, ରାସ୍ତାକୁ ଦୁଇ ଭାଗରେ ବିଭକ୍ତ କରୁଥିବା କଂକ୍ରିଟ ବାଡ଼, ସହରରେ ଗଢ଼ି ଉଠୁଥିବା ଅଟ୍ଟାଳିକା, ରାସ୍ତା ନିର୍ମାଣରେ ଯାନ୍ତ୍ରିକ ତ୍ରୁଟି, ଭୁଲ ଅଭିକଳ୍ପନା, ଭୁଲ ନିର୍ମାଣଶୈଳୀ, ଭୁଲ ପରିଚାଳନା ଏବଂ ସବୁଠାରୁ ମୁଖ୍ୟ ସହରର ଭୌଗୋଳିକ ସ୍ଥିତିକୁ ଅଣଦେଖା କରି ଗଢ଼ି ଉଠିଥିବା କୋଠାବାଡ଼ି ଏଥିପାଇଁ ବହୁମାତ୍ରାରେ ଦାୟୀ ବୋଲି। ସେହିପରି କେହି ଉତ୍ତର ଦିଅନ୍ତି ନାହିଁ ପ୍ରତିବର୍ଷ କେତେ ଟଙ୍କା କୋଉ ନାଳ ସଫା ଅବା ତିଆରି କରିବାରେ ଖର୍ଚ୍ଚ ହେଉଛି। ଏହା ମଧ୍ୟ ତର୍ଜମା କରନ୍ତି ନାହିଁ ହଜିଯାଇଥିବା ପ୍ରାକୃତିକ ନାଳ ଅବା ସନ୍ତସନ୍ତିଆ ଜାଗା ହେଉଛି ଏହାର ମୁଖ୍ୟ କାରଣ।

ଦୁର୍ଭାଗ୍ୟର ବିଷୟ ଆମ ସହର ପରିଚାଳନାରେ ନିୟୋଜିତ ବ୍ୟକ୍ତିବିଶେଷ ସମ୍ଭବତଃ ଜାଣିବା ପାଇଁ ମଧ୍ୟ ପ୍ରସ୍ତୁତ ନୁହନ୍ତି ଆମ ସହର ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନି ବର୍ଷା ଜଳକୁ ନିୟନ୍ତ୍ରଣ କରିବା ପାଇଁ। ନାଳ ତିଆରି ଅବା ସଫା କରିବା ହେଉଛି କେବଳ ଖର୍ଚ୍ଚ କରିବାର ଏକ ମାଧ୍ୟମ; କିନ୍ତୁ ସମସ୍ୟାର ସମାଧାନ ପାଇଁ ସବୁକିଛି ନୂତନ ଭାବେ ଆରମ୍ଭ କରିବାକୁ ପଡ଼ିବ ଏବଂ ବର୍ଷା ଜଳ ପରିଚାଳନାକୁ ନୂତନ ଦୃଷ୍ଟିରେ ଦେଖିବାକୁ ହେବ। କିଛିବର୍ଷ ପୂର୍ବେ ବର୍ଷା ଜଳ ଗୋଟେ ନିୟମ ଅନୁସାରେ ପ୍ରବାହିତ ହେଉଥିଲା। ସେ ସମୟ ବର୍ତ୍ତମାନ ଇତିହାସ। ଯଦି ଏଥିପାଇଁ ପୌର ପ୍ରଶାସନକୁ ଦାୟୀ କରିବା, ତେବେ ସେ ତୁରନ୍ତ ଦାୟୀ କରିବେ ଭୁଲ ସହର ଯୋଜନା ପାଇଁ, ଛତୁ ଫୁଟିଲା ଭଳି କୋଠା ବାଡ଼ି, ଇତ୍ୟାଦି ଇତ୍ୟାଦି ହୋଇ ଶେଷରେ ସାଧାରଣ ଜନତାଙ୍କ ଭୁଲ ବୋଲି କୁହାଯିବ। ସମାଧାନର ସୂତ୍ର ଆକାଶକୁ ଉପଗ୍ରହ ପଠେଇବା ଭଳି ବିଜ୍ଞାନ ନୁହେଁ। ସାଧାରଣ ନଗର ଯୋଜନା ଯଥା ପ୍ରଥମେ ନାଳମାନଙ୍କ ଯୋଜନା ପ୍ରସ୍ତୁତ କଲା ବେଳେ ଭୌଗୋଳିକ ସ୍ଥିତିକୁ ଧ୍ୟାନ ଦେବାର ଅଛି। ଦ୍ୱିତୀୟତଃ, ତଳିଆ ଅଞ୍ଚଳରେ କୋଠାବାଡ଼ି କରିବାକୁ ଉତ୍ସାହିତ ନକରିବା ଏବଂ ତୃତୀୟତଃ, ଯେଉଁମାନେ ଆଇନ ମାନୁନାହାନ୍ତି ସେମାନଙ୍କ ଉପରେ ଆଇନ ଅନୁସାରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଦରକାର। ଯେପରି ସହର ମଧ୍ୟରେ ଯାତାୟାତ ପାଇଁ ରାସ୍ତା ତିଆରି ହେଉଛି ସେହିଭଳି ଭାବେ କେନାଲ ମଧ୍ୟ ନିର୍ମାଣ କରାଯାଉ।

ସହର ବଢ଼ିବା ସହିତ ରାସ୍ତା ଘାଟ ବଢ଼ିଲା। ସହର ମଧ୍ୟରେ ଥିବା ସନ୍ତସନ୍ତିଆ ଜାଗା ଧୀରେ ଧୀରେ ହଜିଗଲେ ଏବଂ ସେହିମାତ୍ରାରେ କେନାଲର ପରିଧି ବଢ଼ିଲା ନାହିଁ। ଅର୍ଥାତ ବର୍ଷ ବର୍ଷ ଧରି ସହରର ପରିଧି ବଢ଼ୁଛି, ରାସ୍ତାର ଦୂରତ୍ୱ ମଧ୍ୟ ବଢ଼ିଛି ଏବଂ ବୃତ୍ତାକାର ରାସ୍ତାର ପରିକଳ୍ପନା ହୋଇଛି। କିନ୍ତୁ ସେହିଭଳି ଭାବେ କେନାଲ ତିଆରି ହୋଇ ପାରୁନାହିଁ ବର୍ଷା ଜଳକୁ ସଂରକ୍ଷଣ କରିବା ପାଇଁ। ତେଣୁ ଦ୍ରୁତସହରୀକରଣକୁ ଦୃଷ୍ଟିରେ ରଖି ସହର ମଧ୍ୟରେ କୃତ୍ରିମ ସନ୍ତସନ୍ତିଆ ଏବଂ ପର୍ଯ୍ୟାପ୍ତ ମାତ୍ରାରେ କୂଅ ନିର୍ମାଣ କରାଯାଉ ବର୍ଷା ଜଳକୁ ଅମଳ କରିବା ପାଇଁ। ଏହାସହିତ ସହର ମଧ୍ୟରେ ପ୍ରବାହିତ ପ୍ରାକୃତିକ ନାଳମାନଙ୍କୁ କୃତ୍ରିମ କେନାଲ ମାଧ୍ୟମରେ ସଂଯୋଗ କରିବା ସହିତ ନଦୀରେ ବନ୍ୟାଜଳ ପରିଚାଳନା ଭଳି ସହର ମଧ୍ୟରେ ପ୍ରବାହିତ ପ୍ରାକୃତିକ ନଦୀ ଓ ନାଳ ଓ କୃତ୍ରିମ କେନାଲ, ପୋଖରୀ, କୂଅମାନଙ୍କ ପରିଚାଳନାର ଆବଶ୍ୟକତା ରହିଛି।

ତେଣୁ ସ୍ୱଳ୍ପସମୟରେ ଅଧିକ ବର୍ଷା ହେବାକୁ ଦୋଷ ଦେବା ଠିକ ନୁହେଁ। ଏଭଳି ପରିସ୍ଥିତିର ମୁଖ୍ୟ କାରଣ ଜଳବାୟୁ ପରିବର୍ତ୍ତନ। ଏହାର ଅର୍ଥ ତିନି ମାସର ଯେତିକି ବର୍ଷା ହେବା କଥା ଏବେ ଏହା ବାସ୍ତରୀ ଘଣ୍ଟା ଅବା ଏହାଠାରୁ କମ ସମୟରେ ହେଇଯାଉଛି। ଏହି ଜଳକୁ ଅମଳ କରିବାର କୌଶଳ ଏବଂ ଦକ୍ଷତା ବୃଦ୍ଧି କରିବାର ଆବଶ୍ୟକତା ଅଛି। ଏହି ପରିପ୍ରେକ୍ଷୀରେ ବିଶ୍ୱର ବହୁ ସହର ବର୍ତ୍ତମାନ ନିଜର ସହର ଯୋଜନାକୁ ଜଳବାୟୁ ପରିବର୍ତ୍ତନ ଏବଂ ବିଜ୍ଞାନ ଦୃଷ୍ଟିକୋଣରୁ ଦେଖିବାକୁ ଆରମ୍ଭ କଲେଣି। ହଲାଣ୍ଡ ସମୁଦ୍ର ପଉନଠାରୁ ତଳେ ଥାଇ ମଧ୍ୟ କେନାଲ ସଂଯୋଗୀକରଣ ମାଧ୍ୟମରେ ବନ୍ୟାକୁ ଇତିହାସ କରିପାରିଛି। ଏଥିପାଇଁ ସହର ଯୋଜନା ପ୍ରସ୍ତୁତ ପ୍ରଣାଳୀରେ ଆମୂଳଚୂଳ ପରିବର୍ତ୍ତନର ଆବଶ୍ୟକତା ରହୁଛି। ଆମକୁ ଚେଷ୍ଟା କରିବାର ଅଛି ରାସ୍ତା ଭଳି କେନାଲ ସୃଷ୍ଟି କରି ପ୍ରାକୃତିକ ନାଳ ସହିତ ସଂଯୋଗୀକରଣ କରିବା ଏବଂ ବର୍ଷା ଜଳକୁ ନିଷ୍କାସନ ଅପେକ୍ଷା କ୍ଷୁଦ୍ର ଜଳପ୍ରପାତ ଆକାରରେ ଜଳ ଅମଳ ଲରିବା। ପରବର୍ତ୍ତୀ ସମୟରେ ଏହାକୁ ସହର ମଧ୍ୟରେ ବ୍ୟବହାର କରିବା। ଆଶା ଭବିଷ୍ୟତରେ ବର୍ଷା ଜଳ ନିଷ୍କାସନ ଭୁବନେଶ୍ୱର ସମେତ ଅନ୍ୟ ସହରମାନଙ୍କୁ ନୂତନ ଦିଗ ନିଶ୍ଚିତ ଦେବ।

(ନଗର ଯୋଜନା ବିଶେଷଜ୍ଞ)
ଭୁବନେଶ୍ୱର, ମୋ: ୯୪୩୭୧୭୬୭୧୭

କୋଇଲା ଗ୍ୟାସୀକରଣ

ଇଂ ମାୟାଧର ସ୍ୱାଇଁ

ପୃଥିବୀ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଭଳି ଏକ ଜଟିଳ ପ୍ରତିକୂଳ ପାରିବେଶିକ ପରିସ୍ଥିତି ଦେଇ ଗତି କରୁଛି। ଏହାର ମୂଳରେ ଅଛି କଳ କାରଖାନା ଓ ଯାନବାହନରୁ ନିର୍ଗତ ଅଙ୍ଗାରକାମ୍ଳ ଓ ଅନ୍ୟ ସବୁଜ ଗୃହ ଗ୍ୟାସ। ଏଥିମଧ୍ୟରୁ ଅଙ୍ଗାରକାମ୍ଳର ପ୍ରଭାବ ହେଉଛି ସର୍ବାଧିକ। ଏହା ସାଧାରଣତଃ ଜୀବାଶ୍ମ ଇନ୍ଧନର ଦହନ ଯୋଗୁଁ ବାୟୁମଣ୍ଡଳକୁ ଯାଇଥାଏ। ଜୀବାଶ୍ମ ଇନ୍ଧନ ମଧ୍ୟରେ କୋଇଲା ହେଉଛି ପ୍ରମୁଖ, ଯାହା ଅଧିକାଂଶ ଶିଳ୍ପ ଏବଂ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ବ୍ୟବହୃତ ହୁଏ। ଅନ୍ୟ ଇନ୍ଧନ ଅପେକ୍ଷା କୋଇଲା ହେଉଛି ଶସ୍ତା ଏବଂ ଅଧିକାଂଶ ଦେଶରେ ଏହା ଭୂଗର୍ଭରେ ଗଚ୍ଛିତ ଥିବାରୁ ଏହାର ବ୍ୟବହାର ହେଉଛି ଅଧିକ। ବିଦ୍ୟୁତ୍ ଉତ୍ପାଦନରେ ଭାରତରେ ତାପଜ ବିଦ୍ୟୁତ୍‌ର ଅଂଶ ହେଉଛି ପ୍ରାୟ ୭୦ ପ୍ରତିଶତ ଏବଂ ସମଗ୍ର ପୃଥିବୀର ଆକଳନରେ ସମାନ ସ୍ଥିତି ମଧ୍ୟ ଅଛି।

ଜଳବାୟୁ ପରିବର୍ତ୍ତନ ସହିତ କୋଇଲା ବ୍ୟବହାରର ସିଧାସଳଖ ସମ୍ପର୍କ ଅଛି। ଏଣୁ କୋଇଲା ବ୍ୟବହାରକୁ ହ୍ରାସ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ସମ୍ମିଳନୀରେ ପ୍ରସ୍ତାବ ଦିଆଯାଇଛି। କିନ୍ତୁ କୋଇଲା ଉପରେ ଅଧିକାଂଶ ଦେଶର ଅର୍ଥନୀତି ନିର୍ଭର କରିଥାଏ। କାରଣ ଏହା ହେଉଛି ଶିଳ୍ପ ଉଦ୍ୟୋଗ ଏବଂ ବିଦ୍ୟୁତ୍ ଉତ୍ପାଦନର ମୁଖ୍ୟ ଇନ୍ଧନ। ଏହି ଦ୍ୱନ୍ଦାତ୍ମକ ପରିସ୍ଥିତିରୁ ମୁକୁଳିବାର ଏକ ଉପାୟ ହେଉଛି କୋଇଲାର ପରିବେଶ ପ୍ରତିକୂଳ ଗୁଣକୁ ଦମନ କରି ଏହାର ଇନ୍ଧନ ଶକ୍ତିକୁ ବ୍ୟବହାର କରିବା। ଏହା ହେଉଛି କୋଇଲା ଗ୍ୟାସୀକରଣ, ଅର୍ଥାତ୍ କୋଇଲାକୁ ଗ୍ୟାସରେ ପରିଣତ କରି ବ୍ୟବହାର କରିବା। ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଏହା ବ୍ୟାବସାୟିକ ଭାବେ ବ୍ୟବହୃତ ହେଲାଣି।

କୋଇଲା ଗ୍ୟାସୀକରଣ ହେଉଛି ଏକ ରାସାୟନିକ ପ୍ରକ୍ରିୟା, ଯାହା କୋଇଲା ଓ ଲିଗ୍‌ନାଇଟ୍‌କୁ ଭାଙ୍ଗି ଏକ ସାଂଶ୍ଲେଷିକ ଗ୍ୟାସରେ ପରିଣତ କରେ। ଏହି ଗ୍ୟାସକୁ ସାଧାରଣରେ ସିନ ଗ୍ୟାସ କୁହାଯାଏ। କଠିନ କୋଇଲାର ଦହନ ଯୋଗୁଁ ତୀବ୍ର ଧୂଆଁ ଓ ପାଉଁଶ ସୃଷ୍ଟି ହୁଏ। ଯାହା ହେଉଛି ପରିବେଶ ପ୍ରଦୂଷଣର କାରଣ। କିନ୍ତୁ ଗ୍ୟାସୀକରଣ ପ୍ରକ୍ରିୟାରେ ଉଚ୍ଚ ତାପମାତ୍ରା ଓ ଚାପମାନରେ କୋଇଲାର ପରମାଣିକ ବନ୍ଧନକୁ ଭାଙ୍ଗିଦେଇ ଏହାକୁ ଏକ ପରିଷ୍କାର ଗ୍ୟାସୀୟ ମିଶ୍ରଣରେ ପରିଣତ କରେ। ଗ୍ୟାସଗୁଡ଼ିକ ମଧ୍ୟରେ ମୁଖ୍ୟତଃ କାର୍ବନ ମନୋକସାଇଡ, ଉଦଜାନ ଓ ଅଙ୍ଗାରକାମ୍ଳ ଥାଏ। ଗୋଟିଏ ରିଆକ୍ଟର ମଧ୍ୟକୁ ଗୁଣ୍ଡ କୋଇଲା ଦିଆଯାଏ ଏବଂ ତା' ମଧ୍ୟକୁ ଅମ୍ଳଜାନ କିମ୍ବା ବାୟୁ ସହିତ ଉଚ୍ଚ ତାପମାତ୍ରରେ ବାଷ୍ପ ଛଡ଼ାଯାଏ। ଅମ୍ଳଜାନକୁ ନିୟନ୍ତ୍ରଣ କରି କୋଇଲାର ଆଂଶିକ ଜାରଣ କରାଯାଏ ଏବଂ ଏଥିରୁ ସିନ୍ ଗ୍ୟାସ ଉତ୍ପନ୍ନ ହୁଏ। ଏହି ଗ୍ୟାସ ଇନ୍ଧନ ଭାବେ ବ୍ୟବହୃତ ହୁଏ ଏବଂ ଏଥିରୁ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ପ୍ରଦୂଷକ ନିର୍ଗତ ହୁଏ ନାହିଁ। ଏହାକୁ ବ୍ୟବହାର କରି ମିଥାନଲ, ୟୁରିଆ, ଏମୋନିଆ, ଉଦଜାନ ଓ ସାଂଶ୍ଲେଷିକ ପ୍ରାକୃତିକ ଗ୍ୟାସ ମଧ୍ୟ ଉତ୍ପାଦନ କରାଯାଏ। ଉଲ୍ଲେଖନୀୟ ଯେ ଚାଇନା କୋଇଲା ଗ୍ୟାସୀକରଣରୁ ଏହାର ୭୦ ପ୍ରତିଶତ ମିଥାନଲ ଓ ୯୦ ପ୍ରତିଶତରୁ ଅଧିକ ଏମୋନିଆ ଉତ୍ପାଦନ କରୁଛି।

ଯେଉଁ ଦେଶରେ ଅଧିକ ପରିମାଣର କୋଇଲା ଗଚ୍ଛିତ ଅଛି, ସେମାନଙ୍କ ପାଇଁ କୋଇଲା ଗ୍ୟାସୀକରଣ ହେଉଛି ବରଦାନ ସଦୃଶ। ଏହା ସାହାଯ୍ୟରେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଶ୍ରୁତି ଦିଆଯାଇଥିବା କାର୍ବନ ଉତ୍ସର୍ଜନକୁ ହ୍ରାସ କରି ହେବ। ବିଶେଷକରି ଆମ ଦେଶ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଭାରତରେ ୪୦୧ ବିଲିୟନ ଟନ୍ କୋଇଲା ଓ ୪୭ ବିଲିୟନ ଟନ ଲିଗନାଇଟ ଗଚ୍ଛିତ ଅଛି। ଦେଶରେ ବର୍ଷକୁ ପ୍ରାୟ ଏକ ବିଲିୟନ ଟନ କୋଇଲା ବ୍ୟବହୃତ ହେଉଛି ଏବଂ ଏହାର ପ୍ରାୟ ୮୦ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହୃତ ହେଉଛି। ଦେଶର ପ୍ରାଥମିକ ବ୍ୟାବସାୟିକ ଶକ୍ତିରେ କୋଇଲାର ଅଂଶ ହେଉଛି ୪୫ ପ୍ରତିଶତରୁ ଅଧିକ। ଭାରତ ପ୍ୟାରିସ ରାଜିନାମାରେ ଦେଇଥିବା ଦୁଇଟି ପ୍ରତିଶ୍ରୁତି ହେଉଛି ଯେ ଏହା ୨୦୩୦ ମସିହା ସୁଦ୍ଧା କାର୍ବନ ଉତ୍ସର୍ଜନକୁ ୨୦୦୫ ମସିହା ତୁଳନାରେ ୩୩ ରୁ ୩୫ ପ୍ରତିଶତ ହ୍ରାସ କରିବ ଏବଂ ଅଣ ଜୀବାଶ୍ମ ଇନ୍ଧନରୁ ୪୦ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ କରିବ। ଏଣୁ ଏହି ଲକ୍ଷ୍ୟ ପୂରଣ କରିବା ପାଇଁ କୋଇଲା ଗ୍ୟାସୀକରଣ ହେଉଛି ଏକ ଉତ୍କୃଷ୍ଟ ଉପାୟ, ଯାହା ଦ୍ୱାରା ଦେଶରେ କୋଇଲା ବ୍ୟବହାର ହୋଇପାରିବ ଏବଂ ପ୍ୟାରିସ ରାଜିନାମା ଅନୁଯାୟୀ ଆମର ପ୍ରତିଶ୍ରୁତି ରକ୍ଷା ହୋଇପାରିବ।

ଆମ ଦେଶରେ ବହୁ ପୂର୍ବରୁ କୋଇଲା ଗ୍ୟାସୀକରଣ ପ୍ରକ୍ରିୟା କାର୍ଯ୍ୟ କରାଯାଇଛି। ୧୯୬୦ ଦଶକରେ ସିନ୍ଦ୍ରି ସାର କାରଖାନାରେ (ବର୍ତ୍ତମାନ ଏହା ବନ୍ଦ ହୋଇଯାଇଛି) ଏହି ପ୍ରକ୍ରିୟାରେ ସାର ଉତ୍ପାଦନ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଏହାକୁ ଇନ୍ଧନ ସମେତ ଅନ୍ୟ କେତେକ ଉତ୍ପାଦ ପାଇଁ ବ୍ୟବହାର କରିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ୨୦୩୦ ମସିହା ସୁଦ୍ଧା ବାର୍ଷିକ ୧୦୦ ନିୟୁତ ଟନ୍ କୋଇଲା ଗ୍ୟାସୀକରଣର ଲକ୍ଷ୍ୟ ରଖାଯାଇଛି ଏବଂ ଏଥିପାଇଁ ୩୭୫୦୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

କୋଇଲା ଗ୍ୟାସୀକରଣ ଦ୍ୱାରା ପରିବେଶ ପ୍ରଦୂଷଣ ହ୍ରାସ ପାଇବ। ସ୍ୱଚ୍ଛ ଶକ୍ତି ଉପଲବ୍ଧ ହେବ ଏବଂ ସିନ୍ ଗ୍ୟାସକୁ ବ୍ୟବହାର କରି ୟୁରିଆ, ଏମୋନିଆ ଓ ମିଥାନଲ ଉତ୍ପାଦିତ ହେଉଥିବାରୁ ଏହିସବୁ ପଦାର୍ଥର ଆମଦାନୀ ହ୍ରାସ ପାଇବ, ଯାହା ଦେଶର ବୈଦେଶିକ ପୁଞ୍ଜିକୁ ସମୃଦ୍ଧ କରିବ। ପୁନଶ୍ଚ କାର୍ବନ ପ୍ରଯୁକ୍ତିବିଦ୍ୟାରେ ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଅନ୍ୟ କାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସକୁ ଧରି ନିଆଯାଉଛି, ଯାହାଫଳରେ ଏହା ବାୟୁମଣ୍ଡଳକୁ ଯାଇ ପାରୁନାହିଁ। ସିନ୍ ଗ୍ୟାସ ବ୍ୟବହାରରେ ଏହି ପ୍ରଯୁକ୍ତିବିଦ୍ୟା ସହଜରେ କାର୍ଯ୍ୟ କରିପାରିବ।

(ସମ୍ପାଦକ, ସାଇନ୍ସ ହେରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

ମହାପ୍ରଭୁଙ୍କ ସାଗରବିଜେ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ତ୍ରେତୟା ଯୁଗରେ ଲୀଳା ସମାପ୍ତି ପରେ ଅବତାର ପୁରୁଷ ଶ୍ରୀରାମଚନ୍ଦ୍ର ପବିତ୍ର ସରଜୁ ନଦୀରେ ଜଳସମାଧି ନେଇ ବୈକୁଣ୍ଠ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଇଚ୍ଛାପ୍ରକଟ କଲେ। ଏହାଶୁଣି ପରମ ଭକ୍ତ ହନୁମାନ ନିବେଦନ କଲେ - 'ପ୍ରଭୁ! ଆପଣ ମୋତେ ଚିରଞ୍ଜୀବୀ କରି ଦେଇ ନିଜେ ବୈକୁଣ୍ଠ ପ୍ରତ୍ୟାଗମନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆପଣଙ୍କ ଅବର୍ତ୍ତମାନରେ ପୃଥିବୀରେ ବଞ୍ଚି ରହିବା ମୋ ପାଇଁ ନିରର୍ଥକ ଓ ଅସମ୍ଭବ। ଆପଣ ପରମ ଦୟାଳୁ, ଭକ୍ତବତ୍ସଳ। ଆପଣ ମୋତେ ମଧ୍ୟ ସାଙ୍ଗରେ ନେଇ ଚାଲନ୍ତୁ।' ପ୍ରଭୁ ଶ୍ରୀରାମଚନ୍ଦ୍ର କହିଲେ - 'ହନୁମାନ ତୁମେ ଚିରଞ୍ଜୀବୀ ହୋଇଥିବାରୁ ବର୍ତ୍ତମାନ ମୋ ସହ ଯିବା ସମ୍ଭବ ନୁହେଁ। କିନ୍ତୁ କଳିଯୁଗରେ ମୁଁ 'ଜଗନ୍ନାଥ' ନାମ ଧାରଣ କରି ନୀଳାଚଳରେ ଆରାଧିତ ହେବି। ତୁମେ ସେଠାରେ ସମୁଦ୍ର କୂଳରେ ଅବସ୍ଥାନ କରୁଥିବ। ପ୍ରତି ଅମାବାସ୍ୟା ଦିନ ମୋର ନାରାୟଣ ବିଗ୍ରହ ମହୋଦଧି କୂଳକୁ ସାଗର ବନ୍ଦାପନା ପାଇଁ ବିଜେ କରିବେ। ସେତେବେଳେ ତୁମେ ମୋର ଚତୁର୍ଭୁଜ ସ୍ୱରୂପ ଦର୍ଶନ କରିବାର ସୁଯୋଗ ଲାଭ କରିବ।'

ଦ୍ୱାପର ଯୁଗରେ କଂସ ପରି ଅସୁରମାନଙ୍କ କବଳରୁ ସଂସାରକୁ ରକ୍ଷା କରିବା ପାଇଁ ମହାବିଷ୍ଣୁ ବସୁଦେବ-ଦେବକୀଙ୍କ କୋଳ ମଣ୍ଡନ କରି ଗୋପାଳକୃଷ୍ଣ ସ୍ୱରୂପରେ ଜନ୍ମଗ୍ରହଣ କଲେ। ଶୂନ୍ୟବାଣୀ ଅନୁସାରେ ବସୁଦେବ ନବଜାତ ଶିଶୁକୁ ଏକ ଟୋକେଇରେ ରଖି ମୁଣ୍ଡରେ ମୁଣ୍ଡେଇ ନନ୍ଦରାଜାଙ୍କ ଗୃହକୁ ନେଇ ଯାଉଥିଲେ। ଉଗ୍ରସେନ ବସୁଦେବଙ୍କର ରାସ୍ତା ଅବରୋଧ କଲେ। ସେ ଥିଲେ କୃଷ୍ଣଙ୍କର ଅଜା ଓ କଂସଦ୍ୱାରା ନିଯୁକ୍ତ ନଗର ପ୍ରହରୀ। ତେଣୁ ଶ୍ରୀକୃଷ୍ଣଙ୍କୁ ଚତୁର୍ଭୁଜ ବିଷ୍ଣୁସ୍ୱରୂପ ଧାରଣ କରିବାକୁ ପଡ଼ିଲା। ଉଗ୍ରସେନ ଚତୁର୍ଭୁଜ ନାରାୟଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ନିବେଦନ କଲେ - 'ପ୍ରଭୁ! ଆପଣ ମୋତେ ବାରବାର ସେହି ସ୍ୱରୂପରେ ଦର୍ଶନ ଦେବା ପାଇଁ ମୁଁ ପ୍ରାର୍ଥନା କରୁଛି।' ଶ୍ରୀକୃଷ୍ଣ କହିଲେ - 'ମୁଁ ଦ୍ୱିଭୁଜ ବିଶିଷ୍ଟ ମାନବାବତାର ଗ୍ରହଣ କରିଥିବାରୁ ଆପଣଙ୍କୁ ବାରମ୍ବାର ଚତୁର୍ଭୁଜ ନାରାୟଣ ରୂପେ ଦର୍ଶନ ଦେବା ସମ୍ଭବ ନୁହେଁ। କଳିଯୁଗରେ ମୁଁ ଦାରୁବ୍ରହ୍ମ ସ୍ୱରୂପରେ ନୀଳାଚଳରେ ଆରାଧିତ ହେବି। ଆପଣ ମହୋଦଧି କୂଳରେ ବିରାଜମାନ କରି ଆରାଧିତ ହେବେ। ଭକ୍ତମାନେ ପୁଣ୍ୟ ତୀର୍ଥ ମହୋଦଧିରେ ସ୍ନାନ କରିବା ଆଗରୁ ଆପଣଙ୍କ ପୂଜାର୍ଚ୍ଚନା କରି ଅନୁମତି ପ୍ରାର୍ଥନା କରିବେ। ପ୍ରତି ଅମାବାସ୍ୟା ଦିନ ମୁଁ ସାଗର ବିଜେ କଲା ବେଳେ ଆପଣଙ୍କୁ ଚତୁର୍ଭୁଜ ନାରାୟଣ ରୂପେ ଦର୍ଶନ ଦେବି।'

କଳିଯୁଗରେ ମହାପ୍ରଭୁ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ନୀଳଚଳର ଶ୍ରୀମନ୍ଦିରରେ ବିରାଜମାନ କରୁଛନ୍ତି। ଦିନେ ଦେବୀ ଲକ୍ଷ୍ମୀ ପ୍ରିୟ ମାର୍ଗଶୀର ମାସର ଗୁରୁବାର ଦିନ ଶ୍ରୀୟା ନାମକ ଚଣ୍ଡାଳୁଣୀର ଭକ୍ତିରେ ମୁଗ୍ଧ ହୋଇ ତା' ଘରେ ପୂଜାର୍ଚ୍ଚନା ଗ୍ରହଣ କଲେ। ଏହାପରେ କିଭଳି ବଡ଼ଭାଇଙ୍କ ନିର୍ଦ୍ଦେଶମତେ ଜଗନ୍ନାଥ ଅନିଚ୍ଛା ସତ୍ତ୍ୱେ ନାନାଦି କଟୁକଥା କହି ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିର ଛାଡ଼ିବା ପାଇଁ ବାଧ୍ୟ କରିଥିଲେ ଏବଂ ଦୁଇଭାଇ ଲକ୍ଷ୍ମୀଙ୍କ ଅଭିଶାପରେ ବାରବର୍ଷ ଅଖିଆ ଅପିଆ ରହି ଶେଷରେ ସମୁଦ୍ରକୂଳରେ ମହାଲକ୍ଷ୍ମୀଙ୍କ ଉଆସରେ ପହଞ୍ଚିଲେ ତାହା ମହାତ୍ମା ବଳରାମ ଦାସ କୃତ ଲକ୍ଷ୍ମୀପୁରାଣରେ ବର୍ଣ୍ଣିତ ଓ ଲୋକପ୍ରିୟ। ମାତା ଲକ୍ଷ୍ମୀ ବଳଭଦ୍ର ଓ ଜଗନ୍ନାଥ ଅନୁରୋଧରେ ଶ୍ରୀମନ୍ଦିର ଫେରିବା ଆଗରୁ ଅଭିମାନର ସହ ତାଙ୍କ ବାପାଙ୍କ ପ୍ରତି ମହାପ୍ରଭୁ ପ୍ରୟୋଗ କରିଥିବା ଅପମାନର ଅବତାରଣା କଲେ। ଜଗନ୍ନାଥ କହିଲେ- 'ଲକ୍ଷ୍ମୀ, ପିତା ତୁଲ୍ୟ ଶ୍ୱଶୁରଙ୍କ ବିଷୟରେ ଅଶାଳୀନ ମନ୍ତବ୍ୟ ଦେଇ କରିଥିବା ଅପରାଧର ପ୍ରାୟଶ୍ଚିତ୍ତ ସ୍ୱରୂପ ମୁଁ ପ୍ରତି ଅମାବାସ୍ୟା ଦିନ ମହୋଦଧିକୁ ଯାଇ ତୁମ ପିତାଙ୍କର ସଭକ୍ତି ବନ୍ଦାପନା କରିବି।'

ମହାପ୍ରଭୁ ତ୍ରେତୟା ଯୁଗରେ ହନୁମାନଙ୍କୁ, ଦ୍ୱାପରରେ ଅଜା ଉଗ୍ରସେନଙ୍କୁ ଓ କଳି ଯୁଗରେ ମାତା ଲକ୍ଷ୍ମୀଙ୍କୁ ଦେଇଥିବା କଥା ଅନୁସାରେ ଅମାବାସ୍ୟା ଦିନ ତାଙ୍କର ଚତୁର୍ଭୁଜ ନାରାୟଣ ବିଗ୍ରହ ସାଗରବିଜେ କରନ୍ତି। ସେଦିନ ମହାଜନ ସେବକମାନେ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣଙ୍କୁ ଦକ୍ଷିଣ ଘରୁ ଆଣି ରତ୍ନବେଦୀରେ ବିଜେ କରାନ୍ତି। ସେଠାରେ ଜଗନ୍ନାଥଙ୍କ ଆଜ୍ଞାମାଳ ପାଇବା ପରେ ତାଙ୍କୁ ନେଇ ଝୁଲଣ ମଣ୍ଡପ ପାଖରେ ଥିବା ପାଲିଙ୍କିରେ ବିଜେ କରିବା ପରେ ଘଣ୍ଟା, ଘଣ୍ଟ, କାହାଳିଆ ଓ ଛତର ସହ ପଟୁଆରରେ ମହୋଦଧିକୁ ବିଜେ କରନ୍ତି। ସେଠାରେ ବରୁଣରାଜଙ୍କ ତରଫରୁ ମହାପ୍ରଭୁଙ୍କ ବନ୍ଦାପନା ଓ ପଣା ସମର୍ପଣ କରାଯାଏ। ମହାପ୍ରଭୁଙ୍କ ତରଫରୁ ବରୁଣଙ୍କ ବନ୍ଦାପନା ହୁଏ। ତା' ପରେ ସେ ହନୁମାନ ଓ ଉଗ୍ରସେନଙ୍କୁ ଦର୍ଶନ ଦେଇ ଫେରିବା ବାଟରେ ଯମେଶ୍ୱର ମହାଦେବଙ୍କୁ ସଂଖୋଳି ମନ୍ଦିରକୁ ବାହୁଡ଼ା ବିଜେ କରନ୍ତି।

ମୋ: ୯୯୦୦୦୮୩୪୩୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଇଣ୍ଟିଗ୍ରେଟେଡ୍ ବିଇଡି ନାମଲେଖା ପାଇଁ ୨୦ରୁ ଆବେଦନ

ଭୁବନେଶ୍ୱର, ୧୮।୮(ସମିସ): ଚଳିତ ଶିକ୍ଷାବର୍ଷ ପାଇଁ ତିନି ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଇଡି-ଏମ୍‌ଇଡି ପାଠ୍ୟକ୍ରମରେ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମୟସୂଚୀ ପ୍ରକାଶ ପାଇଛି। ଆସନ୍ତା ୨୦ ତାରିଖରୁ ଅନଲାଇନ୍‌ରେ ଆବେଦନ ଆରମ୍ଭ ହେବ। ଅଗଷ୍ଟ ୩୦ ରାତି ୧୧ଟା ୪୫ ମଧ୍ୟରେ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଆବେଦନରେ କୌଣସି ତ୍ରୁଟିଥିଲେ ୩୧ ତାରିଖରେ ସଂଶୋଧନ କରିପାରିବେ।

- ସେପ୍ଟେମ୍ବର ୫ ରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା
- ୪ ବିଶ୍ୱବିଦ୍ୟାଳୟରେ ବିନା ପ୍ରବେଶିକା ପରୀକ୍ଷାରେ ହେବ ନାମଲେଖା

ସେପ୍ଟେମ୍ବର ୫ ତାରିଖ ଅପରାହ୍ନ ୨ ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ପିଲାମାନେ ୯ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ। ଏହାପରେ ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ସେପ୍ଟେମ୍ବର ୧୭ରେ ମେଧା ତାଲିକା ପ୍ରକାଶ ପାଇବ ଓ ଚୟନ ହୋଇଥିବା ପିଲାମାନେ ସେପ୍ଟେମ୍ବର ୨୧ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ୨୩ ରେ ୱେଟିଂ ବା ସ୍ପଟ୍ ନାମଲେଖା ପାଇଁ ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ଆଗ୍ରହୀ ପ୍ରାର୍ଥୀମାନେ ୨୪ ଓ ୨୫ ରେ ଆବଶ୍ୟକ କାଗଜପତ୍ର ସହିତ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟ କରିବେ। ଅପରପକ୍ଷରେ ମୟୂରଭଞ୍ଜର ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମେତ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓ ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଥିବା ୫୦ଟି ଲେଖାଏଁ ସିଟ୍‌କୁ ଚଳିତଥର ସାମସ୍ ମାଧ୍ୟମରେ ନାମଲେଖା ପ୍ରକ୍ରିୟାରେ ସାମିଲ କରିଛନ୍ତି। ଏସବୁ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ କୌଣସି ପ୍ରବେଶିକା ପରୀକ୍ଷା ହେବ ନାହିଁ। କ୍ୟାରିଅର୍ ମାର୍କ ଓ ସଂରକ୍ଷଣ ନୀତି ଆଧାରରେ କେନ୍ଦ୍ରୀୟ ଚୟନ ପ୍ରକ୍ରିୟାରେ ସିଟ୍ ଆବଣ୍ଟନ କରାଯାଇ ନାମଲେଖା ଦେବ ବୋଲି କୁହାଯାଇଛି।

ଶିକ୍ଷା ବଞ୍ଚାଅ ଆନ୍ଦୋଳନରେ ଗର୍ଜିଲା ବିଜେଡି

ଛାତ୍ରଛାତ୍ରୀଙ୍କୁ ଅଣଦେଖା ସରକାରକୁ ଭାରି ପଡ଼ିବ

ବଲାଙ୍ଗିର, ୧୮।୮(ସମିସ): ସ୍କୁଲ ବହିରେ ରହିଥିବା ତ୍ରୁଟି ଓ ଏହାକୁ ନ ସୁଧାରି ଭୁଲ ବହି ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନକୁ ନେଇ ବିଜେଡି ରାଜ୍ୟରେ ପ୍ରତିବାଦର ସ୍ୱର ତୀବ୍ର କରିଛି। ସରକାରଙ୍କ ଅପାରଗତାକୁ ଜିଲ୍ଲାସ୍ତରରେ ପହଞ୍ଚାଇବା ସହ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ 'ଶିକ୍ଷା ବଞ୍ଚାଅ' ଆନ୍ଦୋଳନ କରାଯାଉଛି। ଏହିକ୍ରମରେ ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଶିକ୍ଷା ବଞ୍ଚାଅ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନରେ ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ଓ ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଯୋଗଦେଇ ଗଣଶିକ୍ଷା ମନ୍ତ୍ରୀଙ୍କୁ ଶୀଘ୍ର ବରଖାସ୍ତ କରିବାକୁ ଦାବି କରିଥିଲେ। ସ୍ଥାନୀୟ ଗାନ୍ଧୀନଗରପଡ଼ାରୁ ଶହ ଶହ ଯୁବକ ଓ ଛାତ୍ର ଶୋଭାଯାତ୍ରା ଯାଇ ଜିଲ୍ଲାପାଳ ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଦର ବିଜେଡି ବିଧାୟକ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇ ସରକାରଙ୍କ ବିଫଳତା ବଖାଣିଥିଲେ।

ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ ଓ ଯୁବ ବିଜେଡି ସଭାପତି ଯତୀନ୍ଦ୍ର ପଟେଲଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିଲା। ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଯୋଗଦେଇ କହିଥିଲେ, ରାଜ୍ୟରେ ବିଜେପି ସରକାର ଆସିବା ପରେ ଶିକ୍ଷା ବ୍ୟବସ୍ଥାର ମୂଳଦୁଆକୁ ନଷ୍ଟ କରିଦେଇଛି। ଶେଷରେ ସରକାରଙ୍କ ଅପାରଗତା ପାଇଁ ଛାତ୍ରଛାତ୍ରୀଙ୍କୁ ଭୁଲ ବହି ପଢ଼ିବାକୁ ପଡୁଛି। ଯିଏ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଏମିତି କରୁଛି ତାକୁ ଆଗାମୀ ଦିନରେ ରାଜ୍ୟବାସୀ ଉଚିତ ଜବାବ ଦେବେ ଓ ଏଭଳି ଅକ୍ଷମଣୀୟ ଭୁଲ ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି କହିଥିଲେ। ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ସିଧାସଳଖ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଟାର୍ଗେଟ କରିଥିଲେ। ମନ୍ତ୍ରୀଙ୍କ ପାଖରେ ନୈତିକତାର ଅଭାବ ରହିଛି ଏତେ ବଡ଼ ଭୁଲ ପରେ ବି ସେ ଗାଦି ମାଡ଼ି ବସିଥିବାବେଳେ ତାଙ୍କୁ ମୁଖ୍ୟମନ୍ତ୍ରୀ ଶୀଘ୍ର ବରଖାସ୍ତ କରିବା କଥା ବୋଲି କହିଥିଲେ।

ଅନ୍ୟପକ୍ଷରେ ସଦର ବିଜେଡି ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏହି ଆନ୍ଦୋଳନରେ ଉପସ୍ଥିତ ରହି ୨ ବର୍ଷରେ ସରକାର କ'ଣ କରିଛି ଓ ଆଗକୁ କ'ଣ କରିପାରିବ ଦେଖାଇ ଦେଇଛି। କେବଳ ବହିରେ ତ୍ରୁଟି ପ୍ରସଙ୍ଗ ନୁହଁ, ଚାଷ ଓ ଚାଷୀଙ୍କ ପ୍ରସଙ୍ଗ, ମହିଳା ସଶକ୍ତିକରଣ ଭଳି ଅନେକ ପ୍ରସଙ୍ଗରେ ସରକାରୀ ଦଳର ନେତାଙ୍କ ବଡ଼ ବଡ଼ କଥା ଭୁଲ ପ୍ରମାଣିତ ହୋଇଛି। ସବୁ ରାଜ୍ୟବାସୀ ଦେଖୁଛନ୍ତି ଯାହାର ପ୍ରତିଫଳନ ଆଗାମୀ ଦିନରେ ନିର୍ବାଚନରେ ଲୋକେ ଦେଖିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ସରୋଜ ମେହେର, ଲୋଇସିଂହା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା, କଣ୍ଟାବାଞ୍ଜି ଯୁବନେତା ଗିରିରାଜ ସିଂ ଭୋଇ, ଅଜିତ ଯୋଷୀ, ବରଗଡ଼ ଜିଲ୍ଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଭଟଲିର ଯୁବନେତା ସୁବ୍ରତ ସିଂ ସମେତ ବହୁ ଯୁବ ଓ ଛାତ୍ରନେତା ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ତେବେ ତୁରନ୍ତ ଭୁଲ ପାଠ୍ୟପୁସ୍ତକକୁ ହଟାଇ ନୂତନ ପାଠ୍ୟ ପୁସ୍ତକ ପ୍ରଦାନ ସହ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା।

AFFIDAVIT

By virtue of an affidavit sworn before Executive Magistrate Bangomunda, dated 23.07.2026. I Amar Sahu At-asurla Po-Kapilabhata Ps-Bangomunda Dist-Balangir Odisha declare that I have changed my name from Amar Rao Jadhav to Amar Sahu. Henceforth, I shall be known as **Amar Sahu** for all purposes.

Amar Sahu

AFFIDAVIT

By virtue of an affidavit sworn before the Notary Public, Bhubaneswar, dated 18.08.2026, I, SUBARNAMALA SAHU, D/o Late Nabaghana Sahu, resident of 96, Jayasingi, Ratnapur, Dist. Ganjam, Odisha, PIN-761108, declare that I have changed my name from SUBARNAPUR SAHU to SUBARNAMALA SAHU. Henceforth, I shall be known as **SUBARNAMALA SAHU** for all purposes.

Sd/- SUBARNAMALA SAHU

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.: ELS-ANGL-OT-26-27-08

କାର୍ଯ୍ୟର ନାମ : ବିଦ୍ୟୁତ୍ ଲୋକୋ ସେଡ୍/ଅନୁଗୁଳ ଠାରେ ଆବଶ୍ୟକତା ଅନୁଯାୟୀ ଡାଟା ସଂଗ୍ରହଣ, ଗଚ୍ଛିତକରଣ, ସଂରକ୍ଷଣ ଏବଂ ପୁନଃଉତ୍ପାଦନ ତଥା ତଥ୍ୟର ଅଖଣ୍ଡତା ବଜାୟ ରଖିବା।

ବିଜ୍ଞାପିତ ମୂଲ୍ୟ (₹) : 83,73,568.04, **EMD** (₹) : 1,67,500.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 5,900.00, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.26.08.2026 ରିଖ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.09.09.2026ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS)/ଅନୁଗୁଳ

PR-375/R/26-27

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଉତ୍ତର ଓଡ଼ିଶା...

ତେବେ ସମ୍ପୂର୍ଣ୍ଣ ସ୍ଥିତି ଆୟତ୍ତ ପାଇଁ ଆହୁରି ତିନି ଚାରି ଦିନ ସମୟ ଲାଗିବ ବୋଲି ଶ୍ରୀ ରାଉତ କହିଛନ୍ତି। ମଙ୍ଗଳବାର ସୁଦ୍ଧା ବନ୍ୟା ଯୋଗୁଁ ଭଦ୍ରକ ଓ ଯାଜପୁର ସହିତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅନେକ ଅଞ୍ଚଳ ପାଣି ଘେରରେ ରହିଛି। ଏହି ୬ ଟି ଜିଲ୍ଲାର ୭୪ଟି ବ୍ଲକର ୧୩୮୧ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ଏଠାକାର ୯.୪୦ ଲକ୍ଷରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩.୭୦ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ୬ ଟି ଜିଲ୍ଲାରେ ସମୁଦାୟ ୪୫ଟି ଓଡ୍ରାଫ, ୮ଟି ଏନ୍‌ଡିଆରଏଫ୍ ଏବଂ ୬୫ଟି ଅଗ୍ନିଶମ ସେବା ଦଳ ନିୟୋଜିତ ହୋଇଛନ୍ତି।

ଅନ୍ୟପଟେ ହୀରାକୁଦରେ ଜଳସ୍ତର ବୃଦ୍ଧି ହେତୁ ୧୫ଟି ଗେଟ୍ ଖୋଲାଯାଇଛି। ଏଠାରେ ଏବେ ୬୧୯ ମିଟର ଜଳସ୍ତର ରହିଥିବା ବେଳେ ମହାନଦୀକୁ ୨ ଲକ୍ଷ ୨୮ ହଜାର କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଏବେ ଡ୍ୟାମ୍‌ରୁ ୨ ଲକ୍ଷ ୫୩ ହଜାର କ୍ୟୁସେକ ଜଳ ଛଡ଼ାଯାଉଛି। ଏବେ ମହାନଦୀରେ ବନ୍ୟା ସ୍ଥିତି ନାହିଁ। କିନ୍ତୁ ଆଗକୁ ଝାଡ଼ଖଣ୍ଡ ସମେତ ଛତିଶଗଡ଼ରେ ସକ୍ରିୟ ଅବପାତ ବର୍ଷା କରାଇବାର ଥିବାରୁ ହୀରାକୁଦକୁ ଅଧିକ ଜଳ ପ୍ରବେଶ କରିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦରୁ ଜଳ ନିଷ୍କାସନକୁ ବଢ଼ାଇ ଦିଆଯାଇଛି।

ଓଲଟିଲା ବୋଟ୍...

ହଠାତ୍ ଓଲଟିପଡିଥିଲା। ଫଳରେ ବୋଟରେ ଥିବା ୧୫ ଜଣ ପାଣିରେ ପଡ଼ିଯାଇଥିଲେ। ତେବେ ଅଗ୍ନିଶମ ବାହିନୀର କର୍ମଚାରୀଙ୍କ ଦ୍ୱାରା ଅଳ୍ପକେ ସମସ୍ତେ ଉଦ୍ଧାର ପାଇଛନ୍ତି। ଘଟଣା ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଅନ୍ୟ ଏକ ବୋଟ ଯୋଗେ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ପଲଟିଥିବା ବୋଟଟିକୁ ମଧ୍ୟ ଅଗ୍ନିଶମ ବାହିନୀ ସୁରକ୍ଷିତ ଉଦ୍ଧାର କରିଛନ୍ତି। କିନ୍ତୁ ରିଲିଫ ସାମଗ୍ରୀ ଗୁଡିକ ସବୁ ନଷ୍ଟ ହୋଇଯାଇଥିବା ଜଣାପଡିଛି।

କାନ୍ଥ ପଡ଼ି...

ଉପରେ ପଡ଼ିଯାଇଥିଲା। ଉଭୟଙ୍କୁ ଜେସିବି ସାହାଯ୍ୟରେ ଉଦ୍ଧାର କରି ବାଦାମପାହାଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ହେମଲତାଙ୍କୁ ମୃତ ଘୋଷଣା କରିଥିଲେ। ବୀରଭଦ୍ରଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏ ନେଇ ବାଦାମପାହାଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସୂଚନା ମୁତାବକ, ଗତ ୨୪ ଘଣ୍ଟାରେ ବହଳଦା ବ୍ଲକ ଅଞ୍ଚଳରେ ସର୍ବାଧିକ ୨୭୩ ମିମି ବର୍ଷା ହୋଇଥିବାବେଳେ ରାଇରଙ୍ଗପୁରରେ ୨୦୭ ମିମି ରେକର୍ଡ ହୋଇଛି। ଏହାବ୍ୟତୀତ ଜାମଦାରେ ୧୨୪ ମିମି, ବାଙ୍ଗିରିପୋଷିରେ ୧୧୨.୪ ମିମି ଓ ବିଜାତଳାରେ ୧୦୭ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଅନ୍ୟ ଅଞ୍ଚଳ ମଧ୍ୟରେ ତିରିଂରେ ୯୬.୨ ମିମି, ସାରସକଣା ଓ ବିଶୋଇରେ ୯୨ ମିମି ଲେଖାଏଁ ବୃଷ୍ଟିପାତ ରେକର୍ଡ ହୋଇଛି।

ପ୍ରଭାବିତଙ୍କ ପାଇଁ...

ମରାମତି କରାଯିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ନଷ୍ଟ ହୋଇଯାଇଥିବା ଡଙ୍ଗା, ଜାଲ, ପୋଖରୀ ଇତ୍ୟାଦି ପାଇଁ ଆର୍ଥିକ ସହାୟତା ଦିଆଯିବ। ଇଚ୍ଛୁକ ଚାଷୀଙ୍କ ସ୍ୱଳ୍ପ ମିଆଦୀ ଖରିଫ୍ କୃଷି ଋଣକୁ ମଧ୍ୟମ ଅବଧି କୃଷି ଋଣରେ ପରିଣତ କରାଯିବ। ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ କ୍ଷତିଗ୍ରସ୍ତ ଉପକରଣ/ଯନ୍ତ୍ରପାତି କିଣିବା ପାଇଁ ୫ ହଜାର ଟଙ୍କା ଏବଂ କଞ୍ଚାମାଲ/ପ୍ରସ୍ତୁତ ସାମଗ୍ରୀ କ୍ଷତି ପାଇଁ ୫ ହଜାର ଟଙ୍କା ସହାୟତା ଦିଆଯିବ। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, କେନାଲବନ୍ଧର ସାମୟିକ ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ସମସ୍ତ କ୍ଷତିଗ୍ରସ୍ତ ଭିତ୍ତିଭୂମି କ୍ଷତିର ଆକଳନ ପରେ ସ୍ଥାୟୀ ମରାମତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ/ଶୁଖିଲା ଖାଦ୍ୟ ଯୋଗାଣ ଜାରି ରହିବ। ଏହା ସହିତ ଅତିରିକ୍ତ ଭାବରେ ଆବଶ୍ୟକୀୟ ରିଲିଫ୍ ଚାଉଳ ଯୋଗାଇ ଦିଆଯିବ। ବନ୍ୟା ପ୍ରଭାବିତ ବ୍ୟକ୍ତି ବିଶେଷଙ୍କୁ ବାସନ-କୁସନ ଓ ବସ୍ତ୍ର ନିମନ୍ତେ ଆବଶ୍ୟକୀୟ ଅର୍ଥ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗଣମାଧ୍ୟମକୁ ବିବୃତ୍ତି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସହିତ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ଉପସ୍ଥିତ ଥିଲେ।

ସୁପ୍ରିମକୋର୍ଟରେ ଝୁଲିଲା...

ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ରଖି ଏହା ଏକ ସେବା ସମ୍ପର୍କିତ ମାମଲା ହୋଇଥିବାରୁ ଏଥିରେ ଜନସ୍ୱାର୍ଥ ମାମଲା ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ଏହାସହ ରାଜ୍ୟ ସରକାର ପ୍ରକାଶ ସିଂ ଗାଇଡଲାଇନ୍‌ର କୌଣସି ଉଲ୍ଲଙ୍ଘନ କରିନାହାନ୍ତି ବୋଲି ସେ ଯୁକ୍ତି ବାଢ଼ିଥିଲେ। ମାତ୍ର ଅଦାଲତ ଏହି ପ୍ରସଙ୍ଗରେ ଆମିକସ କ୍ୟୁରି ତଥା ବରିଷ୍ଠ ଆଇନଜୀବୀ ରାଜୁ ରାମଚନ୍ଦ୍ରନ୍‌ଙ୍କ ମତ ଲୋଡ଼ିଥିଲେ। ସେ ଜନସ୍ୱାର୍ଥ ମାମଲାକୁ ସମର୍ଥନ କରିବା ସହ ଡିଜିପି ଚୟନ ପ୍ରକ୍ରିୟାରେ ଗାଇଡଲାଇନ୍ ଉଲ୍ଲଙ୍ଘନ ହୋଇଥିବା ନେଇ ଯୁକ୍ତି ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ପୂର୍ବରୁ ଓଡ଼ିଶା ଡିଜିପି ଚୟନ ସମ୍ପର୍କିତ ବୈଠକ ନକରିବାକୁ ୟୁପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ସମସ୍ତଙ୍କ ନଜର ସେପ୍ଟେମ୍ବର ୨ର ଶୁଣାଣି ଉପରେ। ରାଜ୍ୟ ସରକାରଙ୍କ ଜବାବ ରେକର୍ଡରେ ଆସିବା ପରେ ସୁପ୍ରିମକୋର୍ଟ ଏହି ନିଯୁକ୍ତି ପ୍ରକ୍ରିୟାକୁ ନେଇ କି ମତ ଦେଉଛନ୍ତି ଏବଂ ଆଗାମୀ ଦିନରେ ୟୁପିଏସ୍‌ସି ଚୟନ ପ୍ରକ୍ରିୟା ଆଗକୁ ବଢ଼ିବ କି ନାହିଁ, ତାହା ଓଡ଼ିଶାର ପ୍ରଶାସନିକ ଓ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି।

ଓଡ଼ିଶାର ୭୬% ...

ବିଭୁ ପ୍ରସାଦ ତରାଇ, ଜୁଏଲ ଓରାମ, ବଳଭଦ୍ର ମାଝୀ, ନବ ଚରଣ ମାଝୀ, ସଙ୍ଗୀତା କୁମାରୀ ସିଂହଦେଓ, ଭର୍ତ୍ତୃହରି ମହତାବ, ଅପରାଜିତା ଷଡ଼ଙ୍ଗୀ, ସମ୍ବିତ ପାତ୍ର ଓ ଅନନ୍ତ ନାୟକ ପ୍ରମୁଖ ନିଜ ସତ୍ୟପାଠରେ ସେମାନଙ୍କ ନାମରେ ରହିଥିବା ଅପରାଧ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ୧୬ ଜଣଙ୍କ ମଧ୍ୟରୁ ୯ ଜଣଙ୍କ ବିରୋଧରେ ଗୁରୁତର ମାମଲା ରହିଥିବା ଜଣାପଡ଼ିଛି। ଅନୁରୂପ ଭାବରେ ପ୍ରତାପ ଷଡ଼ଙ୍ଗୀ ଓ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ସର୍ବାଧିକ ୯ଟି ଲେଖାଏଁ ମାମଲା ରହିଥିବାବେଳେ ପ୍ରଦୀପ ପୁରୋହିତ, ରୁଦ୍ର ନାରାୟଣ ପାଣି ଓ ବୈଜୟନ୍ତ ପଣ୍ଡାଙ୍କ ବିରୋଧରେ ୮ଟି ଲେଖାଏଁ, ଧର୍ମେନ୍ଦ୍ର ପ୍ରଧାନଙ୍କ ନାମରେ ୫ଟି ଏବଂ ସୁକାନ୍ତ ପାଣିଗ୍ରାହୀଙ୍କ ନାମରେ ୪ଟି ମାମଲା ରହିଥିବା ଜଣାପଡ଼ିଛି।

ବରିଷ୍ଠ ଆଇନଜୀବୀ ତଥା ଆମିକସ କ୍ୟୁରି ବିଜୟ ହାନସାରିଆଙ୍କ ତଥ୍ୟ ଅନୁସାରେ ୨୫୧ ଜଣ ଲୋକସଭା ସାଂସଦ ଏବଂ ୭୫ ଜଣ ରାଜ୍ୟସଭା ସାଂସଦଙ୍କ ବିରୋଧରେ ଗୁରୁତର ମାମଲା ରହିଛି। ଅଭିଯୁକ୍ତ ୨୫୧ ଲୋକସଭା ସାଂସଦଙ୍କ ମଧ୍ୟରୁ ୧୭୦ ଜଣଙ୍କ ବିରୋଧରେ ଅତି ଗୁରୁତର ଅପରାଧିକ ମାମଲା ରହିଛି। ଯେଉଁଥିରେ ଅତିକମରେ ୫ ବର୍ଷ କିମ୍ବା ତା'ଠାରୁ ଅଧିକ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ସେହିଭଳି ରାଜ୍ୟସଭାର ୨୩୩ ସଦସ୍ୟଙ୍କ ମଧ୍ୟରୁ ୭୫ ଜଣଙ୍କ ବିରୋଧରେ ମାମଲା ଥିବାବେଳେ ୪୦ ଜଣଙ୍କ ନାମରେ ଗୁରୁତର ଅଭିଯୋଗ ରହିଛି। କେରଳ (୯୫%) ଏବଂ ତେଲେଙ୍ଗାନା (୮୨%) ପରେ ଓଡ଼ିଶା (୭୬%) ଦେଶର ଶୀର୍ଷ ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି। ଝାଡ଼ଖଣ୍ଡରେ ୭୧% ଏବଂ ତାମିଲନାଡୁରେ ୬୭% ସାଂସଦଙ୍କ ନାମରେ ମାମଲା ରହିଥିବା ବେଳେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଏହି ହାର ପ୍ରାୟ ୫୦% ରହିଛି। ଅନୁରୂପ ଭାବରେ ଦେଶର ୨୮ଟି ରାଜ୍ୟ ମଧ୍ୟରୁ ୧୪ ଜଣ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମଧ୍ୟ ଅପରାଧିକ ମାମଲା ରହିଛି। ବର୍ତ୍ତମାନ ସୁଦ୍ଧା ଦେଶର ବିଭିନ୍ନ କୋର୍ଟରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ମୋଟ ୪,୧୯୨ଟି ମାମଲା ବିଚାରାଧୀନ ରହିଛି। ୨୦୨୫ ବର୍ଷ ମଧ୍ୟରେ ୧,୨୪୩ଟି ମାମଲାର ସମାଧାନ ହୋଇଥିବା ବେଳେ ୧,୦୫୦ଟି ନୂଆ ମାମଲା ରୁଜୁ ହୋଇଛି। ପ୍ରତି ଜିଲ୍ଲାରେ ସ୍ୱତନ୍ତ୍ର ଏମପି/ଏମଏଲଏ କୋର୍ଟକୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆମିକସ କ୍ୟୁରି ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ମସିହାରେ ସୁପ୍ରିମକୋର୍ଟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ହାଇକୋର୍ଟଗୁଡ଼ିକୁ ସ୍ୱତନ୍ତ୍ର ବେଞ୍ଚ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏବେ ବି ବହୁ ସଂଖ୍ୟକ ମାମଲା ପଡ଼ି ରହିଥିବାରୁ କୋର୍ଟ ଏହା ଉପରେ କଡ଼ା ନଜର ରଖିବାକୁ ଆବେଦନ କରାଯାଇଛି।

ଚିନି କେଜି...

ମାଡ଼ ଆହୁରି ଜୋରଦାର ହେବ। ଅର୍ଥାତ୍ ଆକାଶଛୁଆଁ ହେବ ଖାଦ୍ୟ ସାମଗ୍ରୀ ଦର ବୋଲି ଏବେଠାରୁ ଚେତାବନୀ ଦେଇଛି, ବହୁରାଷ୍ଟ୍ରୀୟ ଆର୍ଥିକ ସେବା ସଂସ୍ଥା ଜେପି ମୋର୍ଗାନ୍। ବଜାରରେ ସାର ଅଭାବ ଯୋଗୁ ଆସନ୍ତା ବର୍ଷ ଫସଲ ଉଜୁଡ଼ିଯିବ ବୋଲି ଏଜେନ୍ସି ସତର୍କ କରାଇଛି।

୨୦୨୭ ସୁଦ୍ଧା ଭାରତ ସମେତ ସାରା ବିଶ୍ୱରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇପାରେ। ଏହି ସତର୍କତା ଜେପି ମୋର୍ଗାନ୍ ଦ୍ୱାରା ଜାରି କରାଯାଇଛି। ଏଜେନ୍ସି ଦାବି କରିଛି ଯେ ଏଲ୍ ନିନୋ ଯୋଗୁଁ ଦୁର୍ବଳ ମୌସୁମୀ, ଇରାନ-ଆମେରିକା ଯୁଦ୍ଧ ଯୋଗୁଁ ତୈଳ ମୂଲ୍ୟ ବୃଦ୍ଧି ଏବଂ ମହଙ୍ଗା ସାର ଦ୍ୱାରା କୃଷି ପ୍ରତିକୂଳ ଭାବରେ ପ୍ରଭାବିତ ହୋଇପାରେ। ଫସଲ ଉତ୍ପାଦନ ହାରାହାରି ପ୍ରାୟ ୩.୫% ପର୍ଯ୍ୟନ୍ତ ହ୍ରାସ ପାଇପାରେ। ରିପୋର୍ଟରେ କୁହାଯାଇଛି ଯେ ୨୦୨୭ର ପ୍ରଥମାର୍ଦ୍ଧରେ ବିଶ୍ୱରେ ଖାଦ୍ୟସାମଗ୍ରୀର ମୂଲ୍ୟ ୫% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ, ଯାହା ୨୦୨୬ ର ପ୍ରଥମାର୍ଦ୍ଧରେ ୨.୮% ରହିଥିଲା। ଏହି ଚେତାବନୀ ଭାରତ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ, କାରଣ କୃଷି ଦେଶର ଅର୍ଥନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରେ। କମ୍ ବର୍ଷା ଫସଲ ଉତ୍ପାଦନ ହ୍ରାସ କରିପାରେ। ଏହାବ୍ୟତୀତ, ଯୁଦ୍ଧ ପୂର୍ବରୁ ମହଙ୍ଗା ସାର ମୂଲ୍ୟକୁ ଆହୁରି ବୃଦ୍ଧି କରିପାରେ। ରିପୋର୍ଟ ଅନୁଯାୟୀ, ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଭାରତ ସରକାରଙ୍କ ଉପରେ ସବସିଡି ବୋଝ ୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ବଜାରରେ ବର୍ତ୍ତମାନ ଅଦା ଓ ରସୁଣ କିଲୋ ପିଛା ୨୦୦ ଟଙ୍କା ଉପରେ ରହିଛି। ସେହିପରି ପିଆଜ କିଲୋ ହଠାତ୍ ୩୫ ଟଙ୍କାରୁ ୫୦ ଟଙ୍କାକୁ ବୃଦ୍ଧି ଘଟିଛି। ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଏବଂ ଯୋଗାଣ ଜନିତ ସମସ୍ୟା ଯୋଗୁ ପିଆଜ ମୂଲ୍ୟରେ ଏପରି ବୃଦ୍ଧି ବୃଦ୍ଧି ଘଟିଛି। ତେବେ ବିଦେଶକୁ ବହୁ ପରିମାଣରେ ପିଆଜ ରପ୍ତାନି ଏଭଳି ଦର ବୃଦ୍ଧିର ମୁଖ୍ୟ କାରଣ କୁହାଯାଉଛି। ଏହାବ୍ୟତୀତ ବଜାରରେ ଚିନି ମୂଲ୍ୟ ହଠାତ୍ କିଲୋ ପିଛା ୮-୧୦ ଟଙ୍କା ବୃଦ୍ଧି ପାଇଛି। ଚିନି ମୂଲ୍ୟ ନିୟନ୍ତ୍ରଣ ସରକାରଙ୍କ ପାଇଁ ଏବେ ବଡ଼ ଚିନ୍ତାର ବିଷୟ ପାଲଟିଛି। ବଜାର ବିଶେଷଜ୍ଞମାନେ ମଧ୍ୟ ଚିନି ଦର ବୃଦ୍ଧି ପାଇଁ ସରକାରଙ୍କ ରପ୍ତାନି ନୀତିକୁ ଦାୟୀ କରୁଛନ୍ତି।

କଠୋର ଆଭିମୁଖ୍ୟ...

ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଆସନ୍ତାକାଲି କମିଟି ଗଠିତ ହେବ ଏବଂ ସଦସ୍ୟଙ୍କ ନାମର ଘୋଷଣା କରାଯିବ। ଜୁଲାଇ ୨୦ ଆନ୍ଦୋଳନ ବେଳର ଭିଡିଓ ଫୁଟେଜ୍ ଏବଂ ସିସିଟିଭି ରେକର୍ଡିଂ ଏହି କମିଟିରେ ଦାଖଲ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆନ୍ଦୋଳନ ବେଳେ ଦିଲ୍ଲୀ ଏବଂ ଅନ୍ୟ ଅଞ୍ଚଳରେ ଛାତ୍ରୀମାନଙ୍କ ବିରୋଧରେ ଅସାଦରଣର ଯେଉଁ ଅଭିଯୋଗ ଆସିଛି, ତାହର ମଧ୍ୟ ଏହି କମିଟି ଯାଞ୍ଚ କରି ରିପୋର୍ଟ ଦାଖଲ କରିବ। ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ବିରୋଧରେ ରୁଜୁ ହୋଇଥିବା ଏଫଆଇଆର ସଂକ୍ରାନ୍ତ ବିସ୍ତୃତ ରିପୋର୍ଟ ଦାଖଲ କରିବା ଲାଗି କୋର୍ଟ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଧାରା ୧୪୨ ଦେଇଥିବା କ୍ଷମତା ବଳରେ ସୁପ୍ରିମ କୋର୍ଟ ଏହି ଏଫଆଇଆରଗୁଡ଼ିକୁ ଖାରଜ କରିବେ ବୋଲି ଜଣାପଡ଼ିଛି। ଏଫଆଇଆର ଖାରଜକୁ ସରକାରୀ ଓକିଲ ବିରୋଧ କରିବାରୁ ସୁପ୍ରିମ କୋର୍ଟ କହିଲେ ଯେ ସମ୍ବିଧାନର ଧାରା ୧୯ ଅନୁଯାୟୀ ପ୍ରତିବାଦ କରିବା ଲାଗି ସେମାନଙ୍କର ଅଧିକାର ରହିଛି। ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ବିପଦରେ ପକାଯାଇ ପାରିବ ନାହିଁ। ତେଣୁ ଏହା ଉପରେ ବିଚାର କରିବାକୁ ପଡ଼ିବ ବୋଲି ବେଞ୍ଚ କହିଛନ୍ତି। ଆନ୍ଦୋଳନ ବେଳେ ହିଂସାରେ ୨୮୦୦ ସମାଜବିରୋଧୀ ଲୋକ ସଂପୃକ୍ତ ଥିଲେ ଏବଂ ସେମାନଙ୍କୁ ପୁଲିସ ଚିହ୍ନଟ କରିଛି ବୋଲି ମେହେଟ୍ଟା କହିଥିଲେ। ସୂଚନାଯୋଗ୍ୟ ଯେ ଗତ ତିନି ତାରିଖରେ ସୁପ୍ରିମ କୋର୍ଟ କହିଥିଲେ ଯେ ଯେଉଁ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ବିରୋଧରେ ଗୁରୁତର ଅପରାଧିକ ମାମଲା ରହିଛି ସେମାନଙ୍କୁ ଛାଡ଼ି ଅନ୍ୟମାନଙ୍କ ବିରୋଧରେ ଏଫଆଇଆର ପ୍ରତ୍ୟାହାର କରାଯାଇପାରିବ। ଏହାସହିତ କୋର୍ଟ ସ୍ପଷ୍ଟ କରିଥିଲେ ଯେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଲାଗି ସମ୍ବିଧାନ ଅଧିକାର ପ୍ରଦାନ କରିଛି। ତେଣୁ ସେମାନଙ୍କ ବିରୋଧରେ ପୁଲିସର ଲାଠିମାଡ଼ କିମ୍ବା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ ଦର୍ଶାଯାଇପାରିବ ନାହିଁ। ଉଲ୍ଲେଖଯୋଗ୍ୟ ଯେ ଜୁଲାଇ ୨୦ରେ ସଂସଦ ଆଡ଼କୁ ମାର୍ଚ୍ଚ କରୁଥିବା ଆନ୍ଦୋଳନକାରୀଙ୍କ ଉପରେ ପୁଲିସ ଲାଠିମାଡ଼ ସହିତ ଲୁହବୁହା ଗ୍ୟାସ ଏବଂ ଏପରିକି ପେଲେଟ୍ ଗନ୍ ମାଡ଼ କରିଥିଲା। ପୁଲିସର ଏଭଳି ଅମାନବିକ କାର୍ଯ୍ୟାନୁଷ୍ଠାନ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ବିରଜା ଶଙ୍କର ମିଶ୍ର ଓଏଚ୍‌ଆର୍‌ସି ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୧୮।୮(ସମିସ): ରାଜ୍ୟ ସରକାର ଆଇନଜୀବୀ ବିରଜା ଶଙ୍କର ମିଶ୍ରଙ୍କୁ ରାଜ୍ୟ ମାନବାଧିକାର କମିଶନ ବା ଓଏଚ୍‌ଆର୍‌ସି ସଦସ୍ୟ ଭାବେ ନିଯୁକ୍ତ କରିଛନ୍ତି। ଶ୍ରୀ ମିଶ୍ର କେନ୍ଦୁଝରର ଜଣେ ଆଇନଜୀବୀ। ଏନେଇ ରାଜ୍ୟ ସରକାରଙ୍କ ଆଇନ୍ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀଙ୍କୁ କମିଶନଙ୍କ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହା ସହ ଚିତ୍ତ ରଞ୍ଜନ ମହାପାତ୍ର ମଧ୍ୟ କମିସନଙ୍କ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ତେବେ ୩ ଜଣିଆ କମିଶନଙ୍କ ସଦସ୍ୟଙ୍କ ମଧ୍ୟରୁ ଗୋଟିଏ ପଦବୀ ଫାଙ୍କା ରହିଥିଲା। ଏହି ପଦବୀ ପୁରଣ ହେବା ପରେ ଓଏଚ୍‌ଆରସି ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରିବ।

19001/200/2627

Government Of Odisha

PANCHAYAT SAMITI OFFICE, JHARBANDH, DIST- BARAGADA

INVITATION FOR BIDS (IFB)

Bid Identification No.01/2026-27 Panchayat Samiti, Jharbandh,Dist- Bargarh

1) The The Block development Officer, Jharbandh, Dist- Baragada on behalf of Governor of Odisha invites Percentage Rate bid in ONLINE MODE for the Building works as detailed in the Detailed Tender Call Notice (D.T.C.N) from the eligible class of contractors.

2)	**No of Building work: -**	6 Nos.
3)	**Cost of Tender Paper: -**	Rs.10,000/-, Rs 6,000/-, Rs 4000/-
4)	**Class of contractor: -**	"B", "C" & D Class Contractor
5)	**Date & Time of available in web site & receipt of Bids: -**	11:00 Hrs. of 18/08 /2026 to 17:00Hrs. of 31/08/2026.
6)	**Date of opening of Bid: -**	01/09/2026 at 11:00Hrs.

7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in

Block Development Officer
Jharbandh

OIPR-19001/19479/1/26-27/0001

PATTAMUNDAI MUNICIPALITY, PATTAMUNDAI

13001/1567/2627 **EXPRESSION OF INTEREST (EOI)**

EOI Notice No. 4928/PM, Date: 14.08.26

Sealed EOI is invited from interested reputed Travel Agencies, Fleet Operators, Authorized EV Dealers, Vehicle Aggregators and Individual Vehicle Owners for providing One (01), Electric Vehicle (EV) with Driver on monthly hiring basis for official use of Pattamundai Municipality.

The filled in EOI must submit along with non refundable paper cost of Rupees 6000.00 should be drawn in the shape of Demand Draft drawn in favour of Executive Officer Pattamundai Municipality, payable at Pattamundai & EMD amount of 10000.00 in the shape of TDR duly pledged to Executive Officer, Pattamundai Municipality. The EOI paper can be downloaded from District Website "https://kendrapara.odisha.gov.in" from 15-08-2026 5PM to 5PM of 28-08-2026 and same should be submitted by Speed Post/Courier to the undersigned by 5pm of 29-08-2026 and same will be opened at 11am of 02-09-2026 at Office of the Executive Officer Pattamundai Municipality. The Tender Inviting Authority reserves the right to cancel the EOI at any point of time without assigning any reason thereof.

Sd/-
Executive Officer
Pattamundai Municipality

OIPR-13001/13220/1/26-27/0007

ODISHA ADARSHA VIDYALAYA

BALIDHIPA, JHARBANDH, BARAGADA (ODISHA)

27001/137/2627 **TENDER NOTICE 02/2026-27**

Sealed Tenders are invited from the Registered and Reputed firms having GST registration for supply of Furniture, Kitchen Items & Utensils, Bed Items, Grocery, Vegetable, Non-Veg, Toilet Items, Music System & Other Assets to Boys' Hostel in OAV Balidhipa, Jharbandh. The tender forms with other particulars can be obtained from the office of the Principal, OAV Balidhipa, Jharbandh, Baragada(O) during office hour on all working days from **17.08.2026 to 09.09.2026 upto 04.00 P.M** on payment of **Rs.300/-(Non-refundable)** for each item. The details of Tender documents can also be downloaded from the District website https://baragada.odisha.gov.in/ or Vidyalaya website https://oav.edu.in/?GROUP_CODE-OAVBLP The last date for submission of sealed tender papers is **09.09.2026 upto 04.00 P.M.** Vidyalaya Purchase Advisory Committee Meeting will be held on **10.09.2026 at 11.00 AM** for opening of the sealed tenders and selection of the lowest competitive firms. The Chairman of the Committee reserves the right to accept or reject one or all the tenders partially or wholly without assigning any reason thereof. Any dispute in this regard would be subjected to the Court Jurisdiction of Baragada District only.

S/d
PRINCIPAL

OIPR-27001/27259/1/26-27/0001

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JAYAPUR
e-Procurement for Building works
Bid Identification No: EERWJYP – Online -07/2026-27

25001/955/2627

Letter No. 3979 — Date: 14.08.2026

01.	Name of the work	:: Building works
02.	Total Number of works	:: 02 (Two) Nos.
03.	Approximate Estimated cost	:: Rs. 8.40 lakhs to Rs. 16.80 lakhs (approximately)
04.	Class of Contractor	: "D" & "C" Class
05.	Period of Completion	:: within 2 months to 3 months
06.	Other Details	

Procurement Officer	Bid Identification No.	Sl.No. of work in notice	Availability of Tender online for bidding: From	Availability of Tender online for bidding: To	Last Date & Time of seeking tender clarification	Date & Time of Opening of Tender in O/o E.E., R.W. Division, Jayapur
1	2	3	4	5	6	7
Executive Engineer, Rural Works Division, Jeypore	Online Tender/07/ RWD-JYP/2026-27	02 Nos.	21.08.2026 at 10.00 A.M.	31.08.2026 up to 5.00 P.M.	29.08.2026 up to 2.00 P.M.	01.09.2026 at 10.00 A.M.

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

Executive Engineer,
Rural Works Division: Jayapur

OIPR-25001/25160/1/26-27/0007

AFFIDAVIT
CHANGE OF NAME (MINOR)

By virtue of an affidavit sworn before The Notary Public, Titilagarh, on dated- 18/08/2026. I, **Rajeswari Naik** (applicant name), D/o Natha Bag, permanent & current resident of AT: Kandakhal, PO: Palana, PS: Kegaon, Dist: Kalahandi, State: Odisha, PIN: 766036 declare that I have changed my minor son's name from **Ruturaja Naik** (old name) to **Raj Naik** (new name). Henceforth, he shall be known as **Raj Naik** (new name) for all future purposes.

Rajeswari Naik

AFFIDAVIT

By virtue of an affidavit sworn before the Executive Magistrate, Delang A.F.No. 1628 on dated 10/09/2025, I DILLIP KUMAR SAHOO, S/o Kanduri Sahoo resident of Village At- Ratanpur, Po/Ps- Delang, Dist- Puri, Odisha, Pin- 752015 declare that I have changed my minor son's name from SUBHA SAHOO to SAKTI SWARUP SAHOO. Henceforth, he shall be known as SAKTI SWARUP SAHOO for all future purposes.

Sd- DILLIP KUMAR SAHOO

AFFIDAVIT

By virtue of an affidavit (SL No. 1407, dtd- 09/05/2025) sworn before The Executive Magistrate, Khordha. I, **Supriya Majhi,** D/o- Sankarshan Majhi, resident of At- Samantarapur, PO- Goda, PS- Begunia, Dist- Khordha, Odisha declare that I have changed my name from **Sumitra Majhi** (old name) to **Supriya Majhi** (new name). Henceforth, I shall be known as **Supriya Majhi** (new name) for all purposes.

Supriya Majhi

AFFIDAVIT

I, Saikh Sikandar, aged about 47 years, S/o- SK Nuruhak, resident of At- Plot No-882, Sikharchandi Nagar, Patia, Ps- Infocity, Bhubaneswar, Dist- KHURDA, Odisha, PIN- 751024, do hereby declare by this affidavit No. 1687, dtd-18/08/2026, that now onwards I shall be known as **SK SIKANDAR** for all future purposes.

AFFIDAVIT

By virtue of an affidavit before Executive Magistrate, Bhubaneswar on dtd 05.08.26, I, ANIL KUMAR ROUT, S/o.: Late Judhistir Rout, resident of Bhubaneswar, Odisha, do here by solemnly affirm that my son's correct name is VEDANT ADITYA ROUT, born on 15.08.201. His fresh birth certificate Registration No: 147/2015, Date: 11.02.2015, UBRN No: 21RB386-0225-0001476-2015, Date of Issue: 25.06.2026 bears the name VEDANT ADITYA ROUT instead of VEDANTA ADITYA ROUT. I declare that VEDANT ADITYA ROUT and VEDANTA ADITYA ROUT are one and the same person. Henceforth, his correct name shall be known as **VEDANT ADITYA ROUT** for all purposes.

Sd/- ANIL KUMAR ROUT

ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତାକୁ ଗୁରୁତ୍ୱ

ଭାରୀଯାନ ଚଳାଚଳ ଓ ପାର୍କିଂ କଟକଣା

ଜଗତସିଂହପୁର,୧୮।୮ (ସମିସ)

ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଜେ. ସୋନାଲ ମୋଟରଯାନ ଆକ୍ଟ ୧୯୮୮ ର ଧାରା ୧୧୫ ଓ ୧୧୬ ଅନ୍ତର୍ଗତ ଭାରୀଯାନ ଚଳାଚଳ ଏବଂ ଗାଡ଼ି ପାର୍କିଂ ଉପରେ କେତେକ କଟକଣା ଲାଗୁ କରିଛନ୍ତି। ଜଗତସିଂହପୁର ପୌର ପରିଷଦ ଅଧୀନରେ ଭାରୀଯାନ ଚଳାଚଳ ଯୋଗୁଁ ଉପୁଜୁଥିବା ଟ୍ରାଫିକ ସମସ୍ୟା ଓ ସାଧାରଣ ଜନତାଙ୍କ ଯାତାୟତ ଅସୁବିଧାକୁ ଦୃଷ୍ଟିରେ ରଖି ସକାଳ ୮ ଟାରୁ ସକାଳ ୧୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପୌରାଞ୍ଚଳରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ସେହିପରି ଆଳିପିଙ୍ଗଳରୁ ଜଗତସିଂହପୁର ପର୍ଯ୍ୟନ୍ତ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ୬ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍/ଟିପ୍ପର ଗୁଡ଼ିକ ବାରମ୍ବାର ଦୁର୍ଘଟଣାର କାରଣ ପାଲଟିଛି। ସେଥିପାଇଁ ଏହି ସବୁ ଯାନ ଉପରେ ସକାଳ ୫ ଘଟିକାରୁ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ଆଳିପିଙ୍ଗଳରୁ ଜଗତସିଂହପୁର ରାସ୍ତାରେ କଟକଣା ଲାଗୁ କରାଯାଇଛି। କଟକରୁ ପାରାଦୀପ ପର୍ଯ୍ୟନ୍ତ ଲୁହାପଥର, କ୍ରୋମିୟମ, କୋଇଲା, ଗ୍ୟାସ୍, ତେଲ ଓ ଭାରୀ ଯନ୍ତ୍ରାଂଶ ପରିବହନ କରୁଥିବା ୧୦ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍, ଟ୍ରେଲର ଓ ଟ୍ୟାଙ୍କର ଗୁଡ଼ିକ ଉପରେ ରାଜ୍ୟ ରାଜପଥ-୧୨ରେ କଟକଣା ଲାଗୁ କରାଯାଇଛି। ସେହିପରି ଜଗତସିଂହପୁର-ଜୟପୁର ରାସ୍ତା ଅଧୀନସ୍ଥ ପୁଲିସ ଷ୍ଟେସନ ଛକ ଠାରୁ ଖୁଣ୍ଟିଆ ଡ୍ରେସ୍ ସୋ' ରୁମ ପର୍ଯ୍ୟନ୍ତ ଏବଂ ପୁଲିସ ଷ୍ଟେସନ ଛକର ବାମ ପାର୍ଶ୍ୱରୁ ଟାଉନ୍ ହଲ୍ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି। ବସ୍ଷ୍ଟାଣ୍ଡରୁ ମେଡିକାଲ ଏବଂ ପୁଲିସ୍ ଷ୍ଟେସନ୍ ଛକରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାର୍କିଂ କଟକଣା ଜାରି କରିଛନ୍ତି। ସେହିପରି ଆଳିପିଙ୍ଗଳ ଠାରେ ଦେବୀ ନଦୀର ହାଇଲେବଲ ବ୍ରିଜ୍ ଉପରେ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ଭାରୀଯାନ ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି। ଅନ୍ୟପକ୍ଷେ ପାରାଦୀପର ଜିରୋ ପଏଣ୍ଟଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାରେ ଭାରୀଯାନ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଏହାକୁ "ନୋ ପାର୍କିଂ" ଜୋନ୍ ଘୋଷଣା କରାଯାଇଛି। ସେହିପରି ଅଏଲ ଟର୍ମିନାଲ ଠାରୁ କାର୍ଗିଲ ଛକ ମଧ୍ୟରେ ପେଟ୍ରୋଲିୟମ୍ ଜାତ ପଦାର୍ଥ ବହନ କରୁଥିବା ଟ୍ୟାଙ୍କର ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି। ତୈଳ ଶୂନ୍ୟ ଅଏଲ ଟ୍ୟାଙ୍କର ଗୁଡ଼ିକ କାର୍ଗିଲ ଛକ ଦେଇ ଚଳାଚଳ କରିବେ ଓ ତୈଳ ପୂର୍ଣ୍ଣ ହେଲା ପରେ ସେଗୁଡ଼ିକ ପିପିଏଲ ଜଙ୍କସନ୍ ଦେଇ ପିପିଏଲ ଛକ ବାଟେ ପ୍ରସ୍ଥାନ କରିବେ। ଏହି ସମସ୍ତ କଟକଣା ଗୁଡ଼ିକ ଜିଲ୍ଲାରେ ସେପ୍ଟେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଅଢ଼େଇ ଲକ୍ଷ ଟଙ୍କାର ହେରୋଇନ ଜବତ

ପାରାଦୀପ,୧୮।୮ (ସମିସ): ପାରାଦୀପ ଅବକାରୀ ରେଞ୍ଜ ଥାନା ପୁଲିସ ଆଜି ଜଣେ ହେରୋଇନ ବ୍ୟବସାୟୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲା ପାରାଦୀପ ଲକ୍ଥାନା ଅଧୀନ ବିଶ୍ୱାଳି ଗ୍ରାମର ସ୍ୱର୍ଗତ ଧନେଶ୍ୱର ଜେନାଙ୍କ ପୁଅ ସର୍ବେଶ୍ୱର ଜେନା (୫୬)। ସେ ବିଶ୍ୱାଳି ଗାଁ ରାସ୍ତାରେ ଉକ୍ତ ହିରୋଇନକୁ ରଖି ବ୍ୟବସାୟ କରୁଥିବା ବେଳେ ଅବକାରୀ ଥାନା ପୁଲିସ ହାବୁଡ଼ରେ ପଡିଥିଲା। ତା' ନିକଟରୁ ୨୫ ଗ୍ରାମର ହିରୋଇନ ଓ ଏକ ମୋବାଇଲ ଫୋନ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କା ହେବ। ତେବେ ଅବକାରୀ ବିଭାଗ ସୁପରିଟେଡେଣ୍ଟଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଟେଡେଣ୍ଟ ଓ ଇନିସ୍ପେକ୍ଟର ଶ୍ରୀକାନ୍ତ ପଟ୍ଟନାୟକ, ସବଇନ୍ସିପେକ୍ଟର ଧର୍ମପଦ ଦାସ ଓ ଏଏସଆଇ ଗୟାଧର ସେଠୀ ଓ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

▸▸ ପୁରୋହିତପୁର ନନ୍ଦମଣିଗଡ଼ାରେ ସେକ୍ସ ରାକେଟ ଠାବ

ଜଣେ ଦେହଜୀବୀଙ୍କ ସମେତ ୭ ଗିରଫ

ଜଗତସିଂହପୁର,୧୮।୮ (ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପୁରୋହିତପୁରର ନନ୍ଦମଣି ଗଡ଼ା ନିକଟରେ ଥିବା ଏକ ଦୁଇ ମହଲା ବିଶିଷ୍ଟ ଭଡ଼ା ଘରେ ସେକ୍ସ ରାକେଟ ଠାବ କରିଛି ପୁଲିସ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସଦର ଥାନା ପୁଲିସ ଉକ୍ତ କୋଠା ଉପରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ପୁଲିସ ସହିତ ଧସ୍ତାଧସ୍ତି ହୋଇଥିଲା। ତେବେ ପୁଲିସ ସେଠାରୁ ଯାଜପୁର ଜିଲ୍ଲାର ଜଣେ ଦେହଜୀବୀ, ୪ ଜଣ ଗ୍ରାହକ ଏବଂ ଏହି ରାକେଟ ଚଳାଇଥିବା ପାଣିସାଳିଆ ଗ୍ରାମର ଦମ୍ପତିଙ୍କୁ ନିଜ ହେପାଜତକୁ ନେଇଥିଲା। ଘଟଣାସ୍ଥଳରୁ ୧୦ଟି ମୋବାଇଲ, ୩୭୫୦ ଟଙ୍କା ଏବଂ ବହୁ ଆପତ୍ତିଜନକ ଦ୍ରବ୍ୟ ଜବତ ହୋଇଥିବା ପୁଲିସ ସୂଚନା ଦେଇଛି। ଦୀର୍ଘ ଦିନ ହେବ ଏହି ଘରେ ସେକ୍ସ ରାକେଟ ଚାଲିଥିବା ଅଭିଯୋଗ ମିଳିବା ପରେ ପୂର୍ବରୁ ଏକାଧିକ ବାର ଏଠାରେ ପୁଲିସ ଚଢ଼ଉ କରିଥିଲା। ସୋମବାର ସନ୍ଧ୍ୟାରେ ପୁଲିସ ସତର୍କତାର ସହିତ ଚଢ଼ଉ କରି ସଫଳତା ପାଇଥିଲା।

ସ୍ୱାଧୀନତା ଦିବସରେ ଛତା ବଣ୍ଟନ

ପାରାଦୀପ,୧୮।୮ (ସମିସ): ସ୍ୱାଧନତା ଦିବସ ଅବସରରେ ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ବୃଦ୍ଧ ବାପାମା'ଙ୍କୁ ଛତା ବଣ୍ଟନ କରାଯାଇଛି। ଖରା ବର୍ଷାକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଛତା ବଣ୍ଟନ କରାଯାଇଥିଲା। ଏଥିରେ ବିଜୟଚାନ୍ଦପୁର, ମୂଷାଡିଆ, ଭିମାନାସି, ଜଗନ୍ନାଥ କଲୋନୀ, ଶୁକୁଆଖଲା, ଲକପଡା, ବିଜୟନଗର ଅଞ୍ଚଳରୁ ୩୦୦ରୁ ଉର୍ଦ୍ଧ୍ୱ ବୃଦ୍ଧ, ବୃଦ୍ଧାଙ୍କୁ ଛତା ସହ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ନୁଆଗଡ଼ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ମାହାନ୍ତି, ସମ୍ମାନିତ ଅତିଥି ଭାବେ ପାରାଦୀପ ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ସୁମନ ଭଉଣୀ, ବିଜୟଚାନ୍ଦପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଜୟ କୁମାର ସାହୁ, ରମାକାନ୍ତ ପରିଜା, ସମାଜସେବୀ ପରେସ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ନାଗରିକ, ଶିକ୍ଷାବିତଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ କ୍ଲବର ସଭାପତି ଜଗନ୍ନାଥ ହଲଦାରଙ୍କ ସମେତ ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।

ଜରାଶ୍ରମରେ ସାମାଜିକ କର୍ମୀଙ୍କ ସ୍ମୃତିସଭା

ଜଗତସିଂହପୁର,୧୮।୮ (ସମିସ): ଜଗତସିଂହପୁର ସହରର ପାଣିଶାଳିଆ ଅଞ୍ଚଳର ରାଷ୍ଟ୍ରପତି ପୁରସ୍କୃତା, ସୁସାହିତ୍ୟିକା ସୌଭାଗିନୀ ରାୟଙ୍କ ପତି ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କ ଶ୍ରାଦ୍ଧ ଉତ୍ସବ ଆଇନଜୀବୀ ମଞ୍ଜୁଲତା ରାଉତଙ୍କ ତତ୍ତ୍ୱାବଧାନରେ ରଜନୀଦେବୀ ଜରାଶ୍ରମ ଦୁଆଡିଆରେ ପାଳିତ ହୋଇଯାଇଛି। ଡାକ୍ତର ବନୋଜ ରାୟ ତାଡିଶାରୁ ମିଶନ ପକ୍ଷରୁ ଭାଗବତ ପାଠର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜରାଶ୍ରମର ଅନ୍ତେବାସୀଙ୍କ ଉପସ୍ଥିତିରେ ଏକ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ସୁଶ୍ରୀ ଶୁଭଶ୍ରୀ ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ, ସମାଜସେବୀ ନିତ୍ୟାନନ୍ଦ ମହାନ୍ତି, ସାହିତ୍ୟିକା ଗୀତା ଦାସ, ଶିଳନ୍ଦୀ-ଖଦୋଳ ରଜ ମହୋତ୍ସବ କମିଟି ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ଏରସମା ଆଞ୍ଚଳିକ ପୂଜ୍ୟପୂଜା ଅଧକ୍ଷ ଯଯାତି କେଶରୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମସ୍ତ କାର୍ଯ୍ୟକୁ ଆଶ୍ରମ ମୁଖ୍ୟ ଉପଦେଷ୍ଟା ଇଂ. ପଦ୍ମନାଭ ରାଉତ ପରିଚାଳନା କରିଥିବା ବେଳେ ସ୍ୱର୍ଗତ ପାତ୍ରଙ୍କର କନିଷ୍ଠ ପୁତ୍ର ସନ୍ଦୀପ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

ବରିଷ୍ଠ ବିଜେଡି ନେତା ଉଲ୍ଲାସ ବିଶ୍ୱାଳଙ୍କ ଦେହାନ୍ତ

ପାରାଦୀପ,୧୮।୮ (ସମିସ): ପାରାଦୀପ ନଗର ବିଜେଡିର ବରିଷ୍ଠ ବିଜେଡି ନେତା ଉଲ୍ଲାସ ଚନ୍ଦ୍ର ବିଶ୍ୱାଳଙ୍କର ୫୮ ବର୍ଷ ବୟସରେ ଦେହାନ୍ତ ଘଟିଛି। ଗତ ଶୁକ୍ରବାର ରାତି ୨.୨୦ମିନିଟ ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ଦେଢ଼ ବର୍ଷ ଧରି ସେ ଅସ୍ଥି କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ପରଲୋକରେ ବନ୍ଦର ସହର ପାରାଦୀପ ସମେତ କୁଜଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ପାରାଦୀପ ନଗର ବିଜୁ ଜନତା ଦଳର ଜଣେ ଆଗ ଧାଡିର ସକ୍ରିୟ କର୍ମୀ ଥିଲେ। ତାଙ୍କ ପ୍ରଚେଷ୍ଟାରେ ପାରାଦୀପ ନଗର ବିଜେଡି ଏକ ଶକ୍ତିଶାଳୀ ଓ ସଙ୍ଗଠିତ ଥିଲା। ସେ ଦାମ ବାବୁ ମନ୍ତ୍ରୀ ଥିବା ବେଳେ ତାଙ୍କର ନଗର ପ୍ରତିନିଧି ଥିଲେ। ତା ସହିତ ପାରାଦୀପ ନଗର ଉପସଭାପତି ଓ ତାଙ୍କର ସହଧର୍ମିଣୀ ପୌର ପରିଷଦର କାଉନସିଲର ମଧ ଥିଲେ। ତାଙ୍କ ମରଶରୀରକୁ ପାରାଦୀପ ସ୍ଥିତ ବାସଭବନକୁ ଅଣାଯାଇଥିଲା।

ସେଠାରେ ତାଙ୍କ ପରିବାର, ବନ୍ଧୁ ଓ ଆତ୍ମୀୟ ସ୍ୱଜନମାନେ ଶେଷ ଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତା' ପରେ ସ୍ଥାନୀୟ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ନିଆଯାଇଥିଲା। ସେଠାରେ ନଗର ବିଜେଡିର ବହୁ ନେତା, କର୍ମୀ ଓ ଦଳୀୟ ଲୋକମାନେ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାପରେ ତାଙ୍କ ମରଶରୀରକୁ ତାଙ୍କ ନିଜ ଗାଁ ମାଛଗାଁ ଅନ୍ତର୍ଗତ ତାହାଣୀଖିଆରେ ବନ୍ଧୁ ପରିବାର ଗହଣରେ ଶେଷକୃତ୍ୟ କରାଯାଇଥିଲା।

ପାରାଦୀପ ଗଡ ଗ୍ରାମପଞ୍ଚାୟତରେ ସମ୍ବର୍ଦ୍ଧନା ସଭା

ପାରାଦୀପ,୧୮।୮ (ସମିସ): ପାରାଦୀପ ଗଡ ଗ୍ରାମପଞ୍ଚାୟତ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଶତାଧିକ ଲୋକ ଜାତୀୟ ପତାକା ଧରି ଗ୍ରାମ ପରିକ୍ରମା କରିବା ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସରପଞ୍ଚଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ୱତନ୍ତ୍ର ସଭାରେ ମୁଖ୍ୟଅତିଥି ଭାବେ ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ କୁଜଙ୍ଗ ଓକିଲ ସଂଘ ସଭାପତି ସଞ୍ଜୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଏମ୍ବିକେ କଳ୍ପନା ମହାପାତ୍ର, ଜନ କଲ୍ୟାଣ ମହିଳା ସମିତି ସମ୍ପାଦିକା ଲକ୍ଷ୍ମୀପ୍ରିୟା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ ପାଇଁ ସୁନାମ ଆଣିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଫିନାଇଲି ଓ ଧୂପକାଠି ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇଥିବା ତ୍ରିନାଥ ସ୍ୱୟଂ ସହାୟକ ଗୋଷ୍ଠୀ, ରଂଗିଆଗଡରେ ଗ୍ରାମାଞ୍ଚଳ ରେ ସୁଲଭ ମୂଲ୍ୟରେ ଲୁଗା ଓ ପ୍ରସାଧନ ସାମଗ୍ରୀ ବିକ୍ରୟ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ମହିଳା ମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେଇଥିବା "ସଂକଟ ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ' ପାରାଦୀପ ଗଡକୁ ପ୍ରମାଣ ପତ୍ର, ଟ୍ରଫି ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ବୋଇତ ବନ୍ଦାଣ ଉତ୍ସବରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପାରାଦୀପ ଗଡର ଶିବଶକ୍ତି ୟୁଥ୍ କ୍ଲବ୍, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଗତସାହି ବୋଇତ ବନ୍ଦାଣ କମିଟି ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବ୍ୟାସଦେବଜୀଉ ୟୁଥ୍ କ୍ଲବ୍କୁ ପ୍ରମାଣପତ୍ର ଓ ଟ୍ରଫି ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ଶିଶୁ କଳାକାର ଆଶୁତୋଷ ମହାରଥା ଓ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ଟ୍ରଫି ସହିତ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। ଦେବ ଦୁଲଭ କର ପୁରସ୍କାର ବିତରଣ ଉତ୍ସବକୁ ସଞ୍ଚାଳନ କରିଥିଲେ। ଚନ୍ଦ୍ରଶେଖର ଚୌଧୁରୀ, ବିଚିତ୍ର ପ୍ରଧାନ, ଅଲେଖ ମହାରଥା, ରମେଶ ଚନ୍ଦ୍ର ବେହେରା, ରଞ୍ଜନ ସାମଲ, ରବିନ୍ଦ୍ର ସାହୁ, ସନାତନ ମାଝୀ, ପ୍ରଭାତ ସାହୁ, ପ୍ରକାଶ ମଙ୍ଗରାଜ (ପପୁ), ପ୍ରକାଶ ସ୍ୱାଇଁ, ସଂଗ୍ରାମ ବେହେରା ପ୍ରମୁଖ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

▸▸ ଅଖିଳ ଭାରତୀୟ ସାହିତ୍ୟ ପରିଷଦ

ମା' ସାରଳା ଶାଖାର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି

ଜଗତସିଂହପୁର,୧୮।୮ (ସମିସ): ଜଗତସିଂହପୁର ସହରର ଚର୍ଚ୍ଚିକା ବଜାରରେ ଥିବା ମା' ଚର୍ଚ୍ଚିକା ମନ୍ଦିର ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମା' ସାରଳା ଶାଖାର ତୃତୀୟ ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ପରିଷଦର ଓଡ଼ିଶା ଶାଖା ସଭାପତି ଡ. ଅଭୟ କୁମାର ନାୟକ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ଆସନ୍ତା ସେପ୍ଟେମ୍ବର ୧୯ ତାରିଖରେ ତୃତୀୟ ବାର୍ଷିକ ଉତ୍ସବ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭିକ ସୂଚନା ଉପସଭାପତି ବିଜୟ ପତି ଏବଂ ସ୍ୱାଗତ ଭାଷଣ ଉପସଭାପତି ଡ. ବିଜୟ କୁମାର ବିଶ୍ୱାଳ ଦେଇଥିଲେ। ପୂର୍ବ ସଭାର ବିବରଣୀ ପ୍ରଦାନ କରିଥିଲେ ସମ୍ପାଦକ ପଣ୍ଡିତ ଡ. ରବୀନ୍ଦ୍ର ନାଥ ମିଶ୍ର। ସଭାପତି ଆଲୋଚନା ଆରମ୍ଭ କରି ସମବେତ ସଦସ୍ୟଗଣଙ୍କୁ ଅତିବଡୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ପରିଷଦର ଆଗାମୀ ବାର୍ଷିକ ଉତ୍ସବକୁ କିପରି ସଫଳ କରାଯିବ ତାର ମତାମତ ଦେବାକୁ ନିବେଦନ କରିଥିଲେ। ବରିଷ୍ଠ ସଦସ୍ୟ କବି ଉମାକାନ୍ତ ନାୟକ, ଅଧ୍ୟାପକ ଭଗବାନ ଦାଶ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଅରୁଣ କୁମାର ମହାରଣା ପ୍ରମୁଖ ସୁଚିନ୍ତିତ ମତାମତ ଦେଇଥିଲେ। ରାଜ୍ୟ ସଭାପତି ସବିଶେଷ ଆଲୋଚନା କରିଥିଲେ। ସଭା ପୂର୍ବରୁ ଅତିବଡ଼ୀ ଓ ଭାଗବତ ଶୀର୍ଷକ ପ୍ରବନ୍ଧ ପାଠ ସହ କବିତା ପାଠ ରଖାଯିବାକୁ ସ୍ଥିର କରାଗଲା। ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସହ ସଂପାଦକ ସବ୍ୟସାଚୀ ତ୍ରିପାଠୀ କେନ୍ଦ୍ରୀୟ ମହୋତ୍ସବର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ବିଜୟ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

ପାରାଦୀପ ପୋର୍ଟ ଡିଏଭିରେ ସ୍ୱାଧୀନତା ଦିବସ

ପାରାଦୀପ,୧୮।୮ (ସମିସ): ଡିଏଭି ପବ୍ଲିକ୍ ସ୍କୁଲ୍ ପାରାଦୀପ ପୋର୍ଟ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଗୀତାଞ୍ଜଳି ହୋତାଙ୍କ ସଭପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ପାରାଦୀପ ଉପମୁଖ୍ୟ ଆଇନ ଅଧିକାରୀ ଶ୍ରଦ୍ଧା ଓଝା ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିତୁଠର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାମଲ, ନୂଆ ଭାରତର ସ୍ରଷ୍ଟା ରୂପରେ ପ୍ରତିନିଧିତ୍ୱ କରିଥିଲେ। ପତାକା ଉତ୍ତୋଳନ ପରେ ହାଉସ୍ ଲିଡର୍ସ ଏବଂ ବିଭିନ୍ନ ହାଉସର ଛାତ୍ରମାନଙ୍କ ଦ୍ୱାରା ପରେଡ୍ ହୋଇଥିଲା। ଦେଶଭକ୍ତିରେ ପରିପୂର୍ଣ୍ଣ ଏକ ସଂଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଗାନ କରାଯାଇଥିଲା। ଛାତ୍ରଛାତ୍ରୀ ଗୋପବନ୍ଧୁ ଷ୍ଟାଡିୟମକୁ ଯାଇ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁଷ୍ଠିତ ପରେଡ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପରେଡ୍ ଏବଂ ହାଉସ୍ ବୋର୍ଡ ସାଜସଜ୍ଜା ବିଜେତାମାନଙ୍କ ସହିତ ବିଭିନ୍ନ ସିସିଏ ଇଭେଣ୍ଟଗୁଡ଼ିକର ବିଜେତାମାନଙ୍କୁ ପ୍ରମାଣପତ୍ର ଏବଂ ସ୍ମୃତିଚାରଣ ସହିତ ସମ୍ମାନିତ କରାଯାଇଥିଲା।

ଜେଲ ପରିସରରେ ନିଶାମୁକ୍ତି ପ୍ରତିଜ୍ଞା ଅଭିଯାନ

ଜଗତସିଂହପୁର,୧୮।୮ (ସମିସ): ଜଗତସିଂହପୁର ସହର ଉପକଣ୍ଠସ୍ଥ ଆଳିପିଙ୍ଗଳ କାରାଗାର ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜଗତସିଂହପୁର ଶାଖା ତରଫରୁ ୧୦ କୋଟି ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସହକାରୀ ଜେଲର ସୁଶ୍ରୀ ମନସ୍ୱିନୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ ସାଗରିକା, ବରିଷ୍ଠ ଭ୍ରାତା ବ୍ରହ୍ମା କୁମାର ମିହିର, ବ୍ରହ୍ମା କୁମାରୀ ସୁଷମା ଆଧ୍ୟାତ୍ମିକ ଶିକ୍ଷାନୁଷ୍ଠାନ ଢାଞ୍ଚାରେ ନିଆରାଶୈଳୀରେ ସଚେତନ କରାଇଥିଲେ। ସମସ୍ତଙ୍କୁ ରାକ୍ଷୀ ବାନ୍ଧିଥିଲେ। ଉପସ୍ଥିତ ୧୯୮ କଏଦୀ ଭଉଣୀ ଭାଇ ମାନଙ୍କ ସମେତ ସମୁଦାୟ ୨୦୧ ଜଣ ନିଶାମୁକ୍ତି ପ୍ରତିଜ୍ଞା କରିଥିଲେ। ଏଥିରେ ବ୍ରହ୍ମାକୁମାର ରଥ, ବ୍ରହ୍ମାକୁମାରୀ କବିତା, ବ୍ରହ୍ମାକୁମାରୀ ସତ୍ୟବତୀ, ବ୍ରହ୍ମାକୁମାରୀ ନଳିନୀ, ବ୍ରହ୍ମାକୁମାରୀ ନିର୍ମଳା ସହଯୋଗ କରିଥିଲେ।

ସ୍ୱାଧୀନତା ଦିବସ ଉପଲକ୍ଷେ ଚାରାବଣ୍ଟନ

ଜଗତସିଂହପୁର,୧୮।୮ (ସମିସ): ସ୍ୱାଧୀନତା ଦିବସ ଉପଲକ୍ଷେ ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ବାର୍ତ୍ତା ନେଇ ଜଗତସିଂହପୁର ଜିଲ୍ଲା ମିଳିତ ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ଏକ ଅଭିନବ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଗତସିଂହପୁର ଜିଲ୍ଲା ବସ୍ଷ୍ଟାଣ୍ଡ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ସାମାଜିକ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଏକତ୍ରିତ ହୋଇ ସ୍ଥାନୀୟ ଲୋକମାନଙ୍କୁ ବିଭିନ୍ନ ପ୍ରକାରର ଚାରା ବଣ୍ଟନ କରିଥିଲେ। ଚାରାଗୁଡ଼ିକୁ ନିଜ ଘର ବାଡ଼ି ଓ ଉପଯୁକ୍ତ ସ୍ଥାନରେ ରୋପଣ କରି ତାହାର ଯତ୍ନ ନେବାକୁ ଲୋକମାନଙ୍କୁ ଅନୁରୋଧ କରାଯାଇଥିଲା। ଏହି ମହତ୍ କାର୍ଯ୍ୟକ୍ରମରେ ଜଗନ୍ନାଥ ସେବା ସଂଘ, ବାଲିକୁଦା; ମା' ସାରଳା ସେବା ସଂଗଠନ, ନାଉଗାଁ; ସେବା ଫାଉଣ୍ଡେସନ ବାଲିକୁଦା; ନିଃସ୍ୱାର୍ଥ ସେବା ସଂଗଠନ ଚାରିଟେବୁଲ୍ ଟ୍ରଷ୍ଟ, ଜଗତସିଂହପୁର; ସରଳାଦେବୀ ସୋସିଆଲ୍ ଅର୍ଗାନାଇଜେସନ୍, ତିର୍ତ୍ତୋଲ ସମେତ ଜିଲ୍ଲାର ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ।

ଜଗନ୍ନାଥ ବେହେରା ଜୟନ୍ତୀ କମିଟି ଗଠିତ

ତିର୍ତ୍ତୋଲ,୧୮।୮ (ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଇଚ୍ଛିଂ ସ୍ଥିତ ଉତ୍ତରେଶ୍ୱରୀ ମନ୍ଦିର ପରିସରରେ ବାଲିଘର ଫାଉଣ୍ଡେସନ ଓ ଶାରଳା ପାଲା କଳାକାର ପରିଷଦ ଜଗତସିଂହପୁର ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ଜଗନ୍ନାଥ ବେହେରା ଜୟନ୍ତୀ କମିଟି ଗଠିତ ହୋଇଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଗାୟକ ବାଗ୍ମୀ ନାରାୟଣ ମହାରଣା, ଉପସଭାପତି ପ୍ରବୋଧ କୁମାର ରଥ, ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ସହସମ୍ପାଦିକା ଗୀତାରାଣୀ ସାହୁ, ସହସମ୍ପାଦକ ବଂଶୀଧର ବେହେରା, ସଂଗଠନ ସମ୍ପାଦକ ବିଜୟ ଖଟେଇ, ଉପଦେଷ୍ଟା ଭାବେ ପ୍ରଭାତ ରଥଶର୍ମା, ଗଣେଶ ମହାନ୍ତି, କବି ବସନ୍ତ ବାରିକ, ଗାୟକ ରବି ନାରାୟଣ ତ୍ରିପାଠୀ, ହୃଷୀକେଶ ଜେନା, ଚନ୍ଦନ ଦାସ ମନୋନୀତ ହୋଇଥିଲେ। ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ଏହି କମିଟି କାର୍ଯ୍ୟ କରିବ ବୋଲି ସୂଚନା ରହିଛି।

କୁକୁଡ଼ା ଫାର୍ମ ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

୪ ବର୍ଷର ଝିଅକୁ ଧରି ପତ୍ନୀଙ୍କ ଧାରଣା

ବାଲିକୁଦା,୧୮।୮ (ସମିସ)

ଗୌରାଙ୍ଗ ଚରଣ ଦାସଙ୍କ ମୃତ୍ୟୁକୁ ୮ ଦିନ ବିତିଥିଲେ ମଧ୍ୟ ପରିବାର ନ୍ୟାୟ ପାଇଁ ଅପେକ୍ଷାରେ ରହିଛି। ହତ୍ୟା ଅଭିଯୋଗରେ ନାମ ଥିବା ୩ ଜଣଙ୍କ ବିରୋଧରେ ଏପର୍ଯ୍ୟନ୍ତ ଦୃଶ୍ୟମାନ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଅଭିଯୋଗ କରି ମୃତ ଗୌରାଙ୍ଗଙ୍କ ବିଧବା ପତ୍ନୀ ସ୍ୱର୍ଣ୍ଣପ୍ରଭା ବାଗ ତାଙ୍କ ୪ ବର୍ଷର ଝିଅକୁ କୋଳରେ ଧରି ବାଲିକୁଦା ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ବାଲିକୁଦା ଥାନା ଅନ୍ତର୍ଗତ ବାହାରଣା ପଞ୍ଚାୟତ ଓଲାଶ ଗ୍ରାମର ଗୌରାଙ୍ଗ ଚରଣ ଦାସଙ୍କ ମୃତଦେହ ଗତ ସପ୍ତାହରେ କଟିଜଙ୍ଗା ଗ୍ରାମ ନିକଟସ୍ଥ ଏକ କୁକୁଡ଼ା ଫାର୍ମ ନିକଟରେ ଥିବା ଚାକୁଣ୍ଡା ଗଛରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ଘଟଣା ପରେ ପରିବାର ପକ୍ଷରୁ ଏହା ଆତ୍ମହତ୍ୟା ନୁହେଁ, ବରଂ ଗୌରାଙ୍ଗଙ୍କୁ ହତ୍ୟା କରି ଝୁଲାଇ ଦିଆଯାଇଥିବା ସନ୍ଦେହ ପ୍ରକାଶ କରାଯାଇଥିଲା। ମୃତକଙ୍କ ପତ୍ନୀଙ୍କ ଅଭିଯୋଗ ଆଧାରରେ ବାଲିକୁଦା ଥାନାରେ କେସ୍ ନମ୍ବର ୨୯୩/୨୬ରେ ହତ୍ୟା ମାମଲା ରୁଜୁ ହୋଇଛି। ଗୌରାଙ୍ଗ ତାଙ୍କ ଶ୍ୱଶୁର ଘର ଗ୍ରାମ ଅଳିହାର କିଛି ବ୍ୟକ୍ତିଙ୍କଠାରୁ ଟଙ୍କା ଉଧାର ନେଇଥିବା ଏବଂ ଟଙ୍କା ଫେରସ୍ତକୁ ନେଇ ତାଙ୍କୁ ଧମକ ଦିଆଯାଇଥିବା ପତ୍ନୀ ଅଭିଯୋଗରେ ଦର୍ଶାଇଥିବା ଜଣାପଡ଼ିଛି। ଏହି ଆଧାରରେ ୩ ଜଣଙ୍କ ବିରୋଧରେ ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ତେବେ ଘଟଣାର ୮ ଦିନ ପରେ ମଧ୍ୟ ସମ୍ପୃକ୍ତ ୩ ଜଣଙ୍କ ବିରୋଧରେ ଗିରଫ କିମ୍ବା ଅନ୍ୟ କୌଣସି ଦୃଶ୍ୟମାନ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଅଭିଯୋଗ କରି ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ନ୍ୟାୟ ଦାବିରେ ଗୌରାଙ୍ଗଙ୍କ ପତ୍ନୀ ଧାରଣାରେ ବସିଥିବା ବେଳେ ଓଲାଶ ଗ୍ରାମର ଶତାଧିକ ମହିଳା ଓ ପୁରୁଷଙ୍କ ସମେତ ବାଲିକୁଦାର ବୁଦ୍ଧିଜୀବୀମାନେ ଧାରଣାକୁ ସମର୍ଥନ କରିଛନ୍ତି। ଏନେଇ ଗ୍ରାମବାସୀଙ୍କ ମିଳିତ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ବାଲିକୁଦା ଥାନା ଅଧିକାରୀଙ୍କୁ ଅତିରିକ୍ତ ଥାନା ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ଏନେଇ ଏସଡିପିଓ ଦିବ୍ୟ ରଞ୍ଜନ ନାଥ କହିଛନ୍ତି ଯେ ଆମେ ପୂର୍ବରୁ ମଧ୍ୟ ପରିବାରକୁ ବୁଝେଇ ଥିଲୁ। ହତ୍ୟା ଅଭିଯୋଗ ହୋଇଥିବା ୩ ବ୍ୟକ୍ତିଙ୍କ ସମ୍ପର୍କରେ ଏ ପର୍ଯ୍ୟନ୍ତ ତଦନ୍ତ ଆଧାରରେ କୌଣସି ପ୍ରମାଣ ମିଳୁ ନାହିଁ। ତେଣୁ ଆମେ କେବଳ ପୋଷ୍ଟମଟମ ରିପୋର୍ଟକୁ ଅପେକ୍ଷା କରିଛୁ।

ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଓ କାଣୀ ନଦୀରେ ପୁଣି ବନ୍ୟା

୬ ବ୍ଲକ୍‌ର ୧୫୧ ଗାଁ ଜଳବନ୍ଦୀ, ୧୧୨ ରାସ୍ତା ଜଳମଗ୍ନ

କେନ୍ଦ୍ରାପଡ଼ା,୧୮।୮(ସମିସ): ବନ୍ୟାରେ ଉବୁଟୁବୁ କେନ୍ଦ୍ରାପଡ଼ା। ଗୋଟିଏ ପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ତଥ୍ୟ ଦିଆଯାଉଛି, ଅନ୍ୟପଟେ ମାଟିରେ ଚିତ୍ର ଦେଖାଉଛି ବନ୍ୟାର ଗମ୍ଭୀରତା। ହଜାର ହଜାର ପରିବାର ଜଳବନ୍ଦୀ, ରାସ୍ତାଘାଟ ଜଳମଗ୍ନ ଓ ଚାଷଜମିରେ ପାଣି ଲହଡ଼ି ଖେଳୁଥିବାବେଳେ ଆଗକୁ କ୍ଷୟକ୍ଷତି ଆଶଙ୍କା ବଢୁଛି। ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ, ବର୍ତ୍ତମାନ ୬ଟି ବ୍ଲକର ୬୬ଟି ପଞ୍ଚାୟତର ୧୫୧ଟି ଗ୍ରାମ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ବନ୍ୟା ପ୍ରଭାବିତ ହୋଇଛି। ୨ ଲକ୍ଷ ୨୩ ହଜାର ୫୧୯ ଜଣ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତଙ୍କୁ ସୁରକ୍ଷିତ ସ୍ଥାନକୁ ନେବାକୁ ୧୮ଟି ଆଶ୍ରୟ କେନ୍ଦ୍ର ଖୋଲାଯାଇଛି। ଏପର୍ଯ୍ୟନ୍ତ ସେଠାରେ ୩,୩୫୦ ଜଣଙ୍କୁ ରଖାଯାଇଥିବାବେଳେ ମଙ୍ଗଳବାର ୭ଟି କେନ୍ଦ୍ରରେ ୧,୨୩୫ ଜଣ ରହିଥିବା ପ୍ରଶାସନ କହିଛି। ତେବେ ଏତେ

ସଂଖ୍ୟକ ଲୋକ ପ୍ରଭାବିତ ହୋଇଥିବା ସତ୍ତ୍ୱେ ରିଲିଫ୍ କେନ୍ଦ୍ରରେ ଥିବା ଲୋକଙ୍କ ସଂଖ୍ୟା ତୁଳନାରେ ଜଳବନ୍ଦୀ ଅଞ୍ଚଳରେ ରହିଯାଇଥିବା ପରିବାରଙ୍କ ସୁରକ୍ଷା ଏବେ ବଡ଼ ପ୍ରଶ୍ନ। ବନ୍ୟା ପ୍ରଭାବିତଙ୍କ ପାଇଁ ୧୨ଟି ମାଗଣା ରୋଷେଇ କେନ୍ଦ୍ର ଖୋଲାଯାଇଥିବାବେଳେ ବର୍ତ୍ତମାନ ୬ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏପର୍ଯ୍ୟନ୍ତ ୩,୩୦୦ ଜଣଙ୍କୁ ଏହି ବ୍ୟବସ୍ଥାରୁ ସହାୟତା ମିଳିଥିବା କୁହାଯାଇଛି। ମଙ୍ଗଳବାର ୧୨୨ କ୍ୱିଣ୍ଟାଲ ଚାଉଳ ଓ ୧୫.୨ କ୍ୱିଣ୍ଟାଲ ଚୁଡ଼ା ବଣ୍ଟନ କରାଯାଇଛି। ତଥାପି ଜଳବନ୍ଦୀ ଅଞ୍ଚଳର ଶେଷ ଲୋକଟିଏ ପାଖରେ ରିଲିଫ୍ ପହଞ୍ଚିଛି କି ନାହିଁ, ସେନେଇ ନଜର ରହିବା ଜରୁରୀ। ପ୍ରାୟ ୧୪,୨୬୮ ହେକ୍ଟର ଫସଲ ବନ୍ୟାରେ ପ୍ରଭାବିତ ହୋଇଛି। ପାଣି ହ୍ରାସ ପରେ ବାସ୍ତବ କ୍ଷୟକ୍ଷତି ଆକଳନ କରାଯିବ ବୋଲି ପ୍ରଶାସନ କହିଛି। ୧୧୨ଟି ରାସ୍ତା ଜଳମଗ୍ନ ହୋଇ ଯାତାୟାତ ବିଚ୍ଛିନ୍ନ ହୋଇଛି। ଉଦ୍ଧାର ପାଇଁ ୬ଟି ଏସଆରସି

୧୪ ହଜାରରୁ ଅଧିକ ହେକ୍ଟର ଫସଲ ପ୍ରଭାବିତ

ପାୱାର ବୋଟ୍, ୧୧୭ଟି ଦେଶୀ ଡଙ୍ଗା ଓ ୧୦ଟି ଯାନ୍ତ୍ରିକ ଡଙ୍ଗା ନିୟୋଜିତ ହୋଇଛି। ସ୍ୱାସ୍ଥ୍ୟସେବା ପାଇଁ ୧୬ଟି ମେଡିକାଲ ଟିମ୍ ଓ ପଶୁସମ୍ପଦ ପାଇଁ ୫ଟି ପଶୁ ଚିକିତ୍ସା ଟିମ୍ ନିୟୋଜିତ ଥିବା ପ୍ରଶାସନ ସୂଚନା ଦେଇଛି। ଆଜି ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ ଓ ଉପଜିଲ୍ଲାପାଳ ଅରୁଣ ନାୟକ ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖିଥିବା ଜଣାପଡ଼ିଛି।

ଦୁର୍ବଳ ନଦୀବନ୍ଧରେ ଘାଇ ଆଶଙ୍କା

ପଟ୍ଟାମୁଣ୍ଡାଇ,୧୮।୮(ସମିସ): ବ୍ରାହ୍ମଣୀ ଓ କାଣୀ ନଦୀରେ ପୁଣି ବନ୍ୟା ଆସିଛି। ବନ୍ୟା ପାଣି ବଢୁଥିବାରୁ ଦୁର୍ବଳ ନଦୀ ବନ୍ଧରେ ଘାଇ ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି। କୁମ୍ଭୀର ଆତଙ୍କ ସାଙ୍ଗକୁ ଘାଇ ହେବା ଆଶଙ୍କା ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ଅଳଭାଠାରେ ବନ୍ୟା ଜଳ ବିପଦ ସଂକେତ ତଳେ ପ୍ରବାହିତ ହେଉଛି। ଫଳରେ ସିଂହଗାଁ, ଶ୍ରୀରାମପୁର, ଡାମରପୁର, ବାଛରା, ବାଲିପାଟଣା, ତନୁପୁର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଶୀତଳ ଅଗ୍ରୱାଲ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ ରାଉତ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ବନ୍ୟା ବିପନ୍ନ ଶ୍ରୀରାମପୁର ଡାମରପୁର ଓ ବଳଭଦ୍ରପୁର ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ମେଡିକାଲ ଅଫିସର ଡା ନିରାକାର ପରିଡାଙ୍କ ନେତୃତ୍ୱରେ ନୃସିଂହ ଦାସ ସଞ୍ଜୟ ଚାନ୍ଦ ପ୍ରମୁଖ ବନ୍ୟାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ଓ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ବନ୍ୟାବିପନ୍ନ ବିଭିନ୍ନ ୱାର୍ଡ ପରିଦର୍ଶନ କରିଛନ୍ତି। ଏଥିସହ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇସିସି ବନ୍ଦନା ପାତ୍ର ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ ହଜାରରୁ ଅଧିକ

- ସିଂହଗାଁ, ଶ୍ରୀରାମପୁର, ଡାମରପୁର, ବାଛରା, ବାଲିପାଟଣା, ତନୁପୁର ବାହ୍ୟଜଗତରୁ ବିଚ୍ଛିନ୍ନ
- ବନ୍ୟାଞ୍ଚଳରେ ବ୍ଲକ ଓ ପୌର ଅଧ୍ୟକ୍ଷ, ବିଡିଓ, ଇଓ, ଡାକ୍ତରୀ ଟିମ୍

ଲୋକ ଓ ୧୫ ହଜାର ଗୃହପାଳିତ ପଶୁ ଜଳବନ୍ଦୀ ହୋଇପଡିଛନ୍ତି। ଦାଣ୍ଡିସାହି ହାଇସ୍କୁଲ ଓ କଲେଜ ସମ୍ମୁଖ ରାସ୍ତାରେ ବନ୍ୟା ସୁଅ ଛୁଟିଛି। ସମ୍ପ୍ରତି ବନ୍ୟା ବିପନ୍ନ ବିଭିନ୍ନ ଅଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଅଞ୍ଚଳ ଓ ଚାଷଜମି ଜଳମଗ୍ନ ହୋଇପଡିଛି। ଚାଷଜମି ବୁଡି ରହିଥିବାରୁ ପନିପରିବା ସମେତ ବିଭିନ୍ନ ଫସଲହାନୀ ଘଟିଛି। ଏଥିସହ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବହୁ ସ୍କୁଲ ପାଣି ଘେରରେ ଥିବାରୁ ଶିକ୍ଷାଦାନ ଠପ୍ ହୋଇଯାଇଛି। ବନ୍ୟା ସ୍ଥିତି ଗମ୍ଭୀର ହୋଇ ଥିବାରୁ ଦୁର୍ବଳ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇ ଘାଇ ସୃଷ୍ଟି ହେବା ଆଶଙ୍କା ଥିବାରୁ ଲୋକମାନେ ଦିବାରାତ୍ର ସଜାଗ ହୋଇ ରହିଛନ୍ତି। ବନ୍ୟା ଯୋଗୁଁ ପରିବେଶ ଦୂଷିତ ହୋଇ ଚାରିଆଡେ ଝାଡ଼ାବାନ୍ତି, ଥଣ୍ଡା, ଜ୍ୱର ଲାଗି ରହିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଳଭାଠାରେ ବନ୍ୟା ଜଳ ୨୦ ଫୁଟ ରହିଛି। ସରକାରୀ ଭାବେ ବିପଦ ସଂକେତ ୧୬ ଫୁଟ ରହିଛି।

ବିପନ୍ନଙ୍କୁ ରିଲିଫ ପାଇଁ ବିଧାୟକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ରାଜନଗର, ୧୮।୮(ସମିସ): ରାଜନଗର ନିର୍ବାଚନମଣ୍ଡଳୀର ଏକ ଲକ୍ଷରୁ ଅଧିକ ଲୋକ ବନ୍ୟା ପାଣି ଘେରରେ ଭୋକ ଉପାସରେ ଅଛନ୍ତି। ଜୁଲାଇ ୩୦ରୁ ଅଗଷ୍ଟ ୩ ତାରିଖ ୫ ଦିନ ବନ୍ୟା ପାଣି ଘେରରେ ରହିଥିବାବେଳେ ଏବେ ୪ ଦିନ ହେଲା ବନ୍ୟା ପାଣି ଘେରରେ ରହିଛନ୍ତି। ବନ୍ୟା ପୀଡିତ ଦୁର୍ଦ୍ଦଶାରୁ ବାହାରିବା ପୂର୍ବରୁ ଜଳସ୍ତର ପୁଣି ଥରେ ବୃଦ୍ଧି ପାଇଛି। ଯାହା ସେମାନଙ୍କ ଦୁଃଖକୁ ବହୁଗୁଣିତ କରିଛି। ବିପନ୍ନଙ୍କୁ ଅତି କମରେ ସାତଦିନ ବ୍ୟାପକ ରିଲିଫ୍ ଓ ଜରୁରିକାଳୀନ ସହାୟତା ମଞ୍ଜୁର କରିବା ସହିତ ଗୃହପାଳିତ ପଶୁଙ୍କ ପାଇଁ ଗୋଖାଦ୍ୟ ଓ ଶୁଖିଲା ଖାଦ୍ୟ ପର୍ଯ୍ୟାପ୍ତ ପରିମାଣର ଯୋଗାଇ ଦେବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଚିଠି ଲେଖି ଜଣାଇଛନ୍ତି।

ବନ୍ୟାରେ ଆଳି ଧୋୟାଞ୍ଚଳ ଉବୁଟୁବୁ

ଆଳି, ୧୮।୮(ସମିସ): ଆଳି ବ୍ଲକ୍ ଚତୁପାର୍ଶ୍ୱରେ ପ୍ରବାହିତ ଖରସ୍ରୋତା, ବ୍ରାହ୍ମଣୀ, ଖରସ୍ରୋତାର ଶାଖା କାଣୀ ନଦୀରେ ପୁଣି ବନ୍ୟା ଆସିବା ଯୋଗୁଁ ଆଳି ରିଙ୍ଗବନ୍ଧ ବାହାରେ ଥିବା ୧୯ଟି ପଞ୍ଚାୟତର ୮୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ପତ୍ରପୁର ସେତୁ ନିକଟରେ ବ୍ରାହ୍ମଣୀ ନଦୀର ବିପଦ ସଙ୍କେତ ୧୬ ଫୁଟ ଥିବାବେଳେ ଗତକାଲି ଏହା ବିପଦ ସଂକେତ ଅତିକ୍ରମ କରିଥିବାବେଳେ ଆଜି ୧୮.୫୦ ଫୁଟରେ ପ୍ରବାହିତ ହେଉଛି। ଖରସ୍ରୋତା ନଦୀର ରାଜବାଟି ନିକଟରେ ବିପଦ ସଙ୍କେତ ୧୪.୫୦ ଫୁଟ ଥିବାବେଳେ ୧୫.୫୦ଫୁଟ ରହିଛି। ସେହିପରି ମଧୁସୂଦନପୁରେ ବିପଦ ସଙ୍କେତ ୨୭.୭୭ ଫୁଟ ଥିବାବେଳେ ଏହା ଅତିକ୍ରମ କରି ୩୦ ଫୁଟ ଉପରେ ପ୍ରବାହିତ ହେଉଛି। ଆଳି-ଗୋବିନ୍ଦପୁର ରାସ୍ତାର ମାନପୁର ଘୋଷରା ନିକଟ ମୁଖ୍ୟ ରାସ୍ତାରେ ୫ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବାବେଳେ

ମଧୁବନରୁ ଗୋବିନ୍ଦପୁର ରାସ୍ତା ମଧ ସମ୍ପୂର୍ଣ୍ଣ ବୁଡ଼ିଯାଇଛି। ସଂସିଧା, କୁଆଣିଆ, କେତୁଆପାଳ, ଅରଗଳ, ଡିମିରିପାଳ, ଗୋବିନ୍ଦପୁର, ଦେସାହି, ଏରଡଙ୍ଗ, ପାଳିମି, ପେତପଡା ଆଦି ପଞ୍ଚାୟତର ୬୦ ହଜାର ଲୋକ ସଦର ମହକୁମାଠାରୁ ବିଚ୍ଛିନ୍ନ ହୋଇଛି। ବନ୍ୟା ଘେରରେ ଥିବା ଲୋକମାନେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। କୁମ୍ଭୀର ଓ ବିଷଧର ସାପ ବୁଲୁଥିବାରୁ ବନ୍ୟା ପୀଡିତ ଭୟଭୀତ ହୋଇପଡିଛନ୍ତି। ବନ୍ୟା ପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ, ଗୋଖାଦ୍ୟ, ପିଇବା ପାଣି, ଡଙ୍ଗା ଯୋଗାଇ ଦେବାକୁ ବନ୍ୟା ପ୍ରଭାବିତ ଲୋକେ ଦାବି କରିଛନ୍ତି। ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରଙ୍କ ତରଫରୁ ଆଜି ଶୁଖିଲା ଖାଦ୍ୟ ଓ ପିଇବା ପାଣି ଆସି ପହଞ୍ଚିଛି।

ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ରାଜନଗର, ୧୮।୮(ସମିସ): ଲଗାଣ ବର୍ଷା ଲାଗି ରହିଥିବାବେଳେ ବନ୍ୟା ପାଣି ବଢ଼ିବାରେ ଲାଗିଛି। ଫଳରେ ରାଜନଗରର ୬ ପଞ୍ଚାୟତ ବନ୍ୟା ପାଣି ଘେରରେ ରହିଛି। ରାଜନଗର ବ୍ଲକର ୩୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର, ବାଲିସାହିପାଟଣା, କେରଡ଼ାଗଡ଼ ପଞ୍ଚାୟତ ପାଣି ଘେରରେ ରହିଛି। ୪ ଦିନ ହେଲା ୬ ପଞ୍ଚାୟତରେ ବନ୍ୟା ତାଣ୍ଡବ ରଚିବାରେ ଲାଗିଛି। ବିଲକୁ ବୁଡାଇ ବନ୍ୟା ଜଳ ଗାଁ ଦାଣ୍ଡ, ରାସ୍ତା, ବିଦ୍ୟାଳୟ, ମନ୍ଦିର, ମେଡିକାଲ ମଧ୍ୟରେ ପାଣି ପଶିଛି। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ବନ୍ୟା ବିପନ୍ନ ରାଜନଗର

ବ୍ଲକର ବନ୍ଧପଡା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣତେଳା, ଫିରିକିଦାଣ୍ଡି ଆଦି ପଞ୍ଚାୟତକୁ ଯାଇ ବିପନ୍ନଙ୍କ ସହିତ ଆଲୋଚନା କରିବା ସହ ସ୍ଥିତି ପରଖିଛନ୍ତି। ବିଧାୟକ ଶ୍ରୀ ସାହୁଙ୍କ ସହିତ ବ୍ଲକ୍ ବିଜେଡ଼ି ସଭାପତି ନିରଞ୍ଜନ ରାଉତ, ଆମ୍ବ ଅଧ୍ୟକ୍ଷ କୈଳାସ ପରିଡା, ରାଜ୍ୟ ଛାତ୍ର ବିଜେଡି ଉପସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ, ବରିଷ୍ଠ ନେତା ସର୍ବେଶ୍ୱର ମହାନ୍ତି, ଦିଲ୍ଲୀପ ପାତ୍ର, ନରେନ୍ଦ୍ର ସ୍ୱାଇଁ, ଛାତ୍ର ନେତା ପରମେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ବନ୍ୟାରେ ଭାସିଗଲେ କୁଶାସନ

ରାଜନଗର,୧୮।୮(ସମିସ): ବ୍ରାହ୍ମଣୀରେ ପୁଣି ବନ୍ୟା ଆସିବା ଫଳରେ ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ସନ୍ଧ୍ୟାରେ ବଳଭଦ୍ରପୁର ଗ୍ରାମର କୁଶାସନ ମହାନ୍ତି ଶ୍ରୀରାମପୁର ଗ୍ରାମରୁ ନିଜ ଗାଁକୁ ପାଣିରେ ପଶି ଆସିବା ବେଳେ ବନ୍ୟା ସ୍ରୋତରେ ଭାସି ଯାଇଥିଲେ। ସ୍ୱେଚ୍ଛାସେବୀ ସଂଗଠନ ସାଇନି ଫାଉଣ୍ଡେସନ ଟ୍ରଷ୍ଟ ସଦସ୍ୟ ଭାସିଯାଉଥିବା କୁଶାସନଙ୍କୁ ଉଦ୍ଧାର କରି ନୂଆ ଜୀବନ ଦେଇଛନ୍ତି।

ଜଳସମ୍ପଦ ଅଧିକାରୀଙ୍କ ଧୋୟାଞ୍ଚଳ ପରିଦର୍ଶନ

ଗୋବିନ୍ଦପୁର, ୧୮।୮(ସମିସ): ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଯୋଗୁଁ ଆଳି ଧୋୟାଞ୍ଚଳ ଜଳମଗ୍ନ ହେବା ସହିତ ଖରସ୍ରୋତା ଓ କାଣୀ ନଦୀରେ କେତେକ ସ୍ଥାନରେ ନଦୀ ବନ୍ଧ ଉଛୁଳି ବନ୍ୟା ଜଳ ପ୍ରବାହିତ ହେଉଛି। ଆଜି ଜଳ ସମ୍ପଦ ନିର୍ବାହୀ ଯନ୍ତ୍ରୀ ସମ୍ବିତ ସାହୁ ଦେସାହି, ପାଳିମି, ମୋହନପୁର, ଗୋବିନ୍ଦପୁର ଅଞ୍ଚଳ ବୁଲି ବନ୍ୟା ଓ ନଦୀବନ୍ଧର ଅନୁଧ୍ୟାନ କରିଛନ୍ତି। ବନ୍ୟାର ମୁକାବିଲା ଓ ଲୋକଙ୍କୁ ସୁରକ୍ଷା ଦେବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସାହୁ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ କହିଥିଲେ। ସହକାରୀ ଯନ୍ତ୍ରୀ ଧ୍ରୁବଚରଣ ବେହେରା, କନିଷ୍ଠ ଯନ୍ତ୍ରୀ ଦାମୋଦର ମଲ୍ଲିକ, ସମାଜସେବୀ ଧର୍ମେନ୍ଦ୍ର ସାମଲ ସାମିଲ ଥିଲେ।

ନଗଡ଼ ଗାଁର ଜଳବନ୍ଦୀ ଲୋକଙ୍କୁ ଭେଟିଲେ ଏଡିଏମ

ରାଜନଗର,୧୮।୮(ସମିସ): ଲଗାତର ବ୍ରାହ୍ମଣୀରେ ବନ୍ୟା ଆସିବା ଯୋଗୁଁ ରାଜନଗର ବ୍ଲକ ବ୍ରାହ୍ମଣୀ ନଦୀ କୂଳରେ ବସବାସ କରୁଥିବା ଓସ୍ତିଆ ପଞ୍ଚାୟତ ନଗଡ଼ ଗାଁର ଚାରିଶହ ବନ୍ୟା ବିପନ୍ନ ଲୋକଙ୍କୁ ମଙ୍ଗଳବାର ଏଡିଏମ ରବୀନ୍ଦ୍ର ମଲ୍ଲିକ ଭେଟି ସେମାନଙ୍କର ଦୁଃଖ ବୁଝିଛନ୍ତି। ୪ ଦିନ ହେଲା ସେମାନଙ୍କ ଘର ଭିତରେ ପାଣି ପଶିଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ତାଙ୍କ ସହିତ ବିଡିଓ ଅଶୋକ ମହାନ୍ତି, ତହସିଲଦାର ଯୀଶୁଖ୍ରୀଷ୍ଟ ଦାସ, ବିଏସଏସଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

୧୦ନଂ ୱାର୍ଡରେ ବିଜେପି ଏସସି ମୋର୍ଚ୍ଚାର ରିଲିଫ ବଣ୍ଟନ

ପଟ୍ଟାମୁଣ୍ଡାଇ,୧୮।୮(ସମିସ): ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ୧୧ଟି ୱାର୍ଡ ପ୍ରଭାବିତ ହୋଇଥିବାବେଳେ ୧୦ନଂ ୱାର୍ଡ ବିଶେଷ ଭାବେ ପ୍ରଭାବିତ ହୋଇଛି। ରାଜନଗର ବିଜେପି ନେତା ଲଳିତ ବେହେରାଙ୍କ ନିର୍ଦ୍ଦେଶରେ ଜିଲ୍ଲା ବିଜେପି ଏସସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଆଡଭୋକେଟ ଶିଶିର ମଲିକ, ନଗର ବିଜେପି ସମ୍ପାଦକ ଗୋଲକ ମଲିକ ଓ ଶମ୍ଭୁନାଥ ମଲିକ ପ୍ରମୁଖ ଡଙ୍ଗାରେ ଯାଇ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଓ ପାଣି ବଣ୍ଟନ କରିଛନ୍ତି।

ବନ୍ୟା ପ୍ରଭାବିତଙ୍କୁ ସହାୟତା ପାଇଁ କଂଗ୍ରେସର ଦାବିପତ୍ର

ରାଜନଗର,୧୮।୮(ସମିସ): ରାଜନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଦୀର୍ଘ ୨୫ ଦିନ ହେଲା ବନ୍ୟା ପାଣି ଘେରରେ ରହିଥିବାବେଳେ ସରକାର ନା ପ୍ରଶାସନିକ ଅଧିକାରୀଙ୍କ ଦେଖାନାହିଁ। ଏ ସମ୍ପର୍କରେ ଆଜି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳଙ୍କୁ ୫ ଦଫା ଦାବି ସମ୍ବଳିତ ମାନପତ୍ର କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଦେଇଛନ୍ତି। ତୁରନ୍ତ ବନ୍ୟା ବିପନ୍ନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ରିଲିଫ ସାମଗ୍ରୀ ଓ ଲୋକଙ୍କୁ ବୋଟ ଯୋଗାଇ ଦେବାକୁ କଂଗ୍ରେସ ନେତା ପ୍ରଶାନ୍ତ କୁମାର ରାଉତ ଦାବି କରିଛନ୍ତି। କୃଷକଙ୍କ କୃଷି ଋଣ ଛାଡ, ଚାଷ ପାଇଁ ସାର, ବିହନ ମାଗଣାରେ ପ୍ରଦାନ, ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫିସ ଛାଡ଼ ଆଦି ଦାବି କରାଯାଇଛି। ଶ୍ରୀ ରାଉତଙ୍କ ସହ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର

ବିଶ୍ୱାଳ, ୩୦ନଂ ଜୋନ ସଭପତି ଚିତ୍ତରଞ୍ଜନ କୁଣ୍ଡ, ସାଧାରଣ ସମ୍ପାଦକ ସମରେନ୍ଦ୍ର ପ୍ରଧାନ, ଓସ୍ତିଆ ପଞ୍ଚାୟତ ସାଧାରଣ ସମ୍ପାଦକ କମଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ବୈତରଣୀ ବନ୍ୟାରେ କନପୁର ଅଧିକ କ୍ଷତିଗ୍ରସ୍ତ

ରାଜକନିକା,୧୮।୮(ସମିସ): ବୈତରଣୀ ଓ ଖରସ୍ରୋତା ବନ୍ୟାରେ ଉବୁଟୁବୁ ରାଜକନିକା। ବାରହାଦୋମଣ୍ଡା, ପ୍ରଧାନପଡା, ପାରିନୂଆପଡା, ତ୍ରୈଲୋକ୍ୟପୁର, ସିକୋ, କାଟଣାବଣିଆ ଆଦି ପଞ୍ଚାୟତର ୪୦ରୁ ଅଧିକ ଗାଁ ଏବେ ପାଣି ଘେରରେ ରହିଛି। କନପୁରର ଶହେରୁ ଉର୍ଦ୍ଧ୍ୱ ଘରେ ପାଣି ପଶିଛି, ଘର ଭୁଶୁଡ଼ିଛି। କଏମା କନପୁର ଓ ବାରହା କନପୁରରେ ଆଜି ଅପରାହ୍ନରୁ ବନ୍ୟା ପାଇଁ ଆତଙ୍କ ଖେଳିଛି। ବନ୍ୟା ବନ୍ଧ ଉପର ଦେଇ ପାଣି ପ୍ରବାହିତ ହେବାରୁ ତା' ଉପରେ ବାଲିବସ୍ତା ଦିଆଯାଇଛି। ୨୦୧୧ର ଭୟଙ୍କର ବନ୍ୟାକୁ ଟପିଯାଇଛି ବନ୍ୟା ସ୍ଥିତି। ଗତ ୬ ଦିନ ହେଲାଣି ବୈତରଣୀ ବନ୍ୟାରେ ବୁଡିଛି କନପୁର ଗାଁ। ସେହିପର ଗୁଣ୍ଡଳ ଗାଁରେ ମଧ ସମାନ ସ୍ଥିତି। ଖଟ, ଆଲମିରା, ବାସନ ପାଣିରେ ଭାସିଲାଣି। ନଳକୂପ ବୁଡିଯିବାରୁ ପିଇବା ପାଣି ପାଇଁ ୧୦୦ ପରିବାର ୫ ଫୁଟ ପାଣିରେ ପଶି ୧ କିମି ଦୂର ଡଙ୍ଗାରେ ଯାଇ ପାଣି

ଆଣୁଛନ୍ତି। ବିପନ୍ନଙ୍କୁ ସଠିକ୍ ଭାବେ ରିଲିଫ ଯୋଗାଣ ହେଉ ନ ଥିବା ବିପନ୍ନ ଅଭିଯୋଗ କରିଛନ୍ତି।

ବିପର୍ଯ୍ୟୟପ୍ରବଣ ଗଙ୍ଗାଧରପ୍ରସାଦଡିଆରେ ପହଞ୍ଚିଲେ ଜିଲ୍ଲାପାଳ

ରାଜକନିକା,୧୮।୮(ସମିସ): ନଦୀ ଘେରି ରହିଥିବା ଦ୍ୱୀପଗ୍ରାମ ଗଙ୍ଗାଧରପ୍ରସାଦଡିଆକୁ ଆଜି ଜିଲ୍ଲାପାଳ ରଘୁରାମ ଆର ଆୟର ପହଞ୍ଚି ଗାଁ ଲୋକଙ୍କ ସହ ଆଲୋଚନା କରି ଏଠାକାର ଜନଜୀବନ ସମ୍ପର୍କରେ ଅବଗତ ହୋଇଛନ୍ତି। ଆଜି ପୂର୍ବାହ୍ନ ୧୧. ୪୦ ସମୟରେ ଜିଲ୍ଲାପାଳ ପହଞ୍ଚିଥିଲେ। ବନ୍ୟାରେ ବୁଡ଼ିଥିବା ଏହି ଗାଁର ପ୍ରବେଶ ପଥର ସ୍କୁଲ ନିକଟରେ ଅପେକ୍ଷା କରିଥିବା ଗ୍ରାମବାସୀଙ୍କୁ ଭେଟି ସେମାନଙ୍କର ମୁଖ୍ୟ ସମସ୍ୟା ନଦୀରେ ପୋଲ ଓ ବନ୍ୟା ଆଶ୍ରୟସ୍ଥଳର ଦାବି କରିଥିଲେ। ବିଭିନ୍ନ ସମୟରେ ଗ୍ରାମବାସୀ ତାଙ୍କର ଏହି ସମସ୍ୟା ପାଇଁ ଜିଲ୍ଲାପାଳଙ୍କୁ ଆସିବାକୁ ଅନୁରୋଧ କରିବା ଘଟଣାରେ ତତକ୍ଷଣାତ ଜିଲ୍ଲାପାଳ ଏହି ଗାଁକୁ ଆସିବା ପରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲ୍ଲାପାଳ ବନ୍ୟା ପାଣିରେ ପଶି ଗାଁ ଭିତରକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ଓ ଗାଁ ଲୋକଙ୍କ ଦାବି ମୁତାବକ ଆବଶ୍ୟକ ସୁବିଧା କରିବାକୁ ପ୍ରତିଶ୍ରୁତି ଦେଇଥିବା ଗାଁ ଲୋକେ କହିଛନ୍ତି।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟସେବା

ରାଜନଗର,୧୮।୮(ସମିସ): ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ୪ ଦିନ ହେବ ଅଞ୍ଚଳବାସୀ ବନ୍ୟା ଘେରରେ ଜଳବନ୍ଦୀ ହୋଇ ରହିଥିବାବେଳେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ଆଜି ଡାକ୍ତର ରଶ୍ମିରଞ୍ଜନ ମହାନ୍ତି, ଡାକ୍ତର ମନୋରଞ୍ଜନ ନାଥଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗ ଟିମ ବନ୍ୟା ପ୍ଲାବିତ ଓସ୍ତିଆ ପଞ୍ଚାୟତର ଜଳବନ୍ଦୀ ଗ୍ରାମ ନଗଡ଼ରେ ପ୍ରଭାବିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଫାର୍ମାସିଷ୍ଟ କ୍ରିଷ୍ଣାରାଣୀ ଶତପଥୀ, ଏଏନଏମ ନନ୍ଦିନୀ ଦାସ, ସ୍ମିତାରାଣୀ ସାମନ୍ତରାୟ, ଶରତ ଚନ୍ଦ୍ର ଦାସ, ରେବତୀ ପରିଡ଼ା, ଅନୀତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

କୁମ୍ଭୀର ଆକ୍ରମଣରେ ଷଣ୍ଢ ଗୁରୁତର

ରାଜନଗର,୧୮।୮(ସମିସ): ବନ୍ୟା ଯୋଗୁଁ ଏବେ କୁମ୍ଭୀରଙ୍କ ଆତଙ୍କ ବନ୍ୟା ପୀଡ଼ିତଙ୍କ ଆଖିରୁ ନିଦ ହଜାଇ ଦେଇଛି। ଭିତରକନିକା ଜାତୀୟ ଉଦ୍ୟାନ ସହିତ ବ୍ରାହ୍ମଣୀ, ବୈତରଣୀ ନଦୀ ସଂଯୋଗ ରହିଥିବାରୁ କୁମ୍ଭୀର ବନ୍ୟା ପାଣିରେ ଆସି ବିପନ୍ନ ଲୋକ, ଗୃହପାଳିତ ପଶୁ ଓ ବୁଲା ଷଣ୍ଢ ପାଇଁ ମୃତ୍ୟୁର କାରଣ ହୋଇଛି। ସୋମବାର ସନ୍ଧ୍ୟାରେ ବନ୍ଧପଡା ପଞ୍ଚାୟତ ସନ୍ଥପଡା ଗାଁ ମୁଣ୍ଡରେ ଷଣ୍ଢ ଆଶ୍ରୟ ନେଇଥିବାବେଳେ ଏକ ପନ୍ଦର ଫୁଟ ଲମ୍ବର କୁମ୍ଭୀର ଆକ୍ରମଣ କରି ଷଣ୍ଢର ହାକୁଡ଼ ଓ ଶରୀରର ଅନ୍ୟ ଅଂଶ ଝୁଣି ନେବାରୁ ଷଣ୍ଢ ଗୁରୁତର ହୋଇଛି।

ଡେରାବିଶ ବିଡିଓଙ୍କୁ ଦୁର୍ବ୍ୟବହାର: ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ବିଡିଓ

କେନ୍ଦ୍ରାପଡ଼ା/ଡେରାବିଶ,୧୮।୮(ସମିସ): ଡେରାବିଶ ବ୍ଲକରେ ମହିଳା ବିଡିଓଙ୍କୁ ଦୁର୍ବ୍ୟବହାର ଅଭିଯୋଗକୁ ନେଇ ବିବାଦ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଗୋଟିଏ ପଟେ ବ୍ଲକର ମହିଳା ବିଡିଓ ନମିତା ବାରିକ ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବାବେଳେ ଅନ୍ୟପଟେ ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀ କରି ବିଡିଓ ଓ ବ୍ଲକ କର୍ମଚାରୀଙ୍କ ପକ୍ଷରୁ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଫଳରେ ଘଟଣାରେ ନୂଆ ମୋଡ଼ ଆସିଛି। ବିଡିଓଙ୍କ ଅଭିଯୋଗ ଅନୁଯାୟୀ, ଗତ ଶୁକ୍ରବାର ଦିନ ପ୍ରାୟ ୧ଟା ୪୫ରୁ ୨ଟା ମଧ୍ୟରେ ଉମାକାନ୍ତ ପଟ୍ଟନାୟକଙ୍କ ସମେତ କିଛି ସମର୍ଥକ ତାଙ୍କ ଚାମ୍ବର ଭିତରକୁ ପ୍ରବେଶ କରି ତାଙ୍କୁ କଟୁ ଭାଷାରେ ଗାଳିଗୁଲଜ କରିଥିଲେ। ଘଟଣା ପରେ ସେ ମାନସିକ ଭାବେ ଆଘାତପ୍ରାପ୍ତ ହେବା ସହ ଉଚ୍ଚ ରକ୍ତଚାପ ଯୋଗୁଁ ଅସୁସ୍ଥ ହୋଇପଡ଼ିଥିବା ଓ ସଂଜ୍ଞାହୀନ ହୋଇଯାଇଥିବା ଅଭିଯୋଗ କରିଛନ୍ତି। ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ ଭୁବନେଶ୍ୱରର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ଚିକିତ୍ସା ହୋଇଥିବା ଜଣାପଡ଼ିଛି। ଚିକିତ୍ସା ପରେ ଫେରି ବିଡିଓ ନମିତା ବାରିକ ସୋମବାର ଜିଲ୍ଲାପାଳ ରଘୁରାମ ଆର୍. ଆୟାରଙ୍କୁ ଭେଟି ଘଟଣା ସମ୍ପର୍କରେ ନିଜର ଅଭିଯୋଗ ଜଣାଇଛନ୍ତି। ଅଭିଯୋଗରେ ଉମାକାନ୍ତଙ୍କ ସମେତ ଜଣେ ଜିଲ୍ଲା ପରିଷଦ ସଭ୍ୟ, ତିନିଜଣ ମଣ୍ଡଳ ସଭାପତି ଓ ଜଣେ ବିଜେପି ନେତାଙ୍କ ନାମ ଥିବା କୁହାଯାଇଛି। ଘଟଣାକୁ ନେଇ ବ୍ଲକ କର୍ମଚାରୀଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ କର୍ମଚାରୀ ସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କୁ ଭେଟି ୭ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହ ପ୍ରତିବାଦ ସ୍ୱରୂପ ବୁଧବାର କଲମ ଛାଡ଼ ଆନ୍ଦୋଳନ କରିବାକୁ କର୍ମଚାରୀ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

